RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-75 ◆MONDAY ◆8 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୭୫ ◆ସୋମବାର ◆୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






## ଏସିଆ କପ୍ ପୁରୁଷ ହକି
# ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। (ବିବରଣୀ: ପୃଷ୍ଠା-୧୨)


'ବ୍ଲଡ୍ ମୁନ୍'

# ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି। ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା। ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା।

# ଧସିଲା କଳିଙ୍ଗା ଘାଟି




■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସୁଛି। ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି। ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ। ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି।

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି।

**ମୁଣ୍ଡଳୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▶ପୃଷ୍ଠା-୭



# ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି।"

# ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା। ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି। ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି। ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ। ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହାରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ। ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି। ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା। ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ। ▶ପୃଷ୍ଠା-୭

# ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

■ **ମୁମ୍ବଇ, ୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି। ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି। ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▶ପୃଷ୍ଠା-୭

**୧୩ ନିଖୋଜ**



# ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାଫଳ ।।ରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ। କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି। ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▶ପୃଷ୍ଠା-୭

## ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
# ଆଶା-ଆଶଙ୍କାରେ ଦଳଡିଆଁ

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି। ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି। ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିପିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା। ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▶ପୃଷ୍ଠା-୭

## ଲଗାମଛଡ଼ା କଳାବଜାରୀ
# ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି। ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି। ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି। ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି। ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଲାମ୍ପସ୍, ପାକ୍‌ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▶ପୃଷ୍ଠା-୭

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**



## ମିଳୁନି ୟୁରିଆ
# ଜାତୀୟ ରାଜପଥ ଅବରୋଧ

■ **ଏମିଭି-୭୯/ମାଲକାନଗିରି, ୭।୯ (ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କାଲିମେଲା ଲ୍ୟାମ୍ପ୍‌ସ ଏମ୍‌ଡି ଚନ୍ଦନ କୁମାର ମଦଳାଙ୍କ ନେତୃତ୍ୱରେ ଲ୍ୟାମ୍ପ୍‌ସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▶ପୃଷ୍ଠା-୭

# ରାଜଧାନୀରେ ପୁଣି ହତ୍ୟା

## ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ



■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ। ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି। ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ। ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡ଼ୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ। କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଆଜି ସନ୍ଧ୍ୟାରେ ▶ପୃଷ୍ଠା-୭

### 'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ଇତିହାସ ସୃଷ୍ଟିକଲେ


# ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଲେ ଅନୁପର୍ଣ୍ଣା ରାୟ



ମୁମ୍ବାଇ, ୭।୯ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଅନୁପର୍ଣ୍ଣା ରାୟ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଶେଷ ହୋଇଥିବା 'ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ପ୍ରଥମ ଚଳଚ୍ଚିତ୍ରରେ ଅନୁପର୍ଣ୍ଣା ଏହି କୃତିତ୍ୱ ହାସଲ କରିଛନ୍ତି। 'ସଙ୍ଗସ ଅଫ୍ ଫରଗଟନ ଟ୍ରିଜ୍' ପାଇଁ ସେ ଏହି ପୁରସ୍କାର ହାତେଇଛନ୍ତି। ଫରଗଟନ ଟ୍ରିଜ୍ ଚଳଚ୍ଚିତ୍ରକୁ ଅନୁରାଗ କଶ୍ୟପ ଉପସ୍ଥାପନ କରିଥିଲେ। 'ଓରିଜୋଣ୍ଟି କମ୍ପିଟେସନ ସେକ୍ସନ'ରେ ଏହାର ପ୍ରିମିୟର ଅନୁଷ୍ଠିତ ହୋଇଥିଲା। ନୂଆ ଧାରା ଏବଂ ପ୍ରତିଭାଙ୍କୁ ସାମ୍ନାକୁ ଆଣୁଥିବା ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ। ଚଳିତ ଥର ପ୍ରଥମ ଫିଲ୍ମ, ଇଣ୍ଡି ଫିଚର୍ସ ଏବଂ କମ୍ ପରିଚୟ ହାସଲ କରିଥିବା ଚଳଚ୍ଚିତ୍ରକୁ ଧ୍ୟାନ ଦିଆଯାଇଥିଲା। ଅନୁପର୍ଣ୍ଣା ଏହି ପୁରସ୍କାରକୁ ଜୋର ଜବରଦସ୍ତି ଚୁପ୍ କରାଯାଇଥିବା, ଅଣଦେଖାର ଶିକାର ହୋଇଥିବା ଏବଂ କ୍ଷମତାକୁ କମ୍ କରି ଆକଳନ କରାଯାଇଥିବା ମହିଳାଙ୍କୁ ସମର୍ପିଛନ୍ତି। ଏହି ବିଜୟ ଦ୍ୱାରା ଅନେକ ରୁଦ୍ଧ ସ୍ୱର, ଅକୁହା କାହାଣୀ ଏବଂ କ୍ଷମତା ବାହାରକୁ ଆସିବ ବୋଲି ସେ କହିଛନ୍ତି। ଏହି ଚଳଚ୍ଚିତ୍ର ଜଣେ ମହିଳାଙ୍କ କାହାଣୀ ଉପରେ ଆଧାରିତ।

### ବୟସ୍କ ହେଲେ ଜାପାନ ରାଜକୁମାର ହିସାହିତୋ

# ୪୦ ବର୍ଷ ପରେ ପୁରୁଷ ସଦସ୍ୟ ହେଲେ ବୟସ୍କ



ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜାପାନ ରାଜକୁମାର ହିସାହିତୋ ଏବେ ଆନୁଷ୍ଠାନିକ ଭାବେ ବୟସ୍କ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ରାଜମହଲରେ ୧୯ ବର୍ଷୀୟ ହିସାହିତୋଙ୍କ ବୟସ୍କ ହେବା ନେଇ ଏକ ଉତ୍ସବ ତଥା ସମାରୋହର ଆୟୋଜନ ହୋଇଥିଲା। ସେ ସମ୍ରାଟ୍ ନାରୁହିତୋଙ୍କ ଭଣଜା। ସବୁଠାରୁ ବଡ଼ କଥା ହେଉଛି ଯେ, ଗତ ୪୦ ବର୍ଷରେ ପ୍ରଥମଥର ପାଇଁ ରାଜ ପରିବାରର ଜଣେ ପୁରୁଷ ସଦସ୍ୟ ବୟସ୍କ ହୋଇଛନ୍ତି। ହିସାହିତୋ ବୟସ୍କ ହେବା ପରେ ରାଜ ପରିବାରେ ଆନନ୍ଦର ଲହରି ଖେଳିଯାଇଛି। ଫଳରେ ସେ ଏବେ ରାଜସିଂହାସନର ଉତ୍ତରାଧିକାରୀ ସୂଚୀରେ ଦ୍ୱିତୀୟସ୍ଥାନରେ ରହିଛନ୍ତି। ଏହି ଉତ୍ସବ ରାଜ ପରିବାରରୁ ହିଁ ଆରମ୍ଭ ହୋଇଛି। ହିସାହିତୋଙ୍କୁ ସମ୍ରାଟଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାର ମୁକୁଟ ଦିଆଯାଇଛି। ଏଥିସହ ସେ ରାଜପରିବାରର ଜଣେ ବୟସ୍କ ସଦସ୍ୟ ହୋଇଛନ୍ତି। ଏହି ଉତ୍ସବ ଗୋଟିଏ ବର୍ଷ ପାଇଁ ବିଳମ୍ବିତ ହୋଇଥିଲା। କାରଣ ହିସାହିତୋ ସେତେବେଳେ ନିଜ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ଧ୍ୟାନ କେନ୍ଦ୍ରିତ କରୁଥିଲେ। ସେ ବୟସ୍କତା ପ୍ରତୀକ ଭାବେ ପରିଗଣିତ ହେଉଥିବା ରାଜ ପରିବାରର ପାରମ୍ପରିକ ବସ୍ତ୍ର ପରିଧାନ କରିଥିଲେ। ଏହାପରେ ସେ ଔପଚାରିକ ପୋଷାକ ପିନ୍ଧି ରାଜ ପରିବାର ରଥରେ ୩ଟି ପବିତ୍ର ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଥିଲେ।

### ୨୫୦୦ କୋଟିର ର୍ୟାକେଟ୍

# ଦୁବାଇରେ ଡ୍ରଗ୍ସ ସମ୍ରାଟ୍

ନୂଆଦିଲ୍ଲୀ, ୭।୯ (ଏଜେନ୍ସି): ଗତ ବର୍ଷ ନଭେମ୍ବର ୧୪ରେ ଦିଲ୍ଲୀର ନାଙ୍ଗଲୋଇରୁ ୨୫୦୦ କୋଟି ଟଙ୍କାର ୮୨ କେଜି କୋକେନ ଜବତ ହୋଇଥିଲା। ସାରା ଦେଶରେ ଚର୍ଚ୍ଚାରେ ଥିବା ଏହି ମାମଲାର ତଦନ୍ତରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ହାତରେ ବଡ଼ ପ୍ରମାଣ ଲାଗିଛି। ଏହା ପଛର ମାଷ୍ଟରମାଇଣ୍ଡକୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତର ନାମ ପବନ ଠାକୁର। ସେ ଦୁବାଇରେ ରହି ଏହି କଳା କାରବାର ଚଳାଇଛି। ଡ୍ରଗ୍ସ ଧରା ପଡ଼ିବା ପରେ ସେ ପରିବାର ସହ ଭାରତରୁ ଫେରାର ହୋଇଯାଇଥିଲା। ସେଠାରେ ରହି ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛି। ପ୍ରଥମ ଥର ପାଇଁ ଏନ୍‌ସିବି ଏହା ବିରୋଧରେ 'ଇଣ୍ଟରନ୍ୟାସନାଲ ତଥା ଇଣ୍ଟରପୋଲ ସିଲ୍‌ଭର ନୋଟିସ' ଜାରି କରିଛି। ଅନ୍ତର୍ଜାତୀୟ ନିଶା କାରବାର ବିରୋଧରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଅଧିକାରୀମାନେ କହୁଛନ୍ତି।

ସୂଚନା ଅନୁଯାୟୀ ସେ ମେକ୍ସିକୋରୁ ଏକ ବନ୍ଦର ଦେଇ ପବନ କୋକେନ ଭାରତକୁ ଆଣିଥିଲା। ପରେ ଟ୍ରକ୍ ଯୋଗେ ଏହାକୁ ଦିଲ୍ଲୀର ଏକ ଗୋଦାମ ଘରେ ରଖିଥିଲା। ଅଷ୍ଟ୍ରେଲିଆରୁ ଆହୁରି ଡ୍ରଗ୍ସ ଆଣିବାକୁ ଯୋଜନା କରିଥିଲା। ଏହି ନୋଟିସ୍ ଅନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଅଭିଯୁକ୍ତର ସମ୍ପତ୍ତି, ବ୍ୟବସାୟ



ଏବଂ ଆର୍ଥିକ କାର୍ଯ୍ୟଗୁଡ଼ିକୁ ଠାବ କରିବାକୁ ଅନୁମତି ଦେଇଥାଏ। ଏହା ଇଣ୍ଟରପୋଲର ୧୯୬ ସଦସ୍ୟ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ପ୍ରଦାନ ଏବଂ ଅବୈଧ ସମ୍ପତ୍ତି ଜବତକୁ ସହଜ କରିଥାଏ। ୟୁଏଇ, ସିଙ୍ଗାପୁର, ହଂକଂ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ଏହି ସିଲ୍‌ଭର ନୋଟିସ ପଠାଇ ଦିଆଯାଇଛି। ଅଭିଯୁକ୍ତ ପବନ ଏହି ସବୁ ଦେଶରେ ରିୟଲ ଇଷ୍ଟେଟ କାରବାର ଚଳାଇଛି। ସେଲ୍ କମ୍ପାନୀରେ ନିବେଶ କରି ଅନେକ ସଂଗଠନ ଚଳାଉଥିବା ବିଶ୍ୱାସ କରାଯାଉଛି।

ପବନ କେବଳ କୋକେନ କାରବାର

### ଅଭିଯୁକ୍ତ ପବନ ଠାକୁର ବିରୋଧରେ ସିଲ୍‌ଭର ନୋଟିସ

### ହାୱାଲା କାରବାର, ମନି ଲଣ୍ଡରିଂ ବ୍ୟବସାୟରେ ମଧ୍ୟ ଜଡ଼ିତ

### ଦୁବାଇରେ ରହିଛି ବିଳାସପୂର୍ଣ୍ଣ କାର୍ ଓ ଭିଲା

ନୁହେଁ, ବହୁ ପୂର୍ବରୁ ହାୱାଲା ର୍ୟାକେଟ ଏବଂ ମନି ଲଣ୍ଡରିଂ ବ୍ୟବସାୟ ଚଳାଉଥିଲା। ସେ ଦିଲ୍ଲୀର କୁଚ ମହାଜାନୀ ବଜାରରେ ହାୱାଲା ଏଜେଣ୍ଟ ଭାବେ କାମ କରୁଥିଲା। ସେ ଧିରେ ଧିରେ ବେଆଇନ କାରବାରକୁ ଲୁଚାଇବା ପାଇଁ ବଡ଼ ଧରଣର ନିଶାଦ୍ରବ୍ୟ ଚାଲାଣରେ ସାମିଲ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ମତରେ ପବନର କାରବାର ଭାରତ ସହିତ ଦୁବାଇରେ ବ୍ୟାପିଛି। ନିଶା କାରବାରରୁ ସେ ପାଉଥିବା କଳାଧନକୁ ଏକ ବଡ଼ ହାୱାଲା ସିଷ୍ଟମ ମାଧ୍ୟମରେ ପଠାଯାଉଥିଲା। ପ୍ରମାଣ ଭାବେ ଭାରତ, ଚୀନ୍, ସିଙ୍ଗାପୁର, ହଂକଂ ଏବଂ ୟୁଏଇରେ କ୍ରିପ୍ଟୋକରେନ୍ସି କାରବାର ଏବଂ ସୀମାପାର ସେଲ୍ କମ୍ପାନୀଗୁଡ଼ିକର ବ୍ୟବହାର କରାଯାଉଥିଲା।

ତଦନ୍ତ ରିପୋର୍ଟ ଅନୁଯାୟୀ ପବନର ସିଣ୍ଡିକେଟ୍ ନକଲି ଆମଦାନୀ-ରପ୍ତାନି କାଗଜପତ୍ର, କ୍ରିପ୍ଟୋ ସ୍ଥାନାନ୍ତର ଏବଂ ଜାଲ୍ ଆର୍ଥିକ ବିବରଣୀ ମାଧ୍ୟମରେ ୬୮୧ କୋଟି ଟଙ୍କାରୁ ଅଧିକ କଳାଧନକୁ ଧଳା କରିଥିଲା। ଇଡି ଅନେକ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲା। ଏଥିଯୋଗୁଁ ପଟିଆଲା ହାଉସ କୋର୍ଟ ତା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ଭାରତ ଛାଡ଼ି ପଳାଇ ଥିଲା। ଦୁବାଇରେ ତାର ଅନେକ ସମ୍ପତ୍ତି, ବିଳାସପୂର୍ଣ୍ଣ କାର୍, ଭିଲା ଆଦି ରହିଛି।

ବିଦେଶୀ ଏଜେନ୍ସି ସହ ମିଶି ଚଳିତ ବର୍ଷ ଏନ୍‌ସିବି ନବୀନ ଚିଚକର, ଲିଜୋ ଜୋର ସମେତ ଚାରି ପ୍ରମୁଖ ନିଶା ବ୍ୟବସାୟୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଏ ପର୍ଯ୍ୟନ୍ତ ଭାରତରେ ନିଶା କାରବାରରେ ସମ୍ପୃକ୍ତ ୨୧ ଜଣଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ସେହିପରି ୧୦ ପ୍ରମୁଖ ପଳାତକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି ହୋଇଛି।

# ନଦୀକୁ କାର୍ ଖସି ୩ ପୁଲିସ ଅଧିକାରୀ ମୃତ

ଉଜ୍ଜୈନ୍,୭।୯(ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନର ସିପ୍ରା ନଦୀରେ ଏକ କାର୍ ଖସିପଡିବାରୁ ୩ ଜଣ ପୁଲିସ ଅଧିକାରୀ ମୃତ୍ୟୁବରଣ କରିଛନ୍ତି। ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା କନଷ୍ଟେବଳ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏ ୩ ପୁଲିସ ଅଧିକାରୀମାନେ ହେଲେ



ଅନହେଲ ଥାନା ଇନ୍‌ଚାର୍ଜ ଆଶୋକ ଶର୍ମା, ସବ୍-ଇନିସପେକ୍ଟର ମଦନଲାଲା ନିନାମା ଓ କନଷ୍ଟେବଳ ଆରତୀ ପାଲ୍। କିନ୍ତୁ ଆରତୀ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏନ୍‌ଡିଆରଏଫ୍ ଟିମ୍ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି। ଶନିବାର ରାତି ୮.୪୫ରେ ସିପ୍ରା ନଦୀର ଏକ ବଡ଼ ପୋଲ ଉପରେ ଆରତୀ କାର୍ ଚଳାଉଥିଲେ। ସେ ନିୟନ୍ତ୍ରଣ ହରାଇବାରୁ କାର୍ ପୋଲ ତଳକୁ ନଦୀ ଭିତରେ ଖସି ପଡିଥିଲା ବୋଲି ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି। ଜଣେ ୧୪ ବର୍ଷୀୟ ଝିଅ ନିଖୋଜ ହେବା ପରେ ତାକୁ ଖୋଜିବାକୁ ଏହି ୩ ପୁଲିସ ଅଧିକାରୀ ଚିନ୍ତାମଣ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନଦୀରେ ଏବେ ପ୍ରଖର ସୁଅ ଥିବାରୁ ଆରତୀଙ୍କ ମୃତଦେହକୁ ଠାବ କରାଯାଇ ପାରିନାହିଁ।

# ହଜରତବଲ ଦରଘା ବିବାଦ; ୨୬ ଅଟକ

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ଶ୍ରୀନଗରରେ ସେପ୍ଟେମ୍ବର ୩ରେ ହଜରତବଲ ଦରଘାରେ ହୋଇଥିବା ବିବାଦକୁ ନେଇ ପୁଲିସ ୨୬ ଜଣଙ୍କୁ ଅଟକ ରଖିଛି। ବିବାଦର ସିସିଟିଭି ଫୁଟେଜ ଭାଇରାଲ ହୋଇଥିଲା। ଏହି ଭାଇରାଲ ଭିଡିଓକୁ ଆଧାର କରି ପୁଲିସ ଏମାନଙ୍କୁ ଅଟକ ରଖିଛି। ୱାକଅଫ୍ ବୋର୍ଡ ଏହି ଦରଘାର ପୁନର୍ଗଠନ କରିଥିଲା। ଉଦ୍‌ଘାଟନ ଫଳକରେ ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭ ରହିଥିଲା। କିନ୍ତୁ କିଛି ଲୋକ ଏହାକୁ ବିରୋଧ କରିଥିଲେ ଓ ଆଶୋକ ସ୍ତମ୍ଭକୁ ଭାଙ୍ଗି ଦେଇଥିଲେ। ଫଳରେ ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା କରିଛି। ଉଦ୍‌ଘାଟନ ଫଳକରେ ଅଶୋକ ସ୍ତମ୍ଭ ଚିହ୍ନକୁ ପିଡିପି, ନ୍ୟାସନାଲ କନଫରେନ୍ସ ସମେତ ବିଭିନ୍ନ ରାଜନୈତିକ ପାର୍ଟି ବିରୋଧ କରିଥିଲେ। କୌଣସି ଧାର୍ମିକ ସ୍ଥଳରେ ଜାତୀୟ ଚିହ୍ନ ଆଶୋକ ସ୍ତମ୍ଭ ଚିହ୍ନିତ ହେବାର ଦେଖିନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ତେଣୁ ହଜରତବଲ ଦରଘାରେ ଏହାକୁ ଲଗାଇବାର କ'ଣ ଆବଶ୍ୟକତା ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭର ଅପମାନ କଲେ ଅତିକମ୍‌ରେ ୩ ବର୍ଷ ଜେଲ୍ ଦଣ୍ଡ ହେବାର ଆଇନ ରହିଛି।

# ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁଙ୍କ ଇସ୍ତଫା

ଟୋକିଓ,୭।୯(ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ରବିବାର ଇସ୍ତଫା ଦେଇଛନ୍ତି। ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି)ର ବିଭାଜନକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଜାପାନ ଗଣମାଧ୍ୟମ ଏନ୍‌କେଏଚ୍ ସୂଚନା ଦେଇଛି। ଇଶିବାଙ୍କ ମେଣ୍ଟ ସରକାର ଗତ ଜୁଲାଇରେ ଉଚ୍ଚ ସଦନ ଅର୍ଥାତ ହାଉସ୍ ଅଫ୍

### ଦଳ ବିଭାଜନକୁ ରୋକିବା ପାଇଁ ଛାଡିଲେ ପଦ



କାଉନସିଲର ନିର୍ବାଚନରେ ପରାସ୍ତ ହୋଇଥିଲା। ଇଶିବା ମଧ୍ୟ ଏଥିପାଇଁ କିଛି ଦିନ ତଳେ କ୍ଷମା ମାଗିଥିଲେ ଓ ଇସ୍ତଫା ଦେବା କଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ। ନିର୍ବାଚନରେ ପରାଜୟ ପରେ ଏଲ୍‌ଡିପି ମଧ୍ୟରେ ଇଶିବାଙ୍କୁ ହଟାଇବା ନେଇ ଅଭିଯାନ ଆରମ୍ଭ ହୋଇଥିଲା। ପାର୍ଟିର କିଛି ନେତା ଓ ସାଂସଦ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଥିଲା ଓ ତାଙ୍କ ଉପରେ ପ୍ରବଳ ଚାପ ମଧ୍ୟ ଥିଲା। ଏବେ ଇଶିବା ହଟିବା ପରେ ଏବେ ପାର୍ଟିରେ ନୂଆ ନେତା ନିର୍ବାଚନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି।

# ଇସ୍ରାଏଲ ବିମାନ ବନ୍ଦରରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

ତେଲ ଅଭିଭ୍,୭।୯(ଏଜେନ୍ସି): ୟେମେନର ହୁତୀ ବିଦ୍ରୋହୀ ରବିବାର ଇସ୍ରାଏଲ୍‌ର ରେମୋନ ବିମାନ ବନ୍ଦରରେ ଡ୍ରୋନ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ୫ ଜଣ ଲୋକ ମାମୁଲି ଭାବେ ଆହତ ହୋଇଛନ୍ତି। ଏହି ଡ୍ରୋନ୍ ବିମାନ ବନ୍ଦରର ପାସେଞ୍ଜର ଟର୍ମିନାଲରେ ମାଡ଼ ହୋଇଥିଲା। ଫଳରେ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ଏହି ଡ୍ରୋନର ପରିଚୟ ମିଳିନାହିଁ ଓ ଏଥିପାଇଁ କୌଣସି ସାଇରନ ମଧ୍ୟ ବାଜି ନ ଥିଲା ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହାପୂର୍ବରୁ ୟେମେନରୁ ଆସିଥିବା ୩ଟି ଡ୍ରୋନକୁ ଇସ୍ରାଏଲ ବାୟୁସେନା ମାରି ତଳକୁ ଖସାଇଥିଲା ବୋଲି କହିଛି। ଏହାପରେ ତୁରନ୍ତ ଏୟାର ସ୍ପେସ୍‌କୁ ବନ୍ଦ କରାଯାଇଥିଲା। ସୁରକ୍ଷା ଓ ବୈଷୟିକ ଯାଞ୍ଚ୍ ଏବଂ ବାୟୁସେନା ମଞ୍ଜୁରି ପରେ ରେମୋନ ବିମାନ ବନ୍ଦରରୁ ବିମାନ ଉଡାଣ ଆରମ୍ଭ ହୋଇଥିଲା।

# ମୌସୁମୀ ଯାତନା: ହିମାଚଳରେ ୩୬୦ରୁ ଊର୍ଦ୍ଧ୍ୱ ମୃତ

**୪.୦୭ ଲକ୍ଷ କୋଟି ଟଙ୍କାର କ୍ଷତି ● ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା ● ସେପ୍ଟେମ୍ବର ୯ରେ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ,୭।୯(ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଖାସ୍ କରି ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥର ମୌସୁମୀ ଋତୁ (ଜୁଲାଇ ୨୪ରୁ ଆରମ୍ଭ କରି ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ)ରେ ବର୍ଷା, ବନ୍ୟା, ଭୂସ୍ଖଳନ ଜଡିତ ଘଟଣାରେ କେବଳ ହିମାଚଳ ପ୍ରଦେଶରେ ୩୬୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ହିମାଚଳ ସରକାର ଘୋଷଣା କରିଛନ୍ତି। ଏଥର ସିମ୍‌ଲାରେ ୧୧୬ ଓ କୁଲ୍ଲୁରେ ୧୧୩ ପ୍ରତିଶତ ବର୍ଷା ହୋଇଛି। ଏହା ସାମାନ୍ୟଠାରୁ ଦୁଇଗୁଣ। ଅର୍ଥାତ ଏଥର ବର୍ଷା ଦୁଇଗୁଣରୁ ଅଧିକ ହୋଇଛି।

ପଞ୍ଜାବର ୨୩ଟି ଜିଲ୍ଲାରେ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ତେବେ ଆସନ୍ତା ୩ ଦିନ ମଧ୍ୟ ବର୍ଷା ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଲୁଧିଆନାର ସସରାଲି



ଡ୍ୟାମ୍ ଭାଙ୍ଗିବାର ବିପଦ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ତାରିଖରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ। ଏହି ରାଜ୍ୟରେ ୧୯୯୬ ଗାଁ ଜଳମଗ୍ନ ହୋଇଛି। ୩.୮୪ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ୪୬ ଜଣ ମୃତ୍ୟୁବରଣ କରିଛନ୍ତି। ୨୨, ୮୫୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧୯ ରିଲିଫ୍ ଶିବିରକୁ ସକ୍ରିୟ କରାଯାଇଛି। ବନ୍ୟା ଯୋଗୁ ଏପର୍ଯ୍ୟନ୍ତ ୧,୭୪, ୪୫୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି।

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ନାଉଗାଁରେ ବାଦଲ ଫଟା ବର୍ଷା ହୋଇଛି। ଫଳରେ ବଜାର ଓ କିଛି ଘରେ ପାଣି ଓ ଆବର୍ଜନା ପ୍ରବେଶ କରିଛି। ସଡକ ଉପରେ ଥିବା ଗାଡ଼ିଗୁଡିକ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲା। ସେହିପରି ଉତ୍ତରପ୍ରଦେଶ ମଥୁରାରେ ଯମୁନା ନଦୀର ପାଣି ସହରଠାରୁ ୧ କିମି ଦୂରରେ ପହଞ୍ଚିଛି। ଘାଟକୂଳରେ ଥିବା ଆଶ୍ରମଗୁଡିକରେ ୫ ଫୁଟ ଉଚ୍ଚର ପାଣି ପଶି ଯାଇଛି। ବୃନ୍ଦାବନ ପରିକ୍ରମା ମାର୍ଗ ମଧ୍ୟ ଜଳମଗ୍ନ ହୋଇଛି। ଗୁଜରାଟ ଓ ରାଜସ୍ଥାନ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଅର୍ଥାତ ରେଡ୍ ଆଲର୍ଟ ଜାରି କରାଯାଇଛି। ଗୋଆରେ ଅରେଞ୍ଜ ଏବଂ ମଧ୍ୟପ୍ରଦେଶ ଓ ବିହାର ସମେତ ୨୦ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କାରଣରୁ ବାହାଦୂରଗଡ଼ର ରାସ୍ତା ଉପରେ ଠିଆ ହୋଇଥିବା ଗାଡ଼ିଗୁଡିକ ବୁଡିଯାଇଛି। ରାଜସ୍ଥାନର ଆଜମେରରେ ଦୁଇ ମହଲା କୋଠା ଭୁଶୁଡି ପଡିଛି। ସିରୋହିରେ ଏକ ନଦୀରେ ଜିପ୍ ଭାସି ଯାଇଛି। ଉତ୍ତରପ୍ରଦେଶର ଇଟାୱାରେ ଯମୁନା ନଦୀ ପାଇଁ ୭ଟି ଗାଁରେ ବନ୍ୟା ଆସିଛି। ଗୁଜରାଟର ସାବରମତୀ ନଦୀର ଜଳ ପତନ ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ଗୁଜରାଟର ୭ ଜିଲ୍ଲାରେ ରେଡ୍ ଓ ୧୮ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହିମାଚଳରେ ଭୂସ୍ଖଳନ ଯୋଗୁ ୭୦୫ ଜାତୀୟ ରାଜପଥ ବନ୍ଦ ହୋଇଛି। ବିହାରରେ ୨୦ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି।

# ନାଇଜେରିଆରେ ୭୦ ଜଣଙ୍କୁ ହତ୍ୟା

ଅବୁଜା,୭।୯(ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତରପୂର୍ବ ରାଜ୍ୟ ବୋରନୋରେ କୁଖ୍ୟାତ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ଜିହାଦୀମାନେ ଶୁକ୍ରବାର ରାତି ୮.୩୦ରେ ବଡ଼ ଧରଣର କାଣ୍ଡ ଘଟାଇଛନ୍ତି। ଏହି ଜିହାଦୀମାନେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସୈନିକ ସାମିଲ ଅଛନ୍ତି। ବୋରନୋ ରାଜ୍ୟର ଦାରୁଲ ଜମା ଟାଉନ୍‌ରେ ଏହି ଆକ୍ରମଣ ହୋଇଥିଲା। ମୋଟର ବାଇକ୍‌ରେ ଡଜନେରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଧରି ପହଞ୍ଚି ଥିଲେ ଓ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ସେମାନେ ମଧ୍ୟ କେତୋଟି ଘରେ ନିଆଁ ଲଗାଇ ଜାଳି ଦେଇଥିଲେ। ଘର ଘର ବୁଲି ପୁରୁଷଙ୍କୁ ଗୁଳି କରିଥିଲେ। କିନ୍ତୁ ମହିଳାଙ୍କୁ ଛାଡି ଦେଇଥିଲେ। ଶନିବାର ସକାଳ ସୁଦ୍ଧା ୭୦ଟି ମୃତଦେହ ଉଦ୍ଧାର କରାଯାଇଛି। ଆହୁରି କିଛି ନିଖୋଜ ଅଛନ୍ତି। ଉଲ୍ଲେଖଥାଉ କି, ଉତ୍ତରପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଖଲିଫେଟ୍ ସ୍ଥାପନ କରିବା ଲକ୍ଷ୍ୟରେ ୨୦୦୯ରେ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ସ୍ଥାପନ ହୋଇଥିଲା। ଏହା ଏ ପର୍ଯ୍ୟନ୍ତ ୪୦,୦୦୦ ଲୋକଙ୍କ ଜୀବନ ନେଇଥିବା କୁହାଯାଉଛି।

# ୟୁକ୍ରେନରେ ରୁଷିଆର ସର୍ବବୃହତ୍ ଏୟାର ଷ୍ଟ୍ରାଇକ୍

**କିଭ୍‌ରେ ୮୦୦ରୁ ଅଧିକ ଡ୍ରୋନ୍, ମିସାଇଲ୍ ଆକ୍ରମଣ**

କିଭ୍,୭।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପାଖାପାଖି ୪ ବର୍ଷ ପୂରଣ କରିବାକୁ ଯାଉଛି। କିନ୍ତୁ କେହି ପଛକୁ ହଟିବାକୁ ଚାହୁଁନାହାନ୍ତି। ରୁଷ ପୁଣିଥରେ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। କିଭ୍‌ସ୍ଥିତ ୟୁକ୍ରେନର ସରକାରୀ କୋଠାରୁ ଧୂଆଁ ବାହରୁଥିବାର ଦେଖାଯାଇଛି। ଏହି କୋଠାରେ ୟୁକ୍ରେନ ମନ୍ତ୍ରିମଣ୍ଡଳର ମୁଖ୍ୟାଳୟ ରହିଛି ଓ ଏଥିରେ ସବୁ ମନ୍ତ୍ରୀମାନଙ୍କ କର୍ଯ୍ୟାଳୟ ରହିଛି। ଗତ ରାତି ସାରା ରୁଷିଆ ଆକାଶମାର୍ଗରୁ ୮୦୫ଟି ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକାରୀ ମାନେ ସୂଚନା ଦେଇଛନ୍ତି।



ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ରୁଷ୍‌ର ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଡ୍ରୋନ ସମେତ ରୁଷ୍ ୧୩ଟି ମିସାଇଲ ମଧ୍ୟ ମାଡ଼ କରିଥିଲା। ତେବେ ରୁଷିଆର ୭୪୭ ଓ ୪ଟି ମିସାଇଲକୁ ଖସାଇ ଦିଆଯାଇଛି ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି। ତେବେ ୟୁକ୍ରେନର ୩୭ଟି ସ୍ଥାନ ଉପରେ ମିସାଇଲ ସହିତ ୫୬ଟି ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି ଅଧିକାରୀ କହିଛନ୍ତି।

### ଟ୍ରମ୍ପଙ୍କୁ କଟାକ୍ଷ କଲେ ସଲ୍‌ମାନ

# ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀଙ୍କୁ ଦରକାର ଶାନ୍ତି ପୁରସ୍କାର

ମୁମ୍ବାଇ, ୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି ଅଭିନେତା ସଲ୍‌ମାନ ଖାନ। ସେ ନାମ ନ ନେଇ ନୋବେଲ ଶାନ୍ତି ପୁରସ୍କାର ଆଶା କରୁଥିବା ଏହି ମାର୍କିନ ରାଷ୍ଟ୍ରପତିଙ୍କ ଅଭିଳାଷକୁ ପରିହାସ କରିଛନ୍ତି। ବିଶ୍ୱରେ ସର୍ବାଧିକ ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତି ନୋବେଲ ପୁରସ୍କାର ଚାହୁଁଥିବା କହିଛନ୍ତି। ରିୟଲିଟି ଶୋ' 'ବିଗ୍ ବସ୍-୧୯'ର ସାପ୍ତାହାନ୍ତ ସଂଘର୍ଷରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ଘରର ଶାନ୍ତି ଭଙ୍ଗ କରିବାକୁ ନେଇ ସେ ସବୁ ପ୍ରତିଯୋଗୀଙ୍କୁ ଭର୍ତ୍ସନା କରିଥିଲେ। ଏଥିରେ ଅନ୍ୟ ଘରର ଶାନ୍ତି ଭଙ୍ଗ ସହ ଝଗଡ଼ା କରୁଥିବା ପ୍ରତିଯୋଗୀ ତଥା 'ପିସ୍ ଆକ୍ଟିଭିଷ୍ଟ' ଫରାଜାନା ଖାନଙ୍କୁ ସେ ଗାଳି କରିଥିଲେ। ଏହି ସମୟରେ ସଲ୍‌ମାନ କହିଥିଲେ, ଏ ସବୁ କ'ଣ ଚାଲିଛି? ସାରା ବିଶ୍ୱରେ ଯିଏ ସର୍ବାଧିକ ସମସ୍ୟା ସୃଷ୍ଟି କରୁଛି ତାଙ୍କୁ ହିଁ ଶାନ୍ତି ପରୁସ୍କାର ଦରକାର। ସଲ୍‌ମାନଙ୍କ ଏହି ଟିପ୍ପଣୀ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫରଜାନାକୁ ଦେଖି ସେ ଏହି ମନ୍ତବ୍ୟ ଦେଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ଯୋଡ଼ି ଦେଖାଯାଉଛି। କାରଣ କିଛି ଦିନ ତଳେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ କରି ଟ୍ରମ୍ପ ନୋବେଲ ପୁରସ୍କାର ମାଗିଥିଲେ।

# ସିବିଏସ୍ଇ ପରୀକ୍ଷା ଢାଞ୍ଚାରେ ଓଟିଇଟି

ଭୁବନେଶ୍ୱର, ୭।୯ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଉପସଭାପତିଙ୍କ ସମେତ ୮ଜଣ ବନ୍ଧୀ ହେବା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଚେତା ପଶିଛି। ଦୁଇଥର ତାରିଖ ଘୋଷଣା ପରେ ମଧ୍ୟ ପରୀକ୍ଷା କରିବାରେ ସଫଳ ହୋଇପାରି ନ ଥିବା ବୋର୍ଡ ଏଥର ନୂତନ ଢାଞ୍ଚାରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶ୍ନପତ୍ର ସୁରକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଢାଞ୍ଚାରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ତରାଇ କହିଛନ୍ତି, ଡିଜି ଲକର୍ ବ୍ୟବସ୍ଥା ସହ ବାକ୍ସ ବା ଟ୍ରଙ୍କରେ ପ୍ରଶ୍ନପତ୍ର ପଠାଯିବ। ବ୍ୟାପକ ପୁଲିସ୍ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳ, ଏସ୍ପି ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସହାୟତାରେ ପରୀକ୍ଷା ହେବ। ପୂର୍ବରୁ ପରୀକ୍ଷା କେନ୍ଦ୍ର ହୋଇଥିବା ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ 'ଘରଢିଙ୍କି କୁମ୍ଭୀର' ସାଜିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ଏଥର ପରୀକ୍ଷା ପରିଚାଳନା ଓ ସମ୍ବେଦନଶୀଳ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ

**ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରହିବ ତୀକ୍ଷ୍ଣ ନଜର**

ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଜୁଲାଇ ୨୦କୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ମଧ୍ୟରାତ୍ରିରେ ପରୀକ୍ଷା ବାତିଲ୍ କରାଯାଇଥିଲା। ଏପରିକି, ଅଗଷ୍ଟ ୩୧ରେ ପୁନଃପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଥିଲା। ଆସନ୍ତା ୨୭ ତାରିଖରେ ସେହି ପରୀକ୍ଷା କରିବାକୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥର ପରୀକ୍ଷା ହେବ ନା ପୁଣିଥରେ ଘୁଞ୍ଚିବ, ସେନେଇ ପ୍ରଶ୍ନ ଉଠିଥିଲା। ଏନେଇ ଶ୍ରୀ ତରାଇ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଶ୍ଚିତ ଭାବେ ସେହି ଦିନ ହିଁ ପରୀକ୍ଷା ହେବ ବୋଲି ସେ ଦମ୍ଭୋକ୍ତି ରଖିଛନ୍ତି।

ଶିକ୍ଷକଙ୍କ ପଦୋନ୍ନତି ଓ ଚାକିରି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)କୁ ସୁପ୍ରିମ୍କୋର୍ଟ ବାଧ୍ୟତାମୂଳକ କରିବା ପରେ ଓଟିଇଟି ପରୀକ୍ଷାର ଗୁରୁତ୍ୱ ବହୁଗୁଣିତ ହୋଇଛି। ରାଜ୍ୟରେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପରେ ୨ ବର୍ଷ ମଧ୍ୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିଲେ ସେମାନଙ୍କ ଚାକିରି ଯିବାର ଆଶଙ୍କା ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଆଶା ଆଶଙ୍କା ଲାଗି ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ଆସନ୍ତା ୧୭ତାରିଖରୁ ବୋର୍ଡ ୱେବସାଇଟ୍ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ରାଜ୍ୟର ମୋଟ୍ ୭୫ ହଜାର ୪୦୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

**ଦାରିଙ୍ଗବାଡ଼ିରେ ଚାଞ୍ଚଲ୍ୟ**

# ନାବାଳିକାକୁ ଅପହରଣ କରି କାର୍ ଭିତରେ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୭।୯ (ସମିସ): କାର୍ ଭିତରେ ଜଣେ ନାବାଳିକାକୁ ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରୁ ଆସିଛି। ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ସୂଚନାନୁସାରେ, ନାବାଳିକାଜଣଙ୍କ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ଶୋଭାଯାତ୍ରା ହେଉଥିଲା। ଭଉଣୀଙ୍କ ସହ ସେ ଶୋଭଯାତ୍ରା ଦେଖିବାକୁ ଯାଇଥିଲେ। ବାଟରେ ଜଣଙ୍କ ଘରେ ନାବାଳିକଜଣଙ୍କ ନିଜର ଜ୍ୟାକେଟ୍ ରଖିଥିଲେ। ଭସାଣି ସରିବା ପରେ ସେ ନିଜ ଜ୍ୟାକେଟ୍ ନେଇ ଫେରୁଥିବା ବେଳେ ସେହି ସମୟରେ ଏକ କାର୍ ତାଙ୍କର ବାଟ ଓଗାଳିଥିଲା। ନାବାଳିକାଜଣଙ୍କ କିଛି ବୁଝିବା ପୂର୍ବରୁ କାର୍ ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଅପହରଣ କରିନେଇଥିଲା। ତାଙ୍କୁ ସେ କାର୍ରେ ଦାରିଙ୍ଗବାଡ଼ି ସହର ବାହାରକୁ ନେଇଯିବା ପରେ ଏକ ନିଛାଟିଆ ସ୍ଥାନରେ କାର୍ ଭିତରେ ତାଙ୍କୁ ଦୁଷ୍କର୍ମ କରିଥିଲା।



ତେବେ କାର୍ର ଡୋର୍ ଖୋଲିବା ଦେଖି ନାବାଳିକାଜଣଙ୍କ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୁକ୍ତଜଣଙ୍କ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହ ଚୁଟିକୁ ଘୋଷାଡ଼ି ଘୋଷାଡ଼ି ପୁଣିଥରେ କାର୍ ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପରିତ୍ୟକ୍ତ ଘରେ ନାବାଳିକାକୁ ଦୁଷ୍କର୍ମ

ଡେଲାଙ୍ଗ, ୭।୯ (ସମିସ): ପୁରୀ ଜିଲ୍ଲା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳରେ ୧୨ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଡେଲାଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲା, ସ୍ଥାନୀୟ ଅଞ୍ଚଳର ପଙ୍କଜ ସ୍ୱାଇଁ ଓରଫ କାବୁ।

ସୂଚନା ମୁତାବକ, ନାବାଳିକାଜଣଙ୍କ ଜଣେ ଛେଳିଚରାଳି। ପ୍ରତିଦିନ ଛେଳି ଚରାଇବାକୁ ଯାଆନ୍ତି। ୬ ଦିନ ତଳେ ନାବାଳିକାଜଣଙ୍କ ଛେଳି ଚରାଇବାକୁ ଯାଇଥିବା ବେଳେ ପଙ୍କଜ ତାକୁ ନାନା ପ୍ରଲୋଭନ ଦେଖାଇ ଏକ ନିକାଞ୍ଚନ ଜାଗାକୁ ଡାକି ନେଇଥିଲା। ସେଠାରେ ନାବାଳିକାର ପାଟି ବନ୍ଦ କରି ଏକ ପରିତ୍ୟକ୍ତ ଘରେ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଡେଲାଙ୍ଗ ଥାନାରେ ଅଭିଯୋଗ

**ଡେଲାଙ୍ଗରେ ଲଜ୍ଜା!**

ହୋଇଥିଲା। ତେବେ ଗିରଫଦାରୀ ଭୟରେ ପଙ୍କଜ ଗାଁ ଛାଡ଼ି ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ ଦୁହିଁଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପଟେ, ନାବାଳିକାକୁ ଶିଶୁ ବିକାଶ ପରିଷଦରେ ଛଡ଼ାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଏମ୍ସକୁ ଯାଇପାରନ୍ତି ଅଭିଜିତ

ଭୁବନେଶ୍ୱର,୭।୯ (ସମିସ): ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ଯାଇପାରନ୍ତି। ତାଙ୍କର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏମ୍ସରେ ଶ୍ରୀ ମଜୁମଦାରଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଡ. ମହାଲିଙ୍ଗ ଏମ୍ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଦଳ ସହ ଆଲୋଚନା କରିଛନ୍ତି। ତାଙ୍କର କିଡନୀ ଓ ଲିଭର୍ ସମସ୍ୟାରେ ସୁଧାର ଆସୁଛି। କିନ୍ତୁ ଅଭିଜିତ କଥାବାର୍ତ୍ତା କରୁନାହାନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବାରୁ ଦରକାର ପଡ଼ିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍ସର ଡାକ୍ତରୀ ଟିମ୍ ଦିଲ୍ଲୀ ଏମ୍ସ ସହ କଥାବାର୍ତ୍ତା ହେବେ। ଆବଶ୍ୟକ ପଡ଼ିଲେ ଅଭିଜିତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଗତ ୪ ତାରିଖରେ ଶ୍ରୀ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଇସିୟୁ ଓ ଏକମୋ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ଅଭିଜିତ ଅସ୍ମୋଟିକ୍ ଡିମାଏଲିନେସନ୍ ସିଣ୍ଡ୍ରୋମ୍ (ପୋଣ୍ଟିନ୍ ଓ ଏକ୍ସଟ୍ରାପୋଣ୍ଟିନ୍), ଦ୍ୱିପାକ୍ଷିକ ନିମୋନିଆ, ରକ୍ତ ସଂକ୍ରମଣ (ଏମଡିଆରଓ-ଆସେନଟୋବ୍ୟାକ୍ଟର), କ୍ରୋନିକ୍ ଯକୃତ ରୋଗ, ଡିସେଲେଟ୍ରୋଲାଇଟେମିଆ (ହାଇପୋକଲେମିଆ, ହାଇପୋଫସଫେଟେମିଆ, ହାଇପୋମାଗ୍ନେସିମିଆ) ଓ ପୁଷ୍ଟିକର ଅଭାବ (ଭିଟାମିନଡି, ଫୋଲିକ୍ ଏସିଡ୍ ଅଭାବ) ଭଳି ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଜଣାପଡ଼ିଛି। ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ସହାୟତାରେ ତାଙ୍କର ଚିକିତ୍ସା କରାଯାଉଥିବା ଡାକ୍ତର ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।



ଅଭିଜିତ ମଜୁମଦାରଙ୍କ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ନାବାଳିକାକୁ ହତ୍ୟା କରି ନାଳରେ ଫିଙ୍ଗିଦେଲେ!

ଅନୁଗୋଳ,୭।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କ ଉଲଗ୍ନ ମୃତଦେହ ରବିବାର ଗାଁ ନିକଟ ଭାଲୁଖାଇ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଅକ୍ଷୟ ସେଠଙ୍କ ସାନ ଝିଅ ଜସ୍ମିନ ସେଠ(୧୧)।

**■ ନିଖୋଜର ୧୬ଘଣ୍ଟା ପରେ ନାଳରୁ ଉଲଗ୍ନ ଶବ ଉଦ୍ଧାର**
**■ ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକ**



ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗ୍ରାମବାସୀ ଟାୟାର୍ ଜାଳି ଅନୁଗୋଳ-ବନ୍ତଳା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗା ଛକରେ ଅବରୋଧ କରିଛନ୍ତି।

ଶନିବାର ଜସ୍ମିନ ସ୍କୁଲରୁ ଫେରିବା ପରେ ଖେଳିବାକୁ କହି ଘରୁ ବାହାରି ଯାଇଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରାତିତମାମ ଖୋଜାଖୋଜି କରିଥିଲେ ହେଁ ଜସ୍ମିନଙ୍କ ପତ୍ତା ମିଳି ନଥିଲା। ଖବର ପାଇ ପୁଲିସ ମଧ୍ୟ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲା। ତଥାପି ଜସ୍ମିନଙ୍କ ସନ୍ଧାନ ମିଳିନଥିଲା। ତେବେ ଆଜି ସକାଳେ ଜସ୍ମିନଙ୍କ ମୃତଦେହ ଗାଁ ନିକଟ ଭାଲୁଖାଇ ନାଳରେ ଭାସୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଜସ୍ମିନଙ୍କ ଶରୀରରେ କ୍ଷତଚିହ୍ନ ରହିଥିଲା। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତୁରନ୍ତ ଘଟଣା ଉପରୁ ପରଦା ହଟାଇବା ପାଇଁ ଲୋକେ ଦାବି କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୨୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

# ବସନ୍ତ ବିଶ୍ୱାଳ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା

ଭୁବନେଶ୍ୱର, ୭।୯ (ସମିସ): ବସନ୍ତ ବିଶ୍ୱାଳ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ। କୃଷି କ୍ଷେତ୍ରରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା। ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ଆଜି ଏପରି ମତ ରଖିଛନ୍ତି।

ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ବସନ୍ତ ବାବୁ ଯାହା କହନ୍ତି, ତାହାକୁ କାମରେ କରି ଦେଖାନ୍ତି। କଟକର ରିଙ୍ଗରୋଡ୍ ତାଙ୍କ ସମୟର ଶ୍ରେଷ୍ଠ କାର୍ଯ୍ୟ। ସ୍ୱର୍ଗତ ବିଶ୍ୱାଳ ରାଜନୀତିରେ ସବୁବେଳେ ଅମର ହୋଇ ରହିବେ। ସମ୍ମାନିତ




ଅତିଥି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଅତ୍ୟନ୍ତ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ଭିତରେ କପଟତା ନ ଥିଲା। ସଠିକ୍ ନିଷ୍ପତ୍ତି ନେବାରେ ତାଙ୍କର ପାରଦର୍ଶିତା ଥିଲା। ରିଙ୍ଗରୋଡ୍ ପାଇଁ କଟକବାସୀ ତାଙ୍କୁ ସବୁବେଳେ ମନେ ରଖିବେ। ସେ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରୁଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଜଣେ ଗଭୀର ଅନୁଚିନ୍ତକ ଥିଲେ। ସେ ପୂର୍ତ୍ତ ମନ୍ତ୍ରୀ ଥିଲା ବେଳେ ତାଙ୍କୁ 'ସୁପର ଚିଫ୍-ମିନିଷ୍ଟରଡ଼' ବୋଲି ସମ୍ବୋଧନ କରାଯାଏ। କଟକ ଏବଂ ସମ୍ବଲପୁରରେ ରିଙ୍ଗରୋଡ୍ ନିର୍ମାଣ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ। ସେ ରାଜୀବ ଭବନକୁ ସମୟ ଅବଧି ପୂର୍ବରୁ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଥିଲେ। ରାଜ୍ୟ ନିର୍ମାଣରେ ତାଙ୍କର ବହୁତ ଅବଦାନ ରହିଛି। ଅନ୍ୟତମ ଅତିଥି ଦୈନିକ 'ସମୟ'ର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ଦୁଃସାହସିକ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଥିଲେ। ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱରର ମୂଳଦୁଆ ପକାଇଥିଲେ। ସେ ଯେଉଁ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଶିଖର ଛୁଉଁଛି। କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱଗତ ଭାଷଣ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧୀବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର୍ ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ,୭।୯ (ସମିସ): ସୋମବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥାନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସି ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

**ରାଜ୍ୟରେ ସେମିକଣ୍ଡକ୍ଟର୍ କ୍ଲଷ୍ଟର୍ ପାଇଁ ପ୍ରକ୍ରିୟା ଆରମ୍ଭ**

# ରାଜଧାନୀରେ ୧୦୦୦ ଏକର ଜମି ଚିହ୍ନଟ

ଭୁବନେଶ୍ୱର, ୭।୯ (ସମିସ): ରାଜ୍ୟକୁ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୦୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ନିଜ ଆଡ଼ୁ ମଧ୍ୟ ୨ଟି ପ୍ରକଳ୍ପ ସ୍ଥାପନ ପାଇଁ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ୨ଟି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ନିବେଶ କରାଯିବ। ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ କରିବାକୁ ରାଜ୍ୟ ସରକାର ଦୂରଗାମୀ ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛନ୍ତି। ଏହି କ୍ରମରେ ସରକାର ଭୁବନେଶ୍ୱର ବିମାନବନ୍ଦର ପାଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଏହି ଜାଗାରେ ଗ୍ରୀନଫିଲ୍ଡ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଏହି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମାଲେସିଆର ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ସବୁ କିଛି ଯୋଜନା ଅନୁସାରେ କାର୍ଯ୍ୟନ୍ୱୟନ ହେଲେ ଖୁବ୍ଶୀଘ୍ର ଏହି କ୍ଲଷ୍ଟର୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନୀକୁ ଆକୃଷ୍ଟ କରିବା ଲକ୍ଷ୍ୟ**

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଅଗଷ୍ଟ ମାସରେ ଓଡ଼ିଶା ପାଇଁ ଯେଉଁ ୨ଟି ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିଲେ, ସେଥିରୁ ଗୋଟିଏ ସିକସେମ୍ କମ୍ପାନୀର ପ୍ରକଳ୍ପ ରହିଛି। ଭୁବନେଶ୍ୱରରେ ସିକସେମ ସିଲିକନ କାର୍ବାଇଡ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫେବ୍ରିକେସନ୍ ୟୁନିଟ୍ ସହ ଏକ ଏଟିଏମପି (ଆସେମ୍ବ୍ଲି, ଟେଷ୍ଟିଂ, ମାର୍କେଟିଂ, ପ୍ୟାକେଜିଂ) ୟୁନିଟ୍ ପ୍ରତିଷ୍ଠା କରିବ। ଏହାର ଚିପ୍ ଫେବ୍ରିକେସନ୍ କ୍ଷମତା ବାର୍ଷିକ ୬୦ ହଜାର ୱେଫର୍ ରହିବାକୁ ଥିବା ବେଳେ ଏଟିଏମପି ପ୍ଲାଣ୍ଟର କ୍ଷମତା ୯୬ନିୟୁତ ୟୁନିଟ୍ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବରରେ ସିକସେମ କମ୍ପାନୀର ଶିଳାନ୍ୟାସ କରାଯିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଚିହ୍ନଟ ସରିଥିବା ବେଳେ ଅନ୍ୟାନ୍ୟ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ନ୍ୟୁ-ମେକ୍ସିକୋର୍ ୩-ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରତିଷ୍ଠା କରିବ। ଏହି କମ୍ପାନୀ ଏଟିଏମ୍ପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଥିବା ବେଳେ ଏହାର ବାର୍ଷିକ କ୍ଷମତା ୫୦ ନିୟୁତ ୟୁନିଟ୍ ରହିବ। ସେହିପରି ଏହା ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ନୂଆ ସେମିକଣ୍ଡକ୍ଟର୍ ନୀତି ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୧୦୦ରୁ ୧୨୦ ଚିପ୍ ଡିଜାଇନ କମ୍ପାନୀକୁ ଓଡ଼ିଶାରେ ନିବେଶ ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।



# ଦୁର୍ଘଟଣାରେ ଗଲା ୪ ଜୀବନ

## ଟ୍ରେଲର୍କୁ ପଛରୁ ପିଟିଲା ବାଇକ୍: ୨ ମୃତ

ରାଉରକେଲା,୭।୯ (ସମିସ): ସ୍ଥାନୀୟ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କାଂଶବାହାଲ ଅଞ୍ଚଳର ଜସବିର ବେଗ ଓ ସୋନାଖାନ ଅଞ୍ଚଳର ରୋହିତ ମାଝୀ। ଆଜି ଦୁହେଁ ଏକ ବାଇକ୍ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରେଲର୍କୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍

ଫିରିଙ୍ଗିଆ,୭।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଡିଙ୍ଗିଆ ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସାଡ଼ିଙ୍ଗିଆ ଗାଁର ଦାସେବନ କହଁର ଓ ବାଲିଗୁଡ଼ା ଥାନା ବାଟାଗୁଡ଼ା ପଞ୍ଚାୟତ ପୁସାଙ୍ଗିଆ ଗାଁର ଶଶିକାନ୍ତ ପ୍ରଧାନ। ସେହିଭଳି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଦୁଇ ଦିନ ତଳେ ସ୍ତ୍ରୀ ଓ ପିଲାଙ୍କୁ ଧରି ଶଶିକାନ୍ତ ଶଶୁରଘର ସୁମେରବନ୍ଧ ପଞ୍ଚାୟତର ବଜଡ଼ି ଗାଁକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ୨ଶଳାଙ୍କ ସହ ବାଇକ୍ରେ ସାଡ଼ିଙ୍ଗିଆ ବଜାରକୁ ଯାଇ ରାତି ପ୍ରାୟ ୯ଟାରେ ଫେରୁଥିଲେ। ଶଶିକାନ୍ତ ବାଇକ୍ରେ ବସିଥିବା ବେଳେ ସାନ ଶଳା ଚଲାଉଥିଲେ। ସାଡ଼ିଙ୍ଗିଆ ବିଏସ୍ଏଫ୍ କ୍ୟାମ୍ପ ନିକଟରେ ବାଇକ୍ଟି ଭାରସାମ୍ୟ ହରାଇ ବଜାରରୁ କାମ ସାରି ଘରକୁ ଚାଲିଚାଲି ଫେରୁଥିବା ଦାସେବନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦାସେବନଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ଶଶିକାନ୍ତ ମଧ୍ୟ ବାଇକ୍ରୁ ଛିଟିକି ପଡ଼ି ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ଶଳା ଗୁରୁତର ଆହତ ହୋଇଥିଲେ।

ମୃତକଦ୍ୱୟ ଶ୍ରମିକ ଶ୍ରେଣୀର। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରନ୍ତି। ନୂଆଁଖାଇ ଅବସରରେ ସେ ଘରକୁ ଆସିଥିଲେ। ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି। ଦୁର୍ଘଟଣା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ଏଏସ୍ଆଇ ପ୍ରିୟରଞ୍ଜନ ନାଏକ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟିଥିବା ମୃତ ଦାସେବନ କହଁରଙ୍କ ବଡ଼ଭାଇ ତିଳେସନ ଥାନାରେ ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ ସାର କଳାବଜାର

ସର୍ବାଧିକ ବିକ୍ରିଦର ଉପରେ କିଣୁଛି ରିଟେଲର, ଭିଟାମିନ ନାମରେ ବ୍ୟବସାୟ

# ହୋଲସେଲିଂ ପଏଣ୍ଟରେ ୟୁରିଆ ବସ୍ତା ୩ଶହ ଟଙ୍କା

ବଲାଙ୍ଗିର, ୭।୯ (ସମିସ)

ସାରା ରାଜ୍ୟରେ ସାରକୁ ନେଇ ଅଚଳାବସ୍ଥା ଦେଖାଦେଇଛି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ସାର ସଙ୍କଟ ରହିଥିବା ବେଳେ ଏହାର ଫାଇଦା ନେଉଛନ୍ତି ଘରୋଇ ହୋଲସେଲର ଓ ରିଟେଲର। ଚାଷୀମାନଙ୍କଠାରୁ ସର୍ବାଧିକ ବିକ୍ରିଦର ଠାରୁ ଦୁଇ ଗୁଣା ଟଙ୍କା ନେଉଥିବା ବେଳେ ଜୋର ଜବରଦସ୍ତି ଭିଟାମିନ ନାମରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରିଟେଲରମାନଙ୍କ ଗୋଦାମ, ଦୋକାନ ମାନଙ୍କରେ ଚଢ଼ଉ କରିବା ପାଇଁ ଦାବି ହେଉଥିବା ବେଳେ ଅସଲି କଳବଜାର କିନ୍ତୁ ହୋଲସେଲିଂ ପଏଣ୍ଟରେ ହେଉଥିବା ଅଭିଯୋଗ ହୋଇଛି। ସାର ସଙ୍କଟ ଦେଖାଇ ରିଟେଲରମାନଙ୍କୁ କମ୍ ପରିମାଣର ସାର ଦେବା। ସର୍ବାଧିକ ବିକ୍ରି ଦରରୁ ଅଧିକ ଟଙ୍କା ନେବା ସହ ଜବରଦସ୍ତି ଭିଟାମିନ ବିକ୍ରି କରିବା ଏହିଭଳି ଅନେକ ସଙ୍ଗୀନ ଅଭିଯୋଗ ଆସିଛି ବଲାଙ୍ଗିରରେ ଥିବା ଏକ ସାର ହୋଲସେଲରଙ୍କ ନାମରେ।

ବଲାଙ୍ଗିରରେ କ୍ଲବପଡ଼ା ନିକଟରେ ଥିବା ସାର ହୋଲସେଲର ନାମରେ ଆସିଛି ସଙ୍ଗୀନ ଅଭିଯୋଗ। ହୋଲସେଲର ପଏଣ୍ଟରୁ ରିଟେଲରଙ୍କୁ ଅଧିକ ଦରରେ ସାର ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି। ଏହା ସହିତ ସାର ସଙ୍କଟ ଭଳି ସ୍ଥିତି ବାହାନା କରି ରିଟେଲରମାନଙ୍କୁ କମ୍ ପରିମାଣର ସାର ଦେଉଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଡିଲର



ସାହୁ ଟ୍ରେଡିଂ କୋ. ହୋଲସେଲର ପାଖରୁ ୟୁରିଆ ସାର କିଣି ତାକୁ ଚାଷୀ ମାନଙ୍କୁ ବିକ୍ରି କରିଥାନ୍ତି। ଏଥିପାଇଁ ତାଙ୍କୁ ଟ୍ୟାଗିଂ ମଧ୍ୟ କରାଯାଇଥାଏ। ତେବେ ଏହି ହୋଲସେଲର ହିଁ ଡିଲର ମାନଙ୍କୁ ଅଧିକ ଦରରେ ସାର ବିକ୍ରି କରୁଥିବା ଡିଲର ମାନେ ଅଭିଯୋଗ କରିଛନ୍ତି। ଡିଲର ମାନେ ନିଜ ନାମ ଗୋପନ ରଖି କରିଥିବା ଅଭିଯୋଗ ଅନୁସାରେ ୟୁରିଆ ଦର ବସ୍ତା ପ୍ରତି ୨୬୬ଟଙ୍କା ୫୦ ପଇସା। ଏହା ହେଉଛି ସରକାର ଙ୍କ ଦ୍ୱାରା ଧାର୍ଯ୍ୟ ସର୍ବାଧିକ ବିକ୍ରି ଦର। ଚାଷୀକୁ ଏହି ଦାମ ରେ ହିଁ ସାର ବିକ୍ରୀ କରାଯିବା କଥା। କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଚାଷୀମାନେ ରିଟେଲ ପଏଣ୍ଟବା ଡିଲର ପାଖରୁ ହିଁ ୬୦୦ ଟଙ୍କାରେ ୟୁରିଆ କିଣୁଥିବା ଅଭିଯୋଗ କରିଛନ୍ତି। ତେବେ ଏହି କଳାବଜାର ପଛରେ ଦାୟୀ କିଏ! କିଏ ଏହିଭଳି ସ୍ଥିତି ସୃଷ୍ଟି କରୁଛି ସେନେଇ ଅନୁସନ୍ଧାନ କରିବା ପରେ ସାଂଘାତିକ ସତ୍ୟ ସାମ୍ନାକୁ ଆସିଛି। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଏହି କଳାବଜାର ପଛରେ ରହିଥିବା ବେଳେ କୃଷି ବିଭାଗ ନୀରବ ସମର୍ଥନ ଦେଉଥିବା ଜଣାପଡ଼ିଛି। ସୂଚନା ଅନୁସାରେ ହୋଲସେଲର ପାଖରୁ ହିଁ ରିଟେଲର ମାନେ ୟୁରିଆ ସାର ବସ୍ତା ପ୍ରତି ୩ ଶହ ଟଙ୍କାରେ କିଣୁଛନ୍ତି। ଏହା ସହିତ ସମ୍ପୃକ୍ତ ହୋଲସେଲର ଏକ ଘରୋଇ କମ୍ପାନୀର ଜିଙ୍କ ଭିଟାମିନ ନେବା ପାଇଁ

## ୟୁରିଆ ସହ ଜିଙ୍କ୍ ନେବା ବାଧ୍ୟତାମୂଳକ

## କଳାବଜାରକୁ ବିଭାଗୀୟ ସୁରକ୍ଷା ଅଭିଯୋଗ

ରିଟେଲର ମାନଙ୍କୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। ଯାହାର ଦର ୧୫୦ ଟଙ୍କା ରହିଛି। ଅର୍ଥାତ ୟୁରିଆ ଓ ଜିଙ୍କ ମିଶାଇ ରିଟେଲର କୁ ୪୫୦ ଟଙ୍କା ପଡୁଥିବା ବେଳେ ଗାଁ କୁ ନେବା ପାଇଁ ପରିବହନ ଖର୍ଚ୍ଚ ମଧ୍ୟ ହୋଲସେଲର ଦେଉନଥିବା ଜଣାପଡ଼ିଛି। ଫଳରେ ଗୋଟିଏ ରିଟେଲର ସାର ନିଜ ଗୋଦାମକୁ ନେବା ପାଇଁ ପରିବହନ ଖର୍ଚ୍ଚ ଯୋଡି ଛଅ ଶହରୁ ସାତ ଶହ ଟଙ୍କାରେ ୟୁରିଆ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହା ସହିତ ସମ୍ପୃକ୍ତ ହୋଲସେଲର ସାର ସଙ୍କଟ ଥିବା ଦର୍ଶାଇ ଡିଲର ପ୍ରତି ମାତ୍ର ୨୦ ବସ୍ତା ୟୁରିଆ ସାର ଦେଉଥିବାବେଳେ ରିଟେଲରମାନେ ବାରମ୍ବାର ସାର ପାଇଁ ଆସି ତାଙ୍କର ଅଧିକ ପରିବହନ ଖର୍ଚ୍ଚ ହେଉଥିବା ଅଭିଯୋଗ କରିଛନ୍ତି। ତେବେ ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ସମ୍ପୃକ୍ତ ହୋଲସେଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି। ପୂର୍ବରୁ ଏକାଧିକ ଥର ଏହି ହୋଲସେଲର ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ସୁଦ୍ଧା ସେହି ଗୋଟିଏ ହୋଲସେଲରଙ୍କୁ ବାରମ୍ବାର ପୁଣି ସୁରକ୍ଷା ଦେବାପଛରେ କୃଷି ବିଭାଗ ଅଧିକାରୀଙ୍କ ବଡ଼ ଡିଲ୍ ରହିଥିବା ଚର୍ଚ୍ଚା ହେଉଛି। ତେବେ ଏନେଇ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧୀରେନ୍ଦ୍ର କୁମାର ବରିହାଙ୍କୁ ପଚାରିବାରୁ ଆମେ ସେହି ହୋଲସେଲର ପଏଣ୍ଟକୁ ଯାଇଥିଲୁ। ରିଟେଲରମାନଙ୍କୁ ଠିକ ଭାବେ ସାର ଦେବାପାଇଁ କହିଛୁ। ଆଉ ରହିଲା ଦର କଥା ଯଦି ସେମିତି କରାଯାଉଛି ତେବେ ବ୍ୟକ୍ତିଗତ ଭାବେ ମୁଁ ଏହାର ଯାଞ୍ଚ କରିବା ସହ ସତ୍ୟ ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବରିହା କହିଛନ୍ତି।

## ନୂଆଁଖାଇ ପାଇଁ ଗାଁ ଯାଇଥିଲେ; ଘର ସଫା କରିଦେଲେ ଚୋର


## ୧୦ ଭରି ସୁନା ଓ ୫୦ ହଜାର ଟଙ୍କା ଚୋରି



ବେଲପଡ଼ା, ୭।୯ (ସମିସ): ନୂଆଁଖାଇ ପାଇଁ ଗାଁକୁ ଯାଇଥିଲେ ପରିବାର। ଗାଁରେ ରାତିରେ ରହି ଫେରିବା ପରେ ଘରେ କଳକାନା ବୁଲାଇ ଦେଇଥିଲେ ଚୋର। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ବେଲପଡ଼ା ସହରରେ। ସହରର କଲେଜ ଛକ ନିକଟରେ ରହୁଥିବା ମୁରଲୀଧର ଠାକୁର ଗତ ଶୁକ୍ରବାର ସକାଳେ ପରିବାର ଘରେ ତାଲାମାରି ବେଲପଡ଼ା ଥାନା ଭତାପଡ଼ା ନିଜ ଗାଁକୁ ନୂଆଁଖାଇ ପାଇଁ ଯାଇଥିଲେ, ପରିବାର ଜଣେ ମୃତ୍ୟୁ ବରଣ କରିଥିବାରୁ ଶୁକ୍ରବାର ନୂଆଁଖାଇ ଥିଲେ ଜାତି ଭାଇ ସେଠାରୁ ଫେରି ଘର କବାଟ ଖୋଲିବାବେଳକୁ ଘରର ଜିନିଷ ଏପଟସେପଟ ହୋଇ ପଡ଼ିଥିଲା। ଆଲମାରୀ ଭାଙ୍ଗି ପ୍ରାୟ ୫୦ ହଜାର ଟଙ୍କା ସହ ୧୦ ଭରି ସୁନା ଚୋରି କରିନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପରିବାର। ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଅଧିକ ତଦନ୍ତ ପାଇଁ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମକୁ ଡକାଯାଇଥିବା ଜଣାପଡ଼ିଛି।

## ପରଲୋକରେ ରାମ ବିଳାସ ଗୋୟଲ

ଟିଟିଲାଗଡ଼, ୭।୯ (ସମିସ): ଟିଟିଲାଗଡ଼ ସହରର ପ୍ରତିଷ୍ଠିତ ବ୍ୟବସାୟୀ ତଥା ବଣିକ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋୟଲଙ୍କ ପିତା ରାମ ବିଳାସ ଗୋୟଲ(୮୨) ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ଗୋୟଲ୍ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟବସ୍ଥା



ଗୁରୁତର ହେବାରୁ ପରିବାର ସଦସ୍ୟ ତାଙ୍କୁ ସ୍ଥାନୀୟ ଘରୋଇ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ଗୋୟଲ୍ ଜଣେ ଧର୍ମପରାୟଣ ବ୍ୟକ୍ତି ସହ ଶିବ ଉପାସକ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ନବୀନ ଜୈନ, ପୌର ଅଧକ୍ଷା ମମତା ଦେବୀ ଜୈନ, ବିଶିଷ୍ଟ ବିଜେପି ନେତା ପ୍ରମୋଦ ପ୍ରଧାନ, ଚ୍ୟାମ୍ବର ଅଫ କମର୍ସ ସଭାପତି ଈଶ୍ୱର ଜୈନ, ସାଂସଦ ପ୍ରତିନିଧି ରମେଶ ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପୁରୋହିତ, ଦୀପକ ସମଦ୍ଧାର, ସମାଜସେବୀ ହରିଶ ରାୟଠାତା, ପୂର୍ବତନ ପୌରାଧକ୍ଷ ଶୁଭ୍ରାଂଶୁ ଦାସ ପ୍ରମୁଖଙ୍କ ସହ ସହରର ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି।

## ପୂର୍ବତନ ଡାକମାଷ୍ଟରଙ୍କ ପରଲୋକ

ଦେଓଗାଁ, ୭।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଉପରଝର ଗ୍ରାମର ପୂର୍ବତନ ଡାକମାଷ୍ଟର ଝସକେତନ ସାହୁ(୬୮)ଙ୍କ ଶନିବାର ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥତା ଥିବାରୁ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ ସ୍ଥାନୀୟ ନାଟ୍ୟ କଳାପରିଷଦର ସଭାପତି ଦାୟିତ୍ୱରେ ଥିଲେ।



ତାଙ୍କ ୨ପୁଅ ଶଶିଭୂଷଣ ଓ ବୁଦ୍ଧଦେବ ଓ ଗୋଟିଏ ଝିଅ ଚନ୍ଦ୍ରକାନ୍ତୀ ଥିବାବେଳେ ବଡ଼ପୁଅ ଶଶିଭୂଷଣ ମୁଖାଗ୍ନି ଦେଇଥିଲେ। ରବିବାର ଗାଁ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ସାର ବଣ୍ଟନରେ ଅନିୟମିତତା

## ଚାଷୀଙ୍କୁ ନଦେଇ ସମ୍ପର୍କୀୟଙ୍କୁ ବାଣ୍ଟିଥିବା ଅଭିଯୋଗ

ସଇଁତଳା, ୭।୯ (ସମିସ): ୟୁରିଆ ସାର ପାଇଁ ଅନେକ ସ୍ଥାନରେ କଳାବଜାରୀ ହେଉଥିବା ବେଳେ ସାରପାଇଁ ଚାଷୀଙ୍କୁ ପାକ୍ସରେ ଲମ୍ବାଲାଇନ ଦେବାକୁ ପଡୁଥିବା ଦେଖିବାକୁ ମିଳିଛି। କିଛି ଅସାଧୁ ପାକ୍ସ ସମ୍ପାଦକ ଓ ସଭାପତିଙ୍କ ଯୋଗୁଁ ଚାଷୀଙ୍କୁ ସାର ମଧ୍ୟ ମିଳୁନ ଥିବା ଅଭିଯୋଗ ଆସିଛି। ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକର ଘୁନସର ପାକ୍ସକୁ ଦୁଇ ଟ୍ରକରେ ୬୮୦ ବସ୍ତା ୟୁରିଆ ସାର ଆସି ଥିବା ସହ ଚାଷୀଙ୍କୁ ସାର ବାଣ୍ଟିବା ପାଇଁ ନିର୍ଦ୍ଦେଶ ରହିଥିଲା। ଘୁନସର ପାକ୍ସରେ ସାର ବାଣ୍ଟିବା ବଦଳରେ ଭଦ୍ରାପାକ୍ସରେ ନିଜ ନିଜ ସମ୍ପର୍କୀୟ ଲୋକଙ୍କୁ ପକ୍ସାକୁ ଡାକି ଲୁକିଛୁପି ସଭାପତି ଓ ସମ୍ପାଦକ ୟୁରିଆ ସାର ବଣ୍ଟନ କରି ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୨୬୬ ଟଙ୍କା ୟୁରିଆ ସାର ସରକାରୀ ଦରରେ ଥିବା ବେଳେ ୩୨୦ ଟଙ୍କା ମଧ୍ୟ କିଛି ଚାଷୀ ଙ୍କୁ ବିକ୍ରି କରି ଥିବା ଜଣାପଡ଼ିଛି। ସରକାର ୟୁରିଆ ସାରର ଅଭାବ ନ ଥିବା କହୁଥିବାବେଳେ ଏଭଳି ଅଭିଯୋଗ ଆସୁଥିବା ନେଇ ଚାଷୀ ମହଲ ରେ ଅସନ୍ତୋଷ ଦେଖା ଦେଇଛି। ଏନେଇ ପାକ୍ସ ସମ୍ପାଦକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ।

## ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର, ୭।୯ (ସମିସ) : ସ୍ଥାନୀୟ ଶ୍ରମିକ ମଙ୍ଗଳଭବନଠାରେ ବଲାଙ୍ଗିର ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ତରଫରୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କୁ ନେଇ ପଶ୍ଚିମ ଓଡ଼ିଶାର ସିଘା ପର୍ବ ନୂଆଁଖାଇର ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରମିକ ସମ୍ରାଟ ସ୍ୱର୍ଗତ ଲଳିତ ନାୟକଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ସଂଘର ସଭାପତି ସୋମନାଥ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ କର୍ମଚାରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ହେବା ସହ ବିଭିନ୍ନ ସମସ୍ୟାକୁ ପ୍ରଶାସନ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ଅମିତ ସରାଫ, ପଞ୍ଚାନନ ମେହେର, ଶମ୍ଭୁ ସାହୁ, ସୁଜିତ ବାଗଙ୍କ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ସୁନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଦେଓଗାଁ, ୭।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହାର ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଅବସରପ୍ରାପ୍ତ ଶିକ୍ଷକ ଫଣିନ୍ଦ୍ର କୁମାର ଥନାପତିଙ୍କୁ ଶନିବାର ଜରାସିଂହା ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ବୈଠକରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷକ କୁଳମଣି ବକୁଳ ଓ ସିଆରସିସି ନିର୍ମଳା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓଙ୍କ ସମେତ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଗତ ଜୁଲାଇ ମାସରେ ସ୍ଥାନୀୟ ବ୍ଲକର ବ୍ରାହ୍ମଣୀପାଲି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଅବସରଗ୍ରହଣ କରିଥିବାବେଳେ ଚଳିତ ଗୁରୁଦିବସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏଣୁ ବ୍ଲକର ଶିକ୍ଷକ ମହଲରେ ଖୁସୀର ମାହୋଲ ସୃଷ୍ଟିହେବାସହ ତାଙ୍କ ଆଦର୍ଶତା ଶିକ୍ଷକ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତପ୍ରକାଶ ପାଇଥିଲା।



## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୈଠକ

ବଲାଙ୍ଗିର, ୭।୯ (ସମିସ): ପଶ୍ଚିମପ୍ରାନ୍ତର ପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଲେଜଛକ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ସାଂଗଠନିକ ଜିଲ୍ଲାରୁ ପ୍ରାନ୍ତ ଦାୟିତ୍ୱରେ ଥିବା ପ୍ରତିନିଧିମାନେ ଆସିଥିଲେ ଏବଂ ଆଗାମୀ ଶିକ୍ଷା ବର୍ଷ ୨୦୨୫-୨୬ରେ ଶିକ୍ଷା କ୍ଷେତ୍ରରେ



ଏବିଭିପିର ଭୂମିକା ଓ ସଂଗଠନ ବୃଦ୍ଧି ଏବଂ ଛାତ୍ର ସଂସଦ ନିର୍ବାଚନକୁ ନେଇ ବୈଠକରେ ଚର୍ଚ୍ଚା ହୋଇଥିବା ବେଳେ ପ୍ରତିବର୍ଷ ରାଜ୍ୟ କାର୍ଯ୍ୟକାରିଣୀରେ ସାମାଜିକ ଓ ଶିକ୍ଷା ବିଷୟକୁ ନେଇ ଦୁଇଟି ପ୍ରସ୍ତାବ ପାରିତ ହୋଇଥିଲା। ଶିକ୍ଷାର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରୀକ୍ଷା ଖାତା ଗୁଡ଼ିକର ପୁନର୍ବାର ମୂଲ୍ୟାଙ୍କନ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ପୋର୍ଟାଲର ବ୍ୟବସ୍ଥା କରିବା, ସେଲ୍‌ଫ ଫାଇନେନ୍ସିଂ କୋର୍ସ ଏବଂ ପିପିପି ମୋଡ ଦ୍ୱାରା ଅତ୍ୟଧିକ ମାତ୍ରାରେ ଫି ବୃଦ୍ଧିକୁ ରୋକିବା ଏବଂ ଏକକ ଆଡମିସନ ଫି ଲାଗୁ କରିବା, ରାଜ୍ୟରେ ବିଏଡ ସିଟର ଅଭାବ ଦ୍ୱାରା ବର୍ଷକୁ ପ୍ରାୟ ପଚାଶ ହଜାର ଛାତ୍ରଛାତ୍ରୀ ଅନ୍ୟ ରାଜ୍ୟକୁ ତାଲିମ ନେବାକୁ ଯାଉଥିବା ବେଳେ ସିଟ୍ ସଂଖ୍ୟା ବୃଦ୍ଧି କରିବା, ଜନଜାତି ଛାତ୍ରଛାତ୍ରୀଙ୍କର ସାମଗ୍ରୀକ ବିକାଶ ନିମନ୍ତେ ଓଡ଼ିଶାର ପଶ୍ଚିମ ଭାଗରେ ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ଶକ୍ତିଶ୍ରୀ ଆପ୍ ଜରିଆରେ ଛାତ୍ରୀମାନେ ତାଙ୍କ ଅଭିଯୋଗ ଅନଲାଇନ ପୋର୍ଟାଲରେ ସିଧା ସଳଖ ଦାଖଲ କରିବାର ପ୍ରକ୍ରିୟା ବର୍ଷସାରା ଜାରି ରଖିବା ଆଜି ସହ ଅନ୍ୟ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସ୍ୱେତଂଶୁ ଶେଖର ବରାଇ, ପ୍ରାନ୍ତ ମିଡିଆ ସଂଯୋଜକ ବିଜୟ କଲତା, ପ୍ରାନ୍ତ ସିଡିଡି ସଂଯୋଜକ ମଞ୍ଜିତ କର୍ମୀ, ବିଭାଗ ଛାତ୍ରୀ ପ୍ରମୁଖ ପ୍ରୀତିମୟୀ ନାଏକ, ନଗର ସମ୍ପାଦକ ତେଜରାଜ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ।

## ବଲାଙ୍ଗିର ଫଟକା ବ୍ୟବସାୟୀ ସଂଘର ବୈଠକ

ବଲାଙ୍ଗିର, ୭।୯ (ସମିସ): ବଲାଙ୍ଗିର ଫଟକା ବ୍ୟବସାୟୀ ସଂଘର ଏକ ଜରୁରୀକାଳୀନ ବୈଠକ ବରପାଲିପଡ଼ା ମାନସୀ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଫଟକା କେମିତି ସୁରୁଖୁରୁରେ ବିକ୍ରି ହେବ ତାହା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପ୍ରଶାସନର ସବୁ ନିୟମକୁ ମାନି କାର୍ଯ୍ୟ କଲେ ମଧ୍ୟ ଫଟକା ବ୍ୟବସାୟୀମାନଙ୍କୁ ଏ ଜାବତ୍ ଭଲ ଜାଗା ଖଣ୍ଡେ ଦିଆଯାଇ ନାହିଁ। ଏଥିପାଇଁ ଫଟକା ବ୍ୟବସାୟୀ ସଂଘ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଛନ୍ତି। ଆଜି ସର୍ବସମ୍ମତିକ୍ରମେ ସଭାପତି ଭାବେ ସୌମ୍ୟ ରଞ୍ଜନ ପଣ୍ଡା, ଉପସଭାପତି ଅରୁଣ ରାଉତ, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠି ଏବଂ କୋଷାଧ୍ୟକ୍ଷ ରାମଗୋପାଳ ନାଥ ଚୟନ କରାଯାଇଥିଲା। ବୈଠକରେ ସଂଗ୍ରାମ, ପ୍ରେମ, ବିଦେଶୀ, ପଞ୍ଚା, ସତ୍ୟମ, ଟୁଲୁ, ନେପାଳ, ଅଜିତ, ବବଲୁ, ନୀତେଶ, ନାରାୟଣ, ବରଞ୍ଜି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।






॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥

୰ ଶ୍ରୀ ଅଭିରାମ ବେହେରା
କନ୍ଦରପୁର, ଦରଡ଼ାପାଲି (ଗରାମ), ଜଗତସିଂହପୁର
ଧରାବତରଣ- ୧୫.୧୧.୧୯୫୩
ସର୍ଗାରୋହଣ- ୨୯.୦୮.୨୦୨୫

ଚାହିଁ ଚାହିଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବା ବାଟକୁ। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ସ୍ତ୍ରୀ - ଅନୁସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଜ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ପ୍ରଫୁଲ୍ଲ କୁମାର ରାଉତ
ଚିଳପଦା, ଢେଙ୍କାନାଳ
ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ନମିତା ରାଉତ, ଜ୍ୟୋତିର୍ମୟୀ ରାଉତ, ଆନନ୍ଦିତା ରାଉତ, ଗିନା, ତୃପ୍ତି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ


## ୮୪ଘର ଅଘରିଆ ସମାଜର ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

ବଲାଙ୍ଗିର, ୭।୯ (ସମିସ)

ବଲାଙ୍ଗିର ଜିଲ୍ଲା ୮୪ଘର ଅଘରିଆ ସମାଜ ଟ୍ରଷ୍ଟ ଦ୍ୱାରା ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ଛାତ୍ର ଛାତ୍ରୀଙ୍କ ବକ୍ତୃତା, ରଚନା, ବୁଦ୍ଧିଜ୍ଞାନ ଓ ସଙ୍ଗୀତ ପ୍ରତିଯୋଗିତା କନ୍ଧପାଲି ସ୍ଥିତ ଅଘରିଆ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲ୍ଲାର ବରିଷ୍ଠ ଶିକ୍ଷକ ବୃଷକେତୁ ସାହୁ, ନୀଳାଚଳ ଚିରଗୁନ, ଅଗ୍ନି କୁମାର ନାଏକ, ସୁନୀଲ କୁମାର ବେହେରା, ସୁନୀଲ କୁମାର ପାତ୍ର, ଅନୀଲ କୁମାର ନନ୍ଦ, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଶ୍ୱଜିତ ପ୍ରଧାନ, ଆନନ୍ଦ କୁମାର ବଡ଼ପଣ୍ଡା, ନାରାୟଣ ମିଶ୍ର ବିଚାରକ ଭାବେ ଯୋଗଦେଇ ଥିଲେ। ଶିକ୍ଷା କମିଟି, ପୁସ୍ତକ କମିଟି ଓ ଯୁବା ମଞ୍ଚର ମିଳିତ ଉଦ୍ୟମ କ୍ରମେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଅଧ୍ୟକ୍ଷତା କରି ଆଗାମୀ ପିଢ଼ିକୁ ମଜଭୁତ କରିବା ନେଇ ଉକ୍ତ କାର୍ଯ୍ୟକ୍ରମକୁ ତୃଣମୂଳରୁ ହାତକୁ ନିଆଯାଇଛି ବୋଲି ବକ୍ତବ୍ୟ ଦେଇଥିଲେ। ଏକ ସଭାର ଆୟୋଜନ କରି ଶିକ୍ଷା କମିଟି ସଭ୍ୟ ନୀଳମଣି ପଟେଲ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ସଇଁତଳା ବିଇଓ ଦିଲୀପ କୁମାର ଯୋଷୀ ସମାଜର ଉନ୍ନତିମୂଳକ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଜିଲ୍ଲା ଯୁବାମଞ୍ଚ ସଭାପତି ପ୍ରମୋଦ କୁମାର ପଟେଲ କୃତୀ ପ୍ରତିଭାଙ୍କ ନାମ ଘୋଷଣା କରି ପରୀକ୍ଷା ପରିଚାଳନର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ପରିଚାଳନା ଦାୟିତ୍ୱ ନିର୍ବାହରେ ସହଯୋଗ କରିଥିଲେ ସନ୍ତୋଷ ରାଉତ, ଭକ୍ତଚରଣ ନାଏକ, ସୁରେନ୍ଦ୍ର ନାଏକ, ସୁରଥ ନାଏକ, ଗୋବିନ୍ଦ ଚନ୍ଦ୍ର ପଟେଲ, ଚୈତନ ପଟେଲ, ଦେବଦତ୍ତ ପଟେଲ, ଅମ୍ବୁଜ ପଟେଲ, ଦୁର୍ଗା ପଟେଲ, ଚିତ୍ତରଞ୍ଜନ ପଟେଲ, ଜିତେନ୍ଦ୍ରୀୟ ପଟେଲ, ସୁବାସ ପଟେଲ, ଜୟଚନ୍ଦ୍ର ପଟେଲ, ମୁକୁନ୍ଦ ପଟେଲ, ଆନନ୍ଦ କୁମାର ପଟେଲ, ଚିତ୍ତରଞ୍ଜନ ପଟେଲ, ଡମ୍ବରୁ ଧର ରାଉତ, ବ୍ରଜବାସୀ ସାଏ, କରୁଣାକର ପଟେଲ, ପରୀକ୍ଷା ଦାୟିତ୍ୱରେ ସହଯୋଗ କରିଥିଲେ। ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଚିତ୍ତରଞ୍ଜନ ପଟେଲ, ଦ୍ୱାରିକା ନାଥ ପଟେଲ ଓ ମିତ୍ରଭାନୁ ରାଉତ, ରାଜ କୁମାର ପଟେଲ ଓ ଉପ ସଭାପତି ଲିଲି ପଟେଲ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା କମିଟି ମୁଖ୍ୟ ରଶ୍ମି ରଞ୍ଜନ ସାଏ, ସଭ୍ୟ ସୁଶାନ୍ତ ନାଏକ ସମେତ ଅନେକ ଗୁଡ଼ି ସଭାପତି ଓ କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, କେନ୍ଦ୍ର କମିଟି ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମରେ ଯେଉଁ ଛାତ୍ର ଛାତ୍ରୀ କୃତିତ୍ୱ ହାସଲ କଲେ ସେମାନେ ହେଲେ, ଜଳସା ନାଏକ, ସାଇଶ୍ରୀ ପ୍ରିୟଦର୍ଶିନୀ ପଟେଲ, ପ୍ରାଚୀ ପ୍ରସ୍ଫୁଟିକା ନାଏକ, ରିୟାଂଶି ସାଏ, ରୁଚିକା ସାଏ, ସମୀକ୍ଷା ପଟେଲ, ପ୍ରଭୁଦତ୍ତ ନାଏକ, ସ୍ୱାତୀ ନାଏକ, ଜିଜ୍ଞାସା ସାଏ, ନୀତେଶ କୁମାର ପଟେଲ, ପ୍ରିୟା ପଟେଲ, ସାଇଶ୍ରୀ ପ୍ରିୟଦର୍ଶିନୀ ପଟେଲ, ଅସ୍ମାରାନି ପଟେଲ, ତୃପ୍ତିମୟୀ ରାଉତ, ସାଇ କ୍ରିଷ୍ଣା ପଟେଲ, ଆଦର୍ଶ କୁମାର ପଟେଲ, ଶ୍ରୀ ଓମ୍ ପଟେଲ, ଶଙ୍କର ରାଉତ, କୁନାଲ ରାଉତ, ପରିତୋଷ ପଟେଲ, ଅଂଶ୍ରିତା ପଟେଲ, ଆଦିତ୍ୟ ନାରାୟଣ ପଟେଲ, ଶ୍ରୀଅଂଶୁ ପଟେଲ, ଅସ୍ମିତ ପଟେଲ, ଶିବାନନ୍ଦ ପଟେଲ। ସୁମନ୍ତ ନାଏକ ଶିକ୍ଷା କମିଟି ସଭ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA
ସୋମବାର ୮ ସେପ୍ଟେମ୍ବର, ୨୦୨୫



■ ଶିକ୍ଷକଙ୍କ ନାଁରେ ଯୌନଶୋଷଣ ଅଭିଯୋଗ

# ଶିକ୍ଷକଙ୍କୁ କୋର୍ଟଚାଲାଣ କଲା ପୁଲିସ

**ଧର୍ମଗଡ଼/ଗୋଲାମୁଣ୍ଡା, ୭।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧିନ ବନ୍ଧାଗାଁରେ ଗତ ୩୧.୦୮.୨୫ରିଖ ଦିନ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା।ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ଶେଷରେ ବିଷପିଇ ଆତ୍ମହତ୍ୟା କରିଥିଲା।ଛାତ୍ରୀ ଜଣକ ହେଲେ ବନ୍ଧାଗାଁର, ଛଦ୍ମ ନାମ କଳିକା(୨୦)। ଉକ୍ତ ଗାଁରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କ ସାଙ୍ଗରେ ଦୀର୍ଘ ୧ବର୍ଷ ଧରି ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଛାତ୍ରୀଜଣକଙ୍କୁ ବିଭିନ୍ନ ପ୍ରଲୋଭନ ଓ ବିବାହର ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ଶୋଷଣ କରିଥିଲା। କୌଣସି କାରଣରୁ ଦୀର୍ଘ ୨ମାସ ହେବ ଉଭୟ ପ୍ରେମ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଶିକ୍ଷକ ଜଣକ ଉକ୍ତ ଛାତ୍ରୀ ସାଙ୍ଗରେ କଥାବାର୍ତ୍ତା ହେବା ସମ୍ପୂର୍ଣ୍ଣ ରୂପରେ ବନ୍ଦ କରି ଛାତ୍ରୀଙ୍କ ଠାରୁ ଦୂରେଇ ଯାଇଥିଲେ। ଫଳରେ ଛାତ୍ରୀ ଜଣକ ଲୋକଲଜ୍ୟା ଭୟରେ ଓ ଶିକ୍ଷକଙ୍କ ପ୍ରତାରଣା ସହି ନ ପାରି ୩୧ତାରିଖ ଦିନ ସକାଳ ସମୟରେ ନିଜ ଘରେ ବିଷ ପିଇ ଆତ୍ମହତ୍ୟା



କରିଥିଲେ।ଏନେଇ ଖବର ପାଇ ଦଶପୁର ଫାଣ୍ଡି ପୁଲିସ ପହଞ୍ଚି ଶବକୁ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ।ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ଘଟଣାସ୍ଥଳରୁ ଛାତ୍ରୀଙ୍କ ଏକ ହାତ ଲେଖା ଡାଇରୀ ଓ ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରିଥିଲା ପୁଲିସ। ଏହାକୁ ଆଧାର କରି ଦଶପୁର ପୁଲିସ କେସ ନମ୍ବର ୧୨୯/୨୫ରେ ମାମଲା ରୁଜୁ କରି ଶିକ୍ଷକ ସୁନୀଲ ଚନ୍ଦ୍ର ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଶିକ୍ଷକଙ୍କ ଘର କେସିଙ୍ଗା ଥାନା ବ୍ରାହ୍ମଣୀ ଗାଁର ବୋଲି ଜଣାପଡ଼ିଛି।

# ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ

## ବାସିଖାଦ୍ୟ ଯୋଗୁଁ 'ଆପନା' ଢାବାକୁ ତାଗିଦ୍

**କୋକସରା, ୭।୯(ସମିସ):** ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର କୋକସରା ବ୍ଲକର ଲଡୁଗାଁର ବିଭିନ୍ନ ହେଟେଲ ସମେତ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଦୋକାନ ଯାଞ୍ଚ କରାଯାଇଛି।



୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଡଙ୍ଗରୀଗୁଡାସ୍ଥିତ ଅପନା ଢ଼ାବାରେ ମଧ ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ କରାଯାଇଛି। ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାଏକ, ଏମଟିଏସ୍ ଗଜିନ୍ଦ୍ର କୈବର୍ତ୍ତ ପ୍ରମୁଖ ଯାଞ୍ଚ କରିଥିଲେ। ମୋଟ ୨୭ ଟି ସ୍ଥାନ ପରିଦର୍ଶନ କରି ଯାଞ୍ଚ କରାଯାଇଥିବା ବେଳେ ବିନା ଖାଦ୍ୟ ସୁରକ୍ଷା ସାର୍ଟିଫିକେଟରେ କାର୍ଯ୍ୟ କରୁଥିବା ଖାଦ୍ୟ ବ୍ୟବସାୟୀ ଓ ପରିଚାଳକଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଏହା ସହିତ ନିର୍ଦ୍ଧାରିତ ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପାଳନ କରୁ ନଥିବାରୁ ହୋଟେଲ ଗୁଡ଼ିକକୁ ଚେତାବନୀ ଦିଆଯାଇଛି। ସେହିପରି ଡଙ୍ଗରୀଗୁଡା ସ୍ଥିତ ଅପନା ଢ଼ାବାରେ ବାସି ଖାଦ୍ୟ ପରସା ଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ମାନେ ଢ଼ାବାରେ ପହଞ୍ଚି ଖାଦ୍ୟ ଯାଞ୍ଚ କରିଥିଲେ। ତେବେ ବାସି ଖାଦ୍ୟ ରହିଥିବା ଦେଖିବାକୁ ପାଇ ଢ଼ାବା ମାଲିକଙ୍କୁ ତାଗିଦ୍ କରିବା ସହ ୧୦ ହଜାର ଟଙ୍କା ଫାଇନ କରିବା ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା ସୂଚନା ମିଳିଛି। ଏହାବାଦ୍ ଆଗକୁ ଗ୍ରାହକକୁ ବାସୀଖାଦ୍ୟ ପରସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଚେତାବନୀ ମଧ ଦିଆଯାଇଛି।

ସଂସ୍କାର ଭାରତୀ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ ଓ କବି ସମ୍ମିଳନୀ

# ଉନ୍ନତ ଭାଷା ହିଁ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିର ମାଧ୍ୟମ



**ଭବାନୀପାଟଣା, ୭।୯(ସମିସ)**

କଳା ଓ ସଂସ୍କୃତି ପାଇଁ ସଦା ସମର୍ପିତ 'ସଂସ୍କାର ଭାରତୀ' କଳାହାଣ୍ଡି ତରଫରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଭାରତୀ ଜିଲ୍ଲା ସଭାପତି ଭାଗୀରଥୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା 'ନବାର୍ଣ୍ଣରେ ନବଚେତନା'ଶୀର୍ଷକ କବିତା ପାଠୋତ୍ସବ। ନିମନ୍ତ୍ରିତ କବିଙ୍କ ନିର୍ବାଚିତ ଶବ୍ଦ ସମ୍ମେଳନକୁ ବରିଷ୍ଠ ଶିକ୍ଷାବିତ୍ ତଥା ଶବ୍ଦ ବିଶେଷଜ୍ଞ ଡ.ଉମେଶ ଚନ୍ଦ୍ର ଶତପଥୀ ଉଦଘାଟନ କରିଥିଲେ। ଉନ୍ନତ ଭାଷା ଦ୍ୱାରା ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିର ସମ୍ଭାବନାକୁ ନିଶ୍ଚିତ କରିଥାଏ। ବିଶେଷଭାବେ ଆମ ସଂସ୍କୃତି ହିଁ ଆମ ପରିଚୟ ନିର୍ଣ୍ଣୟ କରିପାରେ ବୋଲି ଉଦଘାଟକ ଡ଼.ଉମେଶ ଶତପଥୀ ମତବ୍ୟକ୍ତ କରିଥିଲେ।ଯୁବକବି ଆଶୁତୋଷ ପୁରୋହିତଙ୍କ ସଂଯୋଜନାରେ କଳ୍ପନା ରଥ, ସୋହନଲାଲ ଅଗ୍ରୱାଲ, ସ୍ୱାଧୀନ ପାତ୍ର, ଭାଗୀରଥୀ ବେହେରା, ପ୍ରମୋଦ କୁମାର ଖମାରୀ, ଆଶୁତୋଷ ପୁରୋହିତ, ସୌରଭ ମହାପାତ୍ର, ପ୍ରତାପ ଚନ୍ଦ୍ର ପଣ୍ଡା, ରମାକାନ୍ତ ପାଢ଼ୀ, ନିକିତା ସାହୁ, କେତନ ରଣା, ତିଳକରାମ ନିଆଲ, ସାଗର ବୈଠାରୁ, ରାଜେଶ ଦାଶ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସ୍କାର ଭାରତୀ ଜିଲ୍ଲା ସାହିତ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଭାପତି ଭାଗୀରଥୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ସନ୍ଧ୍ୟାର ମନୋଜ୍ଞ ପରିବେଶରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ବିଚ୍ଛିତ୍ରୀ। ସଂସ୍କାର ଭାରତୀର ଜିଲ୍ଲା ସଭାପତି ଭାଗୀରଥି ବେହେରାଙ୍କ ଅଧକ୍ଷତାରେ ବିଶିଷ୍ଟ ସମାଜସେବୀ ସୁଧାଂଶୁ ଶେଖର ନେଗୀ ଉଦ୍‌ଘାଟନ କରି ନବାନ୍ନରେ ନବ ପଲ୍ଲବିତ ଧରା ବିଷୟରେ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଯୁବ କବି ପ୍ରତାପ ଚନ୍ଦ୍ର ପଣ୍ଡା ଏବଂ ଯୁବ ନାଟ୍ୟକାର ସୌରଭ ମହାପାତ୍ର ଯୁଗଳବନ୍ଦୀରେ ପରିଚାଳନା କରିଥିଲେ। ସଙ୍ଗୀତ, ନୃତ୍ୟ ଓ କଳାର ସଙ୍ଗମରେ କଳାକାର କ୍ଷୀରସିନ୍ଧୁ ଭୋଇଙ୍କ



ନେତୃତ୍ୱରେ ମାନସ ପଣ୍ଡା, ହରି ସାହୁ ଏବଂ ମାନସ ସାଙ୍କ କଳାକୃତି ଦ୍ୱାରା ତ୍ରିଧାରା ଭଳି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ କ୍ଷେତ୍ରରେ କଳାହାଣ୍ଡି ଲେଖକ କଳା ପରିଷଦର ବିଶିଷ୍ଟ ସଙ୍ଗୀତ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଗୁରୁ ନରେନ୍ଦ୍ର ପଣ୍ଡା, ଦୁର୍ଗା ଶଙ୍କର ପଟ୍ଟନାୟକ, ଜୟରାମ ସାହୁ, ସନ୍ଦିପ ପଣ୍ଡା ବିଭିନ୍ନ ବାଦ୍ୟଯନ୍ତ୍ରରେ ସାଥୀ ଥିବାବେଳେ କଳା ପରିଷଦ ସଙ୍ଗୀତ ବିଦ୍ୟାଳୟର କଣ୍ଠଶିଳ୍ପୀ ସସ୍ମିତା ରଥ, ସସ୍ମିତା ମହାନ୍ତି, ନମୀତା ମିଶ୍ର, ରୋଜାଲିନ ତ୍ରିପାଠୀ, ବୈଷ୍ଣବୀ ପଲ୍ଲବ, ସଙ୍ଗୀତା ରାଉତ ଓ କାଜଲ ମହାରଣା କଣ୍ଠଦାନ କରିଥିଲେ। ଅନୁଷ୍ଠିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନମୁଗ୍ଧକର ହୋଇଥିଲା।ଶେଷରେ ଜିଲ୍ଲା କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଶାନ୍ତି ପାଠ ସହିତ ସଭା ସାଙ୍ଗ ଘୋଷଣା କରିଥିଲେ। ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ପ୍ରାନ୍ତ ଅଧକ୍ଷ ହରେକୃଷ୍ଣ ଭୋଇ, ତାପସ ରଞ୍ଜନ ପଟେଲ ଏବଂ ଆଲୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ

# ଲାଞ୍ଜିଗଡ଼ରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୭।୯(ସମିସ):** ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ବିଶେଷ ଉତ୍ସାହର ସହ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଞ୍ଚଳର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସାକ୍ଷରତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଯାହା ଶିକ୍ଷାର ଗୁରୁତ୍ୱକୁ ପ୍ରଚାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ସମାଜସେବୀମାନେ ଉତ୍ସାହର ସହ ଅଂଶଗ୍ରହଣ କରୁଛନ୍ତି।



ସଚେତନତା ପଦଯାତ୍ରା ମାଧ୍ୟମରେ ଛାତ୍ରଛାତ୍ରୀ 'ସମସ୍ତଙ୍କୁ ସାକ୍ଷର କରିବା' ଲକ୍ଷ୍ୟକୁ ଗାଁ ଗହଳିରେ ପ୍ରଚାର କରୁଛନ୍ତି।ସପ୍ତାହବ୍ୟାପୀ ଚିତ୍ରାଙ୍କନ, ରଚନା, କୁଇଜ୍, ସ୍ଲୋଗାନ୍ ଲେଖନ ପ୍ରତିଯୋଗିତା, ସାମୂହିକ ଆଲୋଚନା ଏବଂ ସାମାଜିକ ସଭା ଆୟୋଜିତ ହେଉଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର କାର୍ଯ୍ୟକ୍ରମରେ ସାକ୍ଷରତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଛନ୍ତି। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ଶିଖିବା ନୁହେଁ, ଏହା ସମାଜର ଆବଶ୍ୟକତା, ଆର୍ଥିକ ସ୍ୱାଧୀନତା, ସଚେତନତା ଏବଂ ସୁସଂସ୍କୃତ ସାମାଜିକ ଜୀବନର ମୂଳଦୁଆ। କୌଣସି ନାଗରିକ ଶିକ୍ଷାରୁ ବଞ୍ଚିତ ରହିବା ଉଚିତ୍ ନୁହେଁ। ସାକ୍ଷର ସମାଜ ହିଁ ଏକ ସୁସଂଗଠିତ ଓ ସଶକ୍ତ ଭାରତ ଗଠନ ପାଇଁ ଅପରିହାର୍ଯ୍ୟ। ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳନ ଲାଞ୍ଜିଗଡ଼ର ସ୍ଥାନୀୟ ସମାଜରେ ଏକ ନୂଆ ଉତ୍ସାହ ଓ ସାମୂହିକ ଦାୟିତ୍ୱର ଭାବନା ସୃଷ୍ଟି କରିଛି। ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ସମାଜସେବୀମାନଙ୍କର ସକ୍ରିୟ ଯୋଗଦାନ କାର୍ଯ୍ୟକ୍ରମକୁ ସାକ୍ଷରତା ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ କରିଛି।

# ଗଞ୍ଜେଇ ଜବତ, ଜଣେ ଗିରଫ

**ମ. ରାମପୁର, ୭।୯(ସମିସ):** କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ ମ.ରାମପୁର ଥାନା ଉର୍ଲାଦାନୀ ଠାରୁ ନାଗଝରି ଗାଁକୁ ଯିବା ରାସ୍ତା କଡରେ ଗଞ୍ଜେଇ ଚୋରା ଚାଲାଣ ସମୟରେ ମ.ରାମପୁର ଥାନା ପୁଲିସ ଚଢ଼ାଉ କରି ୧୪ବସ୍ତା ଗଞ୍ଜେଇ ଜବତ କରି ଜଣକୁ ଗିରଫ କରିଛି।ଗିରଫ ବ୍ୟକ୍ତି ମାରଦିଙ୍ଗ ଗାଁର ଆଦେଶ ନାଏକ। ଜବତ ଗଞ୍ଜେଇ ଏକ କୁଇଣ୍ଟାଲ ଷାଠିଏ କିଲୋଗ୍ରାମ ହେବ ବୋଲି ପୁଲିସ ସୂଚନା ଦେଇଛି।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଧର୍ମଗଡ଼, ୭।୯(ସମିସ):** ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅନ୍ତର୍ଗତ ଚପୁରିଆ ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।ଚପୁରିଆ ଗ୍ରାମର ଜଣେ ବିବାହିତ ପୁରୁଷ ଉକ୍ତ ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ପରେ କେଗାଁ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଉକ୍ତ ଗ୍ରାମର ନୂତନ ବାଗ (୩୭)।ଏନେଇ ଶନିବାର ମହିଳାଙ୍କ ପରିବାର ତରଫରୁ କେଗାଁ ଥାନାରେ ଲିଖିତ ଅଭିଯୋଗ ପରେ କେସ ନମ୍ବର ୨୧୪/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କେଗାଁ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ କେଗାଁ ଥାନା ସବଇନ୍ସପେକ୍ଟର ଅନିଲ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

# କଳାହାଣ୍ଡିରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ନିର୍ବାଚନ

**ଭବାନୀପାଟଣା, ୭।୯(ସମିସ):** ରବିବାର କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରରେ ଥିବା ଏମ୍‌ଏଚ ବିଲ୍ଡିଂର ପଞ୍ଚମ ମହଲାର ବୈଠକ ଗୃହରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ କଳାହାଣ୍ଡି ଜିଲ୍ଲା ଶାଖାର ୨୦୨୫-୨୭ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ଶ୍ରୀମତୀ ସନ୍ଧ୍ୟାରାଣୀ ରଥ, ଉପସଭାପତି ପଦ ପାଇଁ ତ୍ରିବିକ୍ରମ ପଧାନ, ସମ୍ପାଦକ ପଦ ପାଇଁ ବସନ୍ତ କୁମାର, ସହ ସମ୍ପାଦକ (ସଂଗଠନ) ପାଇଁ ଅଜିତ କୁମାର ସାହୁ, ସହ ସମ୍ପାଦକ (ଅର୍ଥ) ପାଇଁ ଅନନ୍ତ ସାହୁ, ସହ ସମ୍ପାଦକ (ସମନ୍ୱୟ) ପାଇଁ ହିମାଂଶୁ ଶେଖର ପାଢ଼ୀ, ସହ ସମ୍ପାଦକ (ସାଂସ୍କୃତିକ) ପାଇଁ ରୋଶନ ସାହୁ, କୋଷାଧକ୍ଷ ପଦ ପାଇଁ କ୍ଷୀରସିନ୍ଧୁ ରଣା, ଅଡିଟର ପଦ ପାଇଁ ମମତା ଶତପଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ସେମାନଙ୍କ ବିରୋଧରେ ଅନ୍ୟ କେହି କୌଣସି ପଦ ପାଇଁ ନାମାଙ୍କନ ପତ୍ର କରିନଥିବା ଯୋଗୁଁ ସେମାନେନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ରବିମଣି ସିଂହ ଓ ସୁଭାସିନୀ ଧୁରୁଆ, ପ୍ରିଜାଇଡିଂ ଅଫିସର ଭାବେ କନକଲତା ସେଠୀ ଓ ମେନକା ସ୍ୱାଇଁ ସେହିପରି ପୁଲିଂ ଅଫିସର ଭାବେ ବେବିଆନା ସାଙ୍ଗା ଓ ସଲିଳା ବିହାରୀଙ୍କ ସହ ମୋନୋନିତ ଥିବା ୩୦ ଜଣ ସ୍ୱେଚ୍ଛାସେବୀ ମିଶି ସୁଚାରୁରୂପେ ନିର୍ବାଚନ ପରିଚାଳନା କରିଥିଲେ। ଫଳାଫଳ ଘୋଷଣା ହେବା ପରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇ ନିର୍ବାଚିତ ପ୍ରତିନିଧିମାନେ ଛୁଟି ଦିନମାନଙ୍କରେ ସମୟ ବାହାର କରି ସଂଘର କର୍ମକର୍ତ୍ତାଙ୍କ ସହଯୋଗରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବା ସହ ସମସ୍ତେ ଏଥିରେ ସହଯୋଗର ହାତ ବଢ଼ାଇବା ପାଇଁ ସଭାରେ ଆଲୋଚନା କରାଯାଇଥିଲା।

# ବର୍ଷାରେ ଧୋଇଗଲା ସରମାଣ୍ଡି ଉଭୟ ପଡ଼ାର ସଂଯୋଗ ରାସ୍ତା

**ଥୁଆମୂଳରାମପୁର, ୭।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ସିଲେଟ ପଞ୍ଚାୟତ ଅଞ୍ଚଳରେ ପ୍ରବଳ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ରବିବାର ଅପରାହ୍ନରେ



ହୋଇଥିବା ପ୍ରବଳ ବର୍ଷା ପ୍ରଭାବରେ ପଞ୍ଚାୟତର ସରମାଣ୍ଡି ଗ୍ରାମର ଉପରପଡ଼ା ଏବଂ ଗୁଡିପଡ଼ାକୁ ସଂଯୋଗ କରୁଥିବା ମାଟିରାସ୍ତା ଧୋଇନେଇଛି।ଫଳରେ ଉଭୟ ପଡ଼ାବାସୀଙ୍କ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି।ଚିରଅବହେଳିତ ଅବସ୍ଥାରେ ରହିଥିବା ଏହି ଗାଁର ବିକାଶ ପାଇଁ ନା ଜନପ୍ରତିନିଧି ନା ପ୍ରଶାସନ କାହାରି ମଧ ଆଜିଯାଏ ଦୃଷ୍ଟି ପଡ଼ିପାରିନି ଯାହା ବିଡମ୍ବନାର ବିଷୟ। ସିଲେଟପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମକୁ ସଂଯୋଗ କରିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ ସଡକ ଅଧବାଟରେ ଦରଖଣ୍ଡିଆ କରି ଛାଡି ଦିଆଯାଇଛି। ବର୍ଷା ଦିନେ ସମସ୍ୟା ସାଙ୍ଘାତିକ ହୋଇଥାଏ। ବିକାଶ ମଧ ସେଇ ଅଧବାଟରୁ ଅଦୃଶ୍ୟ ହୋଇଯାଏ। ଗାଁରେ ଉନ୍ନୟନମୂଳକ କାର୍ଯ୍ୟର ମୁଠାଏ ସିମେଣ୍ଟ କଂକ୍ରିଟର ଚିହ୍ନ ନଥିବା ବେଳେ ଏଇ ପାଦଚଲା ବାଟର କଥା କିଏ ପଚାରେ। ଉଭୟ ପଡ଼ାକୁ ସଂଯୋଗ କରୁଥିବା ରାସ୍ତାକୁ ପକ୍କା କରାଯିବା ପାଇଁ ଖସଡା ପ୍ରସ୍ତୁତ ହୋଇଛି ବୋଲି ପିଇଓ ମୁକେଶ ପୁଟେଲ୍ ସୂଚନା ଦେଇଛନ୍ତି।

ଖରିଆରରୋଡରୁ ବାହାରିଲା ସବୁଜ ରଥ

# ପ୍ରତି ପଞ୍ଚାୟତରେ ହେବ ୫ଶହ ଚାରାରୋପଣ

**ନୂଆପଡ଼ା, ୭।୯(ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରୁ ବାହାରିଲା ସବୁଜ ରଥ। ଏହାକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ଅଧକ୍ଷତା କରିଥିବାବେଳେ ଜିଲ୍ଲାପାଳ ମୁଖ୍ୟଅତିଥି, ଜିଲ୍ଲାପରିଷଦ ମୁଖ୍ୟକାର୍ଯ୍ୟନିର୍ବାହୀ ଲମ୍ବୋଦର ଧରୁଆ, ରେଞ୍ଜର ଜୟଦେବ ମାଝୀ, କୋମନା ରେଞ୍ଜର ଦେବଦତ୍ତ ସୁତାର, ନୂଆପଡ଼ା ବିଡିଓ ରୋହିତ ଭୋଇ, ଖରିଆରରୋଡ ଏନଏସି କାର୍ଯ୍ୟନିବାହୀ ଅଧିକାରୀ କମଳାସନ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ ପ୍ରତି ପଞ୍ଚାୟତରେ ୫ଶହ ଚାରାରୋପଣର ଲକ୍ଷ୍ୟ ରଖାଯାଇଛି।ଏହି ଉଦ୍ଦେଶ୍ୟରେ ସେପ୍ଟେମ୍ବର ୭ରୁ ୧୦ତାରିଖ ମଧରେ ଜିଲ୍ଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ଏହି ରଥ ଜରିଆରେ ଚାରା ଯୋଗାଣ କରାଯିବବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଏହିଭଳି ରଥ ସବୁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପ୍ରକୃତି ପ୍ରେମୀ ମନୋଜ ଡାଗା, ଫରେଷ୍ଟର ବିନୋଦ ବିହାରୀ ନାୟକ, ତ୍ରିବିକ୍ରମ ନାଏକ, ସଂଯୁକ୍ତା ବାରିକ, ଫରେଷ୍ଟ ଗାର୍ଡ ଶୁଭସ୍ମିତା ମହାନ୍ତି, ସଚିଦାନନ୍ଦ ସାହୁ, ଜିତାମିତ୍ର ଭୋଇ, ଉତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋହୋଣ୍ଡୋ ପାଲିରେ ଯୁବ ଯାଦବ ବୈଠକ

**କୋମନା, ୭।୯(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଲାହୋଣ୍ଡୋପାଲିରେ ଯୁବ ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ସଭାପତି କାର୍ତିକ ବାଗ ଅଧକ୍ଷତା କରିଥିବାବେଳେ କାର୍ଯ୍ୟକାରି ସଭାପତି ପରମାନନ୍ଦ କରୁଆଁ, ଉପସଭାପତି କେଶବ ବେମାଲ, ସହସମ୍ପାଦକ ଲଳିତ କୁମାର ନିଆଲ, କୋଷାଧକ୍ଷ ବଳବନ୍ଧୁ ଘିବେଲା ଉପସ୍ଥିତ ଥିଲେ।ଏଥିରେ ଜିଲ୍ଲା ଯୁବ ପ୍ରତିନିଧି ତୋଫାନ ନିଆଲ, ଜିଲ୍ଲା କାର୍ଯ୍ୟକାରିଣୀ ତ୍ରିଲୋଚନ ନାଗ, ସମ୍ପାଦକ ବିରାଟ ବାଗ ବିଶେଷ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁବ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଓବିସି ସଂଗଠନକୁ କିପରି ମଜବୁତ କରାଯିବ ସେ ଉପରେ ମଧ ଆଲୋଚନା ହୋଇଥିଲା। ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଭାବେ ସଭାପତି ପୁରନ୍ଦର ନିଆଲ, ଉପସଭାପତି ବିଜୟ ହାତୀ, ସମ୍ପାଦକ ବିଦ୍ୟାଧର ବେମାଲ, ସହସମ୍ପାଦକ ମହେଶ୍ୱର ବାଗ, କୋଷାଧକ୍ଷ ଜୟଦେବଙ୍କୁ ଦାୟିତ୍ୱ ଦିଆଗଲା। ବୈଠକରେ କେଶବ ବେମାଲ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ବେମାଲ, ନବକିଶୋର କେତକୀ, ବାସୁଦେବ ବାଗ, ନୀଳମୟ ବାଗ, ପୀତବାସ ହାତୀ ପ୍ରମୁଖ ସହଯୋଗ କରିଥିଲେ।

ନୂଆପଡ଼ାରେ ଜିଲ୍ଲା ରାଜସ୍ୱ ଅଧିକାରୀ ବୈଠକ

# ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛତା ଓ ବୃକ୍ଷରୋପଣକୁ ଗୁରୁତ୍ୱ

**ନୂଆପଡ଼ା, ୭।୯(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କ ତଥା ରାଜସ୍ୱ ସଂଗ୍ରହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଡେପୁଟୀ କଲେକ୍ଟର ଶେଖ ନସିମ, ହେମନ୍ତ ପୁଟା, ସମସ୍ତ ବିଡ଼ିଓ ଓ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଯନ୍ତ୍ରୀ, ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ, ପରିବହନ ଅଧିକାରୀ, ସମସ୍ତ ଏନ୍ ଏ ସି କାର୍ଯ୍ୟନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡିଇଜିଏମ ପ୍ରମୁଖ ଯୋଗ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ସମସ୍ତ ତହସିଲଦାର, ଆଡିସିଓନାଲ ତହସିଲଦାର ରାଜସ୍ୱ ନିରୀକ୍ଷକ ଅତି ଶୀଘ୍ର ନିଜ ନିଜ ତହସିଲର ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟ କରି ଘରଡିହ ନ ଥିଲେ ଯୋଗାଇ ଦେବେ। ଚାଷ ଜମି ମୋଟେ ନ ଥିଲେ ସରକାରୀ ନିୟମ ମୁତାବକ ଜମି ଲିଜ ଦେବେ। ଦ୍ୱିତୀୟ ଖାନା ସଂଶୋଧନ କରିବେ ଯାହାଦ୍ୱାରା ସେମାନେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ପାଇ ପାରିବେ। ସମସ୍ତ ରାଜସ୍ୱ ଅଧିକାରୀ ନିୟମିତ ବିଭିନ୍ନ ଉତ୍ସରୁ ଜିଲ୍ଲାର ରାଜସ୍ୱ ବୃଦ୍ଧି ପାଇଁ ଧ୍ୟାନ ଦିଅନ୍ତୁ। ସମସ୍ତ ଅଧିକାରୀ ସହଯୋଗ କରି ଜିଲ୍ଲା ରେଡକ୍ରସ ପାଣ୍ଠି ବୃଦ୍ଧି କରନ୍ତୁ। ବିଭିନ୍ନ ବିଭାଗର ସମୀକ୍ଷାରୁ ଜଣାଗଲା



ଯେ ଚଳିତ ଆର୍ଥିକ ବର୍ଷ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ୫ କୋଟି ୬୪ଲକ୍ଷ ଟଙ୍କା ସଂଗ୍ରହ ହୋଇଛି। ଜିଲ୍ଲାପାଳ କହିଲେ ଯେ ରାସ୍ତା ଦୁର୍ଘଟଣାରେ ବିଶେଷକରି ବାଇକ୍ ଚାଳକ ଯୁବା ବର୍ଗଙ୍କ ଜୀବନ ହାନି ଘଟୁଥିବାରୁ ମଦ୍ୟପାନ ଏବଂ ବିନା ହେଲମେଟରେ ବାଇକ୍ ଚାଳନା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ। ଅବକାରୀ ବିଭାଗ ଦ୍ୱାରା ଅଗଷ୍ଟ ସୁଦ୍ଧା ୮ କୋଟି ୫୬ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ବେଆଇନ ମଦ କୋଠି, କଫ ସିରପ୍, ଗଞ୍ଜେଇ କାରବାରକୁ ଦୃଢ଼ ହସ୍ତରେ ଦମନ କରି କେଶ ସଂଖ୍ୟା ବଢ଼ାଇବା ପାଇଁ ଜିଲ୍ଲାପାଳ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାର ସମସ୍ତ ଖଣି ଖାଦାନ ବାଲି ମୋରମ ପଥରରୁ ନିୟମିତ ରାଜସ୍ୱ ସଂଗ୍ରହ ହେବ। ମାଇନିଙ୍ଗ, ପୋଲିସ ଓ ତହସିଲ୍ ବିଭାଗ ମିଳିତ ଭାବରେ ରେଡ୍ କରିବେ। ଖଣି ବିଭାଗ ଗତ ମାସ ସୁଦ୍ଧା ସୁଦ୍ଧା ୧ କୋଟି ୫୦ଲକ୍ଷ ଟଙ୍କା ଏବଂ ସି ଟି ଏବଂ ଜି ଏସ ଟି ବିଭାଗ ୮ କୋଟି ୩୦ ଲକ୍ଷ ଟଙ୍କା ଏବଂ ଓଜନ ଓ ପରିମାପ ବିଭାଗ ୧ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ଦେଇଛନ୍ତି। ଜିଲ୍ଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ମାସ ଶେଷ ସୁଦ୍ଧା ୩ କୋଟି ୩୧ ଲକ୍ଷ ଟଙ୍କା ଆଦାୟ ହୋଇଛି। ଜିଲ୍ଲାପାଳ କହିଲେ ତହସିଲଦାର ମାନେ ସମସ୍ତ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘର ଡିହ ପଟ୍ଟା ଯୋଗାଇଦେବେ। ପଡ଼ିରହିଥିବା ସମସ୍ତ ରାଜସ୍ୱ କେଶ୍ ଓ ମ୍ୟୁଟେସନ କେଶ୍ ଶିଘ୍ର ସମାଧାନ ହେବ। ଜିଲ୍ଲାର ଜଙ୍ଗଲ ଜମି ଏବଂ ଗୋଚର ଜମିରୁ ଜବର ଦଖଲ ଅତି ଶିଘ୍ର ଉଚ୍ଛେଦ କରି ତାକୁ ସଂରକ୍ଷିତ ରଖାଯିବ। ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମାନେ ତହସିଲଦାରମାନଙ୍କ ସହଯୋଗରେ ସହରାଞ୍ଚଳର ରାସ୍ତା ଘାଟରୁ ଜବର ଦଖଲ ଉଚ୍ଛେଦ କରିବେ।ରାସ୍ତାରୁ ଗୃହ ପାଳିତ ପ୍ରାଣୀମାନଙ୍କୁ ଉଠାଇ ଗୋଶାଳାରେ ରଖାଯିବ। ଜିଲ୍ଲାରେ ସରକାରୀ ଜମି ଆବାଦ କରାଯିବ। ଲେଣ୍ଡ ବ୍ୟାଙ୍କ ସୃଷ୍ଟି କରି ଶିଳ୍ପ ପାଇଁ ସୁବିଧାରେ ସରକାରୀ ଜମି ଯୋଗାଇ ଦିଆଯିବ।ଗ୍ରାମ୍ୟ ଜଙ୍ଗଲ ଜମି ସବୁ ଚିହ୍ନଟ ହୋଇ ବ୍ୟାପକ ବୃକ୍ଷ ରୋପଣ କରାଯିବ।ଗତ ମାସ ଯାଏଁ ସମସ୍ତ ତହସିଲରେ ୯୫୩୨ଟି ପାର୍ଚ୍ଚା ଦ୍ୱିତୀୟ ଖାନା ସଂଶୋଧନ ହୋଇଛି। ପ୍ରଶାସନର ସମସ୍ତ ବିଭାଗ ନିର୍ଦ୍ଧାରିତ ରାଜସ୍ୱ ଠିକ୍ ସମୟରେ ସଂଗ୍ରହ କରି ଲୋକମାନଙ୍କ ଦ୍ୱାର ଦେଶରେ ବିଭିନ୍ନ ସେବାଯୋଗାଇ ଦେବେ। ନୂଆପଡ଼ା ଜିଲ୍ଲା ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଜିଲ୍ଲାକୁ ଆଉ ଏହିଭଳି ପ୍ଲାଷ୍ଟିକ ଜମାରୁ ଆସିବ ନାହିଁ କିମ୍ବା କୌଣସି ଦୋକାନରେ ବିକ୍ରି ହେବନାହିଁ। ସମସ୍ତ ରାଜସ୍ୱ ଅଧିକାରୀ ଜିଲ୍ଲାକୁ ପ୍ରବାସୀ ଶ୍ରମିକ ମୁକ୍ତ କରିବା, ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ ମୁକ୍ତ କରିବା, ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ।ପାର୍ଚ୍ଚା ଦ୍ୱିତୀୟ ଖାନା ଶତ ପ୍ରତିଶତ ସଂଶୋଧନ କରିଥିବାରୁ ସଭାରେ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ସୁନାନୀ, ଦେବରାଜ ତ୍ରିପାଠୀ, ଗଙ୍ଗାଧର ଜଗତ, ଲାଇବାନ ପୁଝାରୀ ଓ ଶେଫାଳୀ ତାଣ୍ଡିଙ୍କୁ ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା।


ନୂତନ ଏସ୍‌ପିଙ୍କୁ ଭେଟିଲା ଜିଲ୍ଲା ସାମ୍ବାଦିକ ସଂଘ

# ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ କଲେ ଆଲୋଚନା



**ନୂଆପଡ଼ା, ୭।୯(ସମିସ):** ନୂଆପଡ଼ା ଜିଲ୍ଲା ସାମ୍ବାଦିକ ସଂଘ (ଜାନ)ର ସାମ୍ବାଦିକମାନେ ନୂତନ ଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିବା ଏସ୍‌ପି ଅମ୍ରିତ ପାଲ ସିଂଙ୍କୁ କାର୍ଯ୍ୟାଳୟରେ ଭେଟି ସୌଜନ୍ୟମୂଳକ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତି ଘନଶ୍ୟାମ ଭୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏସପିଙ୍କୁ ଭେଟି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।ଏସପି ମଧ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲ୍ଲାରେ ମାଓବାଦୀ ସମସ୍ୟା, ଡ୍ରଗ୍ସ ଚାଲାଣ, ପ୍ରବାସୀ ଶ୍ରମିକ, ଜୁଆ ଏବଂ ସଟ୍ଟା ବ୍ୟବସାୟ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ନକ୍ସଲ ଏବଂ ଅପରାଧ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି ଏସ୍‌ପି କହିଛନ୍ତି। ମୋର ଲକ୍ଷ୍ୟ ହେଉଛି ନକ୍ସଲବାଦକୁ ଦମନ କରିବା ଏବଂ ଜିଲ୍ଲାରେ ଶାନ୍ତି ବଜାୟ ରଖିବା। ତେଣୁ ଆପଣଙ୍କ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅମୃତପାଲ ସିଂ କହିଛନ୍ତି। ଜାନ ଟିମରେ ଅନ୍ୟମାନଙ୍କ ମଧରେ ସମ୍ପାଦକ ରତନ କେତକୀ, ମାୟାଧର ସରାଫ, ତାଲେଶ୍ୱର ଦେୱାଙ୍ଗନ, ଅଶ୍ୱିନୀ ପାଣିଗ୍ରାହି, କୁନୁ କରୁଆଁ, ସଞ୍ଜୀବ କୁମାର ପାଣିଗ୍ରାହି, ଆଦିତ୍ୟ ମହାଉତି, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଚନ୍ଦ୍ର ପଟେଲ, ନଟ ଆଡବଙ୍ଗ, ଚେତୁରାମ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

ସକାଳ THE SAKALA

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି।

ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। ଏ ଦିଗରେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ) ଦେଶର ପ୍ରତ୍ୟେକ ସୌରଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କୁ ଏକ ମାର୍ଗଦର୍ଶିକା ଜାରି କରି ଭଣ୍ଡାରଣ ଓ ବିତରଣ ବ୍ୟବସ୍ଥାକୁ ସୁସଂହତ କରିବାକୁ ଉପଦେଶ ଦେଇଛି। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

## ଓଡ଼ିଶାରେ ଅସୁସ୍ଥ ସ୍ୱାସ୍ଥ୍ୟସେବା

ଡ. ପ୍ରଫୁଲ୍ଲ କୁମାର ସାହୁ

ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ହିଁ ସ୍ୱାସ୍ଥ୍ୟ, ଯାହା ମଣିଷର ମୌଳିକ ଆବଶ୍ୟକତା। ଉପନିଷଦ କହେ - 'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଅର୍ଥାତ୍ ସୁସ୍ଥ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ ସମ୍ଭବ। ସୁସ୍ଥ ନାଗରିକ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ। ରାଜ୍ୟ ଓ ଦେଶର ପ୍ରଗତିରେ ଥାଏ ସ୍ୱାସ୍ଥ୍ୟସେବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ତେଣୁ ସମସ୍ତଙ୍କୁ ସବୁଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ବିଶେଷକରି ସ୍ୱାସ୍ଥ୍ୟସେବା ସର୍ବଦା ସମ୍ବେଦନଶୀଳ, ସହଜଲବ୍‌ଧ, ଗୁଣବତ୍ତା ସଂପନ୍ନ ଓ ଉତ୍ତରଦାୟୀ ହେବା ଜରୁରୀ। ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଭାରତବର୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତୁଳନାତ୍ମକ ଭାବେ ଓଡ଼ିଶାର ସ୍ଥିତି ଆହୁରି ନୈରାଶ୍ୟଜନକ।

ଇଣ୍ଡିୟାନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରିତ ମାନ ଅନୁସାରେ ସମତଳ ଅଞ୍ଚଳରେ ପ୍ରତି ୩୦ହଜାର ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ଆବଶ୍ୟକ। ସେହିପରି ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳରେ ପ୍ରତି ୨୦ ହଜାର ଲୋକରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦ହଜାର ଲୋକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ବ୍ୟବସ୍ଥାସମ୍ମତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହିସାବ ଅନୁଯାୟୀ ପ୍ରତି ଏକହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବା ସ୍ଥଳେ ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୧୮୧୫ଟି ଏଲୋପାଥି ଡାକ୍ତରଖାନା ଅଛି ଏବଂ ସେସବୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୭୧୯। ବିଡ଼ମ୍ବନାର ବିଷୟ ସେଥିମଧ୍ୟରୁ ୪୩୧୫ ଜଣ ନିୟମିତ ଡାକ୍ତର ଥିବା ବେଳେ ଖାଲି ପଡ଼ିଛି ୨୦୦୪ଟି ନିୟମିତ ଡାକ୍ତର ପଦବୀ।

ଜୀବନ ରକ୍ଷାକାରୀ ସେବାପରାୟଣ ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର। ଦ୍ୱିତୀୟ ଈଶ୍ୱର ସୃଷ୍ଟି କରିବା ତଥା ଉଚ୍ଚମାନର ରୋଗୀସେବା ପ୍ରଦାନ କରିବା ମେଡିକାଲ କଲେଜଗୁଡ଼ିକର ଗୁରୁଦାୟିତ୍ୱ। ମାତ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଓଡ଼ିଶାରେ ଡାକ୍ତରୀଶିକ୍ଷା ବ୍ୟବସ୍ଥା ଏବେ ଅବହେଳିତ। ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମେତ ରାଜ୍ୟରେ ଥିବା ବିଭିନ୍ନ କିସମର ୧୬ଟି ମେଡିକାଲ କଲେଜରେ ଲାଗି ରହିଛି ଶିକ୍ଷକ ମରୁଡ଼ି।

ଓଡ଼ିଶାରେ ବହୁଳ ଆଦୃତ, ପ୍ରଚଳିତ ସାଫଲ୍ୟମଣ୍ଡିତ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ବଦଳରେ ରାଜ୍ୟରେ ଲାଗୁ ହୋଇଛି କେନ୍ଦ୍ର ସରକାରଙ୍କର ବହୁ ଚର୍ଚ୍ଚିତ ଆୟୁଷ୍ମାନ ଭାରତ ଯୋଜନା। କୌଣସି ଏକ ପ୍ରଚଳିତ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ ଉତ୍କୃଷ୍ଟ ସାବ୍ୟସ୍ତ କରିବାକୁ ହେଲେ ତାହା ପ୍ରଚଳିତ ଯୋଜନା ଅପେକ୍ଷା ସୁଲଭ ସରଳ ଓ ସର୍ବଗ୍ରାହ୍ୟ ହେବା ଆବଶ୍ୟକ। ମାତ୍ର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ତତ୍କାଳ ସେବା ଯୋଗାଇବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ ଯୋଜନା ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍ ଦୁର୍ବଳ। ଏଥିରେ ଆଶୁ ସେବା ଯୋଗାଇବା କ୍ଷେତ୍ରରେ ବାଧକ ହୋଇଛି ଅନାବଶ୍ୟକ ତଥ୍ୟବହୁଳ ଓ ସର୍ତ୍ତ ସମ୍ବଳିତ ପଞ୍ଜିକରଣ ପ୍ରକ୍ରିୟା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଆୟୁଷ୍ମାନ ଭାରତ ଯୋଜନା, ଏ ବାବଦରେ ସରକାର ଦେଉଥିବା ଲକ୍ଷଲକ୍ଷ ଟଙ୍କାର ଅନୁଦାନ ତୁଳନାରେ ରାଜ୍ୟରେ ସୁଦୃଢ଼ ଚିକିତ୍ସା ଭିତ୍ତିଭୂମି ନଥିବାରୁ ଏହାର ସୁଯୋଗ ନେଉଛନ୍ତି ସେବାକୁ ବେପାର ଭାବରେ ଗ୍ରହଣ କରିଥିବା ଘରୋଇ ଡାକ୍ତରଖାନାର ମାଲିକମାନେ। ସରକାରୀ ଅଧିକାରୀଙ୍କ ସହିତ ସଲାସୁତୁରା କରି ସେମାନେ ମାଲେମାଲ ହେଉଛନ୍ତି ଉପରୋକ୍ତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ। ଏହି ଯୋଜନା ଅନ୍ତର୍ଗତ କେଉଁ ରୋଗ ପାଇଁ ସରକାର କେତେ ଟଙ୍କା ଦେବେ, ତାହା ନିର୍ଦ୍ଧାରଣ କରିବାରେ ବି ରହିଛି ସେମାନଙ୍କ ପ୍ରଚ୍ଛନ୍ନ ହାତ।

ଗଲା କେତେବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇଥିବା ସତ୍ତ୍ୱେ ରାଜ୍ୟରେ ଏମିତି ସାତ ହଜାରରୁ ଅଧିକ ଅପହଞ୍ଚ ଗାଁ ଅଛି, ଯେଉଁଠିକି ଯାଇ ପାରୁନି ଆମ୍ବୁଲାନ୍ସ। ସେହିସବୁ ଗାଁ ଲୋକଙ୍କ ପାଇଁ କୌଣସି ଅର୍ଥ ବହନ କରେନି ୧୦୮ ଆମ୍ବୁଲାନ୍ସ ସେବା। ଗ୍ରାମାଞ୍ଚଳର ଆଉଏକ ସମସ୍ୟା ହେଉଛି ସେଠାକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରମାନଙ୍କ ଅନୁପସ୍ଥିତି। ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପ୍ରାୟତଃ ସହରରେ ରୁହନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଯାଆନ୍ତି ନାହିଁ କି ସେଠାରେ ରୋଗୀ ଦେଖନ୍ତିନି ନିର୍ଦ୍ଧାରିତ ସମୟରେ। ଉପାନ୍ତ ଅଞ୍ଚଳରେ କିଛି ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତିରେ ରୋଗୀ ସେବା କରନ୍ତି ସୁଇପର ଓ ରାତ୍ରି ଜଗୁଆଳି।

ଆମ ସମାଜରେ ଆଜି ବି ଏମିତି ଡାକ୍ତର ଅଛନ୍ତି, ଯେଉଁମାନଙ୍କ ପାଇଁ ରୋଗୀସେବା ଏକ ବୃତ୍ତି ନୁହେଁ ପ୍ରବୃତ୍ତି। ଏକ ସଂକଳ୍ପ। ଏହି ଉତ୍ସର୍ଗୀକୃତ ଡାକ୍ତରଙ୍କ ମିଠାକଥାରେ, ଶ୍ରଦ୍ଧାଶୀଳ ଆଚରଣରେ, ସ୍ପର୍ଶରେ ରୋଗୀ ଅନୁଭବ କରେ ଅଧା ଉପଶମ। ସେମାନଙ୍କ ନିଃସର୍ତ୍ତ ସେବାପଣ ଆଗରେ ନଇଁଯାଏ ମଥା। ଆଉ ଏକ କିସମର ଡାକ୍ତର ଅଛନ୍ତି, ଯିଏ ଲାଭ ଓ ଲୋଭର ତରାଜୁରେ ମାପନ୍ତି ସେବାର ମାନ। ଏମାନେ ସରକାରୀ ଚାକିରିରେ ଥାଇ ସୁଦ୍ଧା ଅଧିକ ସମୟ ଦିଅନ୍ତି ଘରୋଇ ଚିକିତ୍ସାରେ। ଘରୋଇ ଚିକିତ୍ସାର ଅର୍ଥ ନୁହେଁ, ଯୋଜନାବଦ୍ଧ ଭାବରେ ସରକାରୀ ଡାକ୍ତରଖାନା ପ୍ରତି ଅନାସ୍ଥାଭାବ ସୃଷ୍ଟି କରି ରୋଗୀକୁ ଘରୋଇ ଚିକିତ୍ସା ଆଡ଼କୁ ଟାଣିବା। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହିଁ ବିଡ଼ମ୍ବିତ ସତ୍ୟ। ଏହି କାରଣରୁ ଆଶ୍ଚର୍ଯ୍ୟଜନକ ଭାବେ ଅଚଳ ହୋଇଯାଏ ସରକାରୀ ଡାକ୍ତରଖାନାର ବହୁ ମୂଲ୍ୟବାନ ଯନ୍ତ୍ରପାତି।

ଗଲା କେତେ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କର୍ପୋରେଟ ପରିଚାଳିତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ଏବଂ ଘରୋଇ ଡାକ୍ତରଖାନାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିପାରିଛି ବୈପ୍ଳବିକ ପରିବର୍ତ୍ତନ। ଜଟିଳ ରୋଗର ଚିକିତ୍ସା ପାଇଁ ଆଉ ଯିବାକୁ ପଡୁନି ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର। ସବୁ ପ୍ରକାର ଚିକିତ୍ସା ସୁବିଧା ଓଡ଼ିଶାର ଘରୋଇ ଡାକ୍ତରଖାନାରେ ଉପଲବ୍ଧ। ଏସବୁ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ଯେତିକି ଉଚ୍ଚମାନର, ତଣ୍ଟିକଟା ଯୋଜନା ସେତିକି ସୁପରିକଳ୍ପିତ। ରୋଗୀ ମରିଗଲା ପରେ ବି ତା' ଦେହରେ ଭେଣ୍ଟିଲେଟର ଲଗାଇ ପରିବାର ଲୋକଙ୍କଠାରୁ ଶୋଷଣ କରାଯାଏ ଟଙ୍କା। ରୋଗୀ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ, ରୋଗୀ ଆରୋଗ୍ୟ ପରେ ବି ଚିକିତ୍ସା ଚାଲେ ନିର୍ଦ୍ଧାରିତ ଅର୍ଥରାଶି ହଡ଼ପ ସରିବା ପର୍ଯ୍ୟନ୍ତ। ସାଧାରଣ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ତ୍ତରେ ଏମାନେ ଶାଗମାଛ ଦରରେ ହାତେଇଛନ୍ତି ମୂଲ୍ୟବାନ ସରକାରୀ ଜମି। ସର୍ତ୍ତ ଖିଲାପ ପରେ ବି ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେମାନଙ୍କ ବ୍ୟବସାୟ ବଢ଼େଇବା ପାଇଁ ଜାଣିଶୁଣି ସରକାରୀ ଡାକ୍ତରଖାନାରେ ସୃଷ୍ଟି କରାଯାଉଛି ଅଚଳାବସ୍ଥା।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଆଉ ଏକ ସମସ୍ୟା ହେଉଛି ନକଲି ଓ ନିମ୍ନମାନର ଔଷଧ। ନିମ୍ନମାନର ଔଷଧ ଯେତିକି ବିପଦଜ୍ଜନକ, ନକଲି ଔଷଧ ସେତିକି ମାରାତ୍ମକ। ରୋଗୀ ଔଷଧ ଖାଏ ରୋଗ ଭଲ ହେବା ପାଇଁ। ମାତ୍ର ରୋଗ ଭଲ ହେବା ତ ଦୂରର କଥା ନକଲି ଔଷଧ ରୋଗୀ ଦେହରେ ସୃଷ୍ଟି କରେ ନୂଆ ରୋଗ। ଏହି ଦୃଷ୍ଟିରୁ ଯେଉଁମାନେ ନକଲି ଔଷଧ କାରବାର କରନ୍ତି, ସେମାନେ ଜଣେ ଜଣେ ହତ୍ୟାକାରୀ ବା ଜୀବନଭକ୍ଷକ। ଅସାଧୁ ବ୍ୟକ୍ତି ବା ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ନକଲି ଔଷଧ ତିଆରି ହୁଏ, ଯା'ର ଏକମାତ୍ର ଉଦ୍ଦେଶ୍ୟ ଅସାଧୁ ଉପାୟରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ। ଆମ ରାଜ୍ୟରେ ବିଭିନ୍ନ ସମୟରେ ନକଲି ଔଷଧ ଜବତ ହେଉଥିଲେ ବି ଦୋଷୀ ଧରାପଡୁନାହାନ୍ତି, କିମ୍ବା ଧରାପଡ଼ିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ଦୁର୍ଭାଗ୍ୟଜନକ। ନକଲି ଔଷଧ ଯୋଗୁଁ ହେଉଥିବା ମୃତ୍ୟୁ ପାଇଁ କେବଳ ତା'ର ନିର୍ମାତା ଓ ବ୍ୟବସାୟୀ ଦାୟୀ ନୁହନ୍ତି, ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ଆତ୍ମହତ୍ୟା ପ୍ରବଣତା ଏକ ଅସୁସ୍ଥ ମାନସିକତା

ଅର୍ଜୁନ ଘଡ଼େଇ

ଯେକୌଣସି ଗୁରୁତର ସମସ୍ୟାର ସମାଧାନ ପାଇଁ ଅନେକ ଉପାୟ ନିର୍ଣ୍ଣୟ କରାଯାଇପାରେ। କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ୟାର ସମାଧାନ କରି ନ ପାରି ଆତ୍ମହତ୍ୟା ପରି ନିଷ୍ଠୁର, ଅଶୋଭନୀୟ, ବିବେକହୀନ, ଅଯୌକ୍ତିକ ଓ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବା ଏକ ସୁସ୍ଥ ମାନସିକତାର ପରିଚାୟକ ନୁହେଁ। ଏହାଦ୍ୱାରା ନା ହୁଏ ସମାସ୍ୟାର ସମାଧାନ ନା ମିଳେ ଆତ୍ମସମ୍ମାନ। ତେଣୁ ନିଜକୁ ଅସହାୟ, ନିରୁପାୟ ଭାବି ଅମ୍ଭହତ୍ୟା କରିବାକୁ ଉଦ୍ୟମ କରିବା ଏକମାତ୍ର ବିକଳ୍ପ ନୁହେଁ। ସଂସାର ଅଛି ମାନେ ସମସ୍ୟା ଅଛି - ସମାଧାନ ବି ଅଛି। ଶୀଘ୍ର ନହେଲେ ବି ବିଳମ୍ବରେ ହେଇପାରେ। ଜୀବନ ଅଛି ମାନେ ଯନ୍ତ୍ରଣା ବି ରହିବ। କିନ୍ତୁ ଯନ୍ତ୍ରଣାରୁ ଉପଶମ ପାଇଁ ବା ମୁକ୍ତ ହେବା ପାଇଁ ଆତ୍ମହତ୍ୟା କରିବା ଅମାନବିକ, ଅନୈତିକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଭାବେ ବିବେଚନା କରିବାକୁ ହେବ।

ଅଧିକାର ସାବ୍ୟସ୍ତ ପାଇଁ ସଂଗ୍ରାମ କରିବା, ସମସ୍ୟା ବିରୁଦ୍ଧରେ ସଂଗ୍ରାମ ପାଇଁ ଶକ୍ତି ସଂଚୟ କରିବା, ବଞ୍ଚିବା ପାଇଁ ଉପାୟ ଖୋଜିବା ଆମର ସନ୍ତୁଳିତ ମାନସିକତାର ଗଠନପୂର୍ଣ୍ଣ କର୍ତ୍ତବ୍ୟ ହେବା ବିଧେୟ। ଆମ ପୂର୍ବସୂରୀ, ଜ୍ଞାନୀ, ଗୁଣୀ, ସମାଜ ସେବୀ, ତ୍ୟାଗୀ ମହାପୁରୁଷମାନଙ୍କର କର୍ତ୍ତବ୍ୟ ସମୂହରୁ ଆମେ ଏମିତି ଅନେକ ଶିକ୍ଷା ପାଇଛେ, ଯାହାକୁ ଆଧାର କରି ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଫେରିଆସିଛନ୍ତି। ପରବର୍ତ୍ତୀ ଜୀବନରେ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିଛନ୍ତି। କିନ୍ତୁ ଆଜିର ସମାଜରେ ଲୋକମାନଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ଯେପରି ବୃଦ୍ଧିପାଇଛି, ଦେଖିଲେ ଯେତିକି ଦୁଃଖଲାଗୁଛି ସେତିକି ବିସ୍ମୟାଭିଭୂତ ହେବାକୁ ପଡୁଛି। ଏହା ଆମ ଅସ୍ଥିର ଭାବନା ଓ ଧୈର୍ଯ୍ୟଚ୍ୟୁତି ଯୋଗୁଁ ଯେ ଘଟୁଛି ଏହା ନିଃସନ୍ଦେହ।

ଅନେକ କାରଣରୁ ଆମ ମନ ବିଚଳିତ ହୁଏ। ବିଚାରରେ ବିଭ୍ରାଟ ସୃଷ୍ଟି ହୁଏ। ମାନସିକ ଅବସ୍ଥା ଅସ୍ଥିର ହୁଏ। ବେଳେବେଳେ ପରିବାରର ଆତ୍ମୀୟ, ରକ୍ତ ସମ୍ପର୍କୀୟ, ସମାଜର ଅସାମାଜିକ ଚରିତ୍ର, ନ୍ୟାୟିକ ବ୍ୟବସ୍ଥା ଓ ଆଇନ କାନୁନ୍ ସୁରକ୍ଷା ପାଇଁ ନିଯୁକ୍ତ ଥିବା, ଦାୟିତ୍ୱ ବହନ କରିଥିବା ବ୍ୟକ୍ତିବିଶେଷ - ଏସମସ୍ତଙ୍କର ଏଥିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ହାତଥାଏ। ଜଣଙ୍କୁ ଆତ୍ମହତ୍ୟା ନ କରିବା ପାଇଁ ସେମାନେ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିପାରନ୍ତି ନାହିଁ। କିନ୍ତୁ ଆମେ ଯେଉଁମାନେ ଏପରି ନୀତିହୀନ କାର୍ଯ୍ୟ କରିବାକୁ ପ୍ରୟାସ କରୁଛେ, ଆମେ କ'ଣ ନିଜକୁ ଜଣେ ବିଚାରବନ୍ତ ମଣିଷଭାବେ ପରିଚୟ ଦେଇପାରିବା ନାହିଁ? ଆମର ଶିକ୍ଷା, ଦୀକ୍ଷା, ସାମାଜିକ ଦାୟିତ୍ୱବୋଧ, ନୀତି, ନୈତିକତା କ'ଣ ଆମକୁ ବିପତ୍ତି, ବିପର୍ଯ୍ୟୟରୁ ମୁକ୍ତ କରିପାରିବ ନାହିଁ? ଏଥିପାଇଁ ଦୃଢ଼ ମନୋବଳ ସହ ଧୈର୍ଯ୍ୟ, ପ୍ରାଜ୍ଞ, ସହନଶୀଳତା ଆଦି ପ୍ରାଣ ସୁରକ୍ଷାକାରୀ ଚେତନାଗୁଡ଼ିକୁ ଉଜ୍ଜୀବିତ କରିବାକୁ ପଡ଼ିବ ଶେଷ ଜୀବନ ହେବା ଯାଏଁ।

ଏ ଜୀବନ ଆମର ନୁହେଁ- ଏହା ଈଶ୍ୱର ପ୍ରଦତ୍ତ ବା ଐଶୀଶକ୍ତି ସମ୍ପର୍କୀତ, ଯାହା ଆମେ ଆଧ୍ୟାତ୍ମିକ ତତ୍ତ୍ୱ ସମୂହରୁ ଜାଣିଛେ। ଯାହା ଆମର ଅଧିକାର ନୁହେଁ ତାହା ଆମେ ଧ୍ୱଂସ କରିବାକୁ ପ୍ରୟାସ କରି ଅମାନବିକତାର ପରିଚୟ ଦେବା ଉଚିତ ନୁହେଁ।

ଜୀବନରେ ଯୋଗ, ଆସନ, ପ୍ରାଣାୟମ ଆଦି ଦ୍ୱାରା ମନ, ଚିତ୍ତରେ ସ୍ଥିରତା ଆସେ। ଧୈର୍ଯ୍ୟଭାବ ସୃଷ୍ଟି ହୁଏ। ଏକଥା ପିଲାଦିନୁ ଅଭ୍ୟାସ କଲେ ପିଲାଟି ବଡ଼ ହେଲା ପରେ ନିଜକୁ ସଶକ୍ତ କରି ଗଢ଼ିପାରିବ। ଦ୍ୱିତୀୟରେ ପିଲା ଦିନରୁ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ଅନେକ ପିଲା ପରିବାରଠାରୁ ଦୂରରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ସେମାନେ ପାରିବାରିକ ସ୍ନେହ, ଶ୍ରଦ୍ଧା, ସମ୍ପର୍କକୁ ବୁଝିବାରେ ଅସମର୍ଥ ହୋଇ ଏ କାର୍ଯ୍ୟ ଯୋଗୁଁ ସେମାନଙ୍କ ପରିବାର ଲୋକେ କେତେ ଦୁଃଖ ପାଇବେ ତାହା ଅନୁଭବରେ ଆଣିପାରୁନାହାନ୍ତି। ତୃତୀୟରେ ବ୍ୟକ୍ତିଟିର କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟକୁ ଅତ୍ୟଧିକ ସମାଲୋଚନା ନକରି ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ଆମ ପରିବାର ଲୋକ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଉପଯୁକ୍ତ କର୍ତ୍ତବ୍ୟ ହେବା ବିଧେୟ। ତାହା କରିବାରେ ଆମର ଅବହେଳା ହେଉଛି। ଆଇନ୍ ସୁରକ୍ଷାକାରୀଙ୍କ କାଳକ୍ଷେପଣ ନୀତି, କିମ୍ବା ଅଣଦେଖା ଦ୍ୱାରା ଅନେକ ବ୍ୟକ୍ତି ଠିକ୍‌ସମୟରେ ଉପଯୁକ୍ତ ନ୍ୟାୟ ନ ପାଇ ଅସହାୟ ମନେ କରି ଆତ୍ମହତ୍ୟା ଆଡ଼କୁ ମନ ବଳାଉଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରୁଥିବା କିମ୍ବା ନିଜେ କରୁଥିବା ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍, ସର୍ବସମ୍ମୁଖରେ କଠୋର ଶାସ୍ତି ଦେବାର ବ୍ୟବସ୍ଥା କରାଯାଇପାରୁନାହିଁ। ଏପରି ଅନେକ କାରଣ ଯୋଗୁଁ ଅତ୍ୟାଚାରିତ, ନିଷ୍ପେଷିତ, ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆଗେଇ ଆସୁଛନ୍ତି।

ଏହା ସର୍ବଶେଷ ନିଷ୍ପତ୍ତି ହୋଇନପାରେ। ଏଥିପାଇଁ କିଛି ସମୟ ପାଇଁ ଏପରି ଅନୁଷ୍ଠାନ ବା ସ୍ଥାନମାନଙ୍କଠାରୁ ଦୂରେଇ ଯାଇ ଏକ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ସ୍ଥିର କରି କିଛିଦିନ ଅତିବାହିତ କରିଦେଲେ ମାନସିକତାରେ ପରିବର୍ତ୍ତନ ଆସିଯାଇପାରେ କିମ୍ବା ଅନ୍ୟ କିଛି ସମାଧାନର ସୂତ୍ର ବାହାରିପାରେ। ସମୟ ସ୍ରୋତରେ ଭାସିନଯାଇ ପ୍ରତିକୂଳରେ ଗତି କରିବା ଶିଖିବା ଆବଶ୍ୟକ। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ପରିବାରଠାରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଏଥିପାଇଁ ସଚେତନା ସୃଷ୍ଟି କଲେ ଆତ୍ମହତ୍ୟା ପ୍ରବଣତା ସମାଜରେ କମିଯିବ - ଏ ବିଶ୍ୱାସ ରଖିବା ଉଚିତ। ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ବିଭିନ୍ନ ସାମାଜିକ ସଂଗଠନ କିମ୍ବା ଧାର୍ମିକ ଅନୁଷ୍ଠାନ ଏ ଦିଗରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଲୋକମାନଙ୍କ ମନରୁ ଏପରି କୁତ୍ସିତ ଚିନ୍ତାଧାରା କିପରି ଦୂର କରାଯାଇପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ମଣିଷ ଅମୃତର ସନ୍ତାନ। ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି। ଯେଉଁ ଆତ୍ମାର ଗତି, ସ୍ଥିତି, ବିଲୟ ଆମ ଅଧିକାର ଭୁକ୍ତ ନୁହେଁ, ସେ ଆତ୍ମାକୁ ଶେଷ କରିବାର ନିଷ୍ପତ୍ତି ଆମେ ନେବା ଉଚିତ କି? ଥରେ ହୁଏତ ଏତିକି ଅନୁଭବ କଲେ ସବୁଦିନ ପାଇଁ ଆତ୍ମହତ୍ୟା କରିବାର ମାନସିକତା ଦୂର ହୋଇଯା'ନ୍ତା।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫)

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ଅମରପୋଇ**

**ପ୍ରକୃତି-ପରିବେଶ**

ଅମରପୋଇ ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ମୂଳ ଜାତ। କିନ୍ତୁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ହୋଇସାରିଛି। ଏହା ସାଧାରଣତଃ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ଦେଖାଯାଏ। ଅମରପୋଇ ଏକ ବହୁବର୍ଷୀୟ ରସାଳ, ଚମକଦାର ଔଷଧି ତୃଣ ଯାହା ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଅଦ୍ଭୁତ ଚିକିତ୍ସା କ୍ଷମତା ଯୋଗୁଁ ଅମରପୋଇକୁ 'ଅଦ୍ଭୁତ ପତ୍ର' ଓ 'ଜୀବନ ଉଦ୍ଭିଦ' କୁହାଯାଏ। କାଣ୍ଡଗୁଡ଼ିକ ହାଲୁକା ସବୁଜ ରଙ୍ଗର। ପତ୍ରଗୁଡ଼ିକ ପ୍ରତି ଗଣ୍ଠିରୁ ଦୁଇଟି ଲେଖା ବିପରୀତ ଦିଗରେ ଉତ୍ପନ୍ନ ହୋଇଥାଏ। ଫୁଲଗୁଡ଼ିକ ଲମ୍ବିତ ଓ ବଡ଼। ଫୁଲର କେଲିକ୍ସ ଅର୍ଥାତ ବହିରାବରଣ ବା ବୃତି ମଣ୍ଡଳ ସବୁଜ ଏବଂ ଉପର ଭାଗରେ ଫିକା ସବୁଜ। ଫୁଲର କରୋଲା ବା ପାଖୁଡ଼ା ଲମ୍ବା ନଳାକାର, ଲାଲ-ବାଇଗଣୀ ଓ ମୂଳରେ ଅଷ୍ଟକୋଣୀୟ। ଫଳଟି କ୍ୟାଲିକ୍ସ ଓ କୋରୋଲା ମଧ୍ୟରେ ଆବଦ୍ଧ ରହିଥାଏ। ବିହନଗୁଡ଼ିକ ଛୋଟ, ମସୃଣ ଓ ଆୟତରେ ଅଣ୍ଡାକାର।

ଅମରପୋଇରେ ଉପସ୍ଥିତ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନଗୁଡ଼ିକ ହେଉଛି ଆଲକାଲଏଡ୍, ସାପୋନିନ୍, ଫ୍ଲାଭୋନଏଡ୍, ଟାନିନ୍ ଓ କାର୍ଡିଆକ୍ ଗ୍ଲାଇକୋସାଇଡ୍ (ବ୍ରାୟୋଫିଲିନ୍-ଏ), ଇତ୍ୟାଦି। ପୁଷ୍ଟିକର ବିଶ୍ଳେଷଣ ଦର୍ଶାଏ ଯେ ଏଥିରେ କାର୍ବୋହାଇଡ୍ରେଟ୍ ବା ଶର୍କରା ପରିମାଣ ସର୍ବାଧିକ ଏବଂ ଏସ୍ ବା ପାଉଁଶ ସର୍ବନିମ୍ନ ଥାଏ। କ୍ୟାଲସିୟମ ଓ ପୋଟାସିୟମ୍ ସ୍ତର ପ୍ରାଧାନ୍ୟ ବିସ୍ତାର କଲା ବେଳେ ସୀସା ଓ ଜିଙ୍କ୍ ସର୍ବନିମ୍ନର ସ୍ତରରେ ଥାଏ। ଏଥିରେ ଫ୍ଲାଭୋନଏଡ୍ସ ଓ ଫେନୋଲିକ୍ ଯୌଗିକ ଉପାଦାନ ପରି ଆଣ୍ଟିଅକ୍ସିଡାଣ୍ଟ, ଅକ୍ସିଡେଟିଭ୍, ଆଣ୍ଟି-ଇନଫ୍ଲେମେଣ୍ଟାରୀ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଫଙ୍ଗାଲ, ଆନାଲ୍ଜେସିକ୍, ଡାଏ୍ୟୁରେଟିକ, ଗୁଣ ଭରପୂର ରହିଛି। ଅମରପୋଇର ସବୁଠାରୁ ଜଣାଶୁଣା ବ୍ୟବହାର ମଧ୍ୟରୁ ଗୋଟିଏ ହେଉଛି କିଡନୀ ବା ବୃକକ୍ ପଥର ଚିକିତ୍ସା। ଉଭିଦର ଔଷଧୀୟ ବ୍ୟବହାର ମଧ୍ୟରେ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାଠାରୁ ଆରମ୍ଭ କରି ପାଚନ ଅସ୍ୱସ୍ତିର ଦୂର, ରକ୍ତ ଚାପ ଓ ରକ୍ତ ସର୍କରା ନିୟନ୍ତ୍ରଣ, କୋଲେଷ୍ଟ୍ରଲ୍ ସ୍ତର ହ୍ରାସ, ରକ୍ତ ସଞ୍ଚାଳନକୁ ଉନ୍ନତ, ଆସ୍ଥମା, ବ୍ରୋଙ୍କାଇଟିସ୍, ଦୀର୍ଘକାଳୀନ କାଶ, ଶ୍ୱାସକ୍ରିୟା ସମସ୍ୟା, ଆର୍ଥ୍ରାଇଟିସ୍, ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ପ୍ରଦାହ, ଫୁଲା ଓ ଯନ୍ତ୍ରଣା ହ୍ରାସ, ଚର୍ମ ରୋଗ ଚିକିତ୍ସା, ପୋଡ଼ାଜଳା, କଟା, ଫୋଡ଼ା, କୀଟପତଙ୍ଗ କାମୁଡ଼ା ଚିକିତ୍ସା, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ମୁଣ୍ଡବିନ୍ଧା, ଋତୁସ୍ରାବ ଯନ୍ତ୍ରଣା, ମେଦ ବହୁଳତା, କଳାଦାଗ ହ୍ରାସର ଚିକିତ୍ସା ଆଦି ରହିଛି।

ଯଦିଓ ଆମରପୋଇ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ, ଏହାର କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ ରହିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ। ଗର୍ଭବତୀ ପ୍ରସୂତିମାନେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଅମରମୋଇ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି।

ଅମରପୋଇର ବିବିଧ ଔଷଧୀୟ ବ୍ୟବହାର ଏହାକୁ ପ୍ରାକୃତିକ ଆରୋଗ୍ୟ ପାଇଁ ଏକ ପସନ୍ଦର ଉଭିଦ କରିଥାଏ। ସୁସ୍ଥ ଓ ସତେଜ ରହିବା ପାଇଁ ଏହି ତୃଣ ପୂର୍ଣ୍ଣ ସୂର୍ଯ୍ୟ କିରଣରୁ ଆଂଶିକ ଛାଇ ଆବଶ୍ୟକ କରେ। ଏହା ଥଣ୍ଡା ପ୍ରତିରୋଧୀ ନୁହେଁ ଏବଂ ଥଣ୍ଡା ପରିସ୍ଥିତିରେ ବଞ୍ଚି ରହେ ନାହିଁ। ସେଭଳି ପରିସ୍ଥିତିରେ ଏହାର ମୂଳର ଚାରିପାଖରେ ମାଟିରେ ମଲ୍‌ଚ କିମ୍ବା ଗୋଡ଼ିର ଏକ ସ୍ତର ରଖିବା ଦ୍ୱାରା ଏହାକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରିବ। ଏହାକୁ ଏକ ଭଲ ବାୟୁଚଳନ ସ୍ଥାନରେ ରଖିବା ଉଚିତ। ଏହାର ବଂଶବିସ୍ତାର ସହଜରେ ବିହନ କିମ୍ବା ପତ୍ର, କାଣ୍ଡ କିମ୍ବା ଅଗ୍ରଭାଗ କଟିଙ୍ଗ ଦ୍ୱାରା ପ୍ରସାରିତ ହୁଏ। ନୂତନ ଚାରା ପତ୍ର ଧାରରେ ସୃଷ୍ଟି ହୁଏ ଏବଂ ଏହାକୁ ଅଲଗା କରି ପୋତାଯାଇପାରିବ। ପିଲାମାନେ ଆମୋଦ ପାଇଁ ବହି କିମ୍ବା ଖାତା ଭିତରେ ଅମରପୋଇ ପତ୍ର ରଖନ୍ତି। କିଛିଦିନ ପରେ ପତ୍ରଧାରର ବିଭିନ୍ନ ସନ୍ଧିରୁ ଚେର ବାହାରେ। ତେଣୁ ଏହାର ପତ୍ରକୁ ପୋତିଲେ ମଧ୍ୟ ଗଛ ସୃଷ୍ଟି କରାଯାଇପାରିବ। ତେଣୁ ତାହାକୁ ଅମରପୋଇ ନାମ ଦିଆଯାଇଥିବା ଚର୍ଚ୍ଚା ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପାରିବାରିକ କଳହରୁ ମା'କୁ ହତ୍ୟା

ରାଉରକେଲା,୭।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମ କଲା ମାଆକୁ ହତ୍ୟା ଅଭିଯୋଗରେ ହେମଗିରି ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ

## ଜେଲ୍ ଗଲା ପୁଅ



ହେଲା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବନ୍ଧପାଲି ଗାଁର ବଳିନ୍ଦ୍ର ଧୁରୁଆ (୪୨)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବଳିନ୍ଦ୍ରକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୁଲିସ୍ ବଳିନ୍ଦ୍ରଙ୍କ ମା' ଶୈଳ ଧୁରୁଆ (୬୦)ଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ବଳିନ୍ଦ୍ରଙ୍କ ଝିଅମାନେ ପଡ଼ୋଶୀ ଘରକୁ ଯାଇଥିବାରୁ ଶୈଳ ଗତକାଲି ଅପରାହ୍ଣରେ ସେମାନଙ୍କୁ ପାଟିତୁଣ୍ଡ କରିଥିଲେ। ବଳିନ୍ଦ୍ର ଏହାର ପ୍ରତିବାଦ କରିବାରୁ ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ କଥା ଆଗକୁ ବଢ଼ିବାରୁ ଦୁହେଁ ଧସ୍ତାଧସ୍ତି ହୋଇଥିଲେ। ଏତିକିବେଳେ ପୁଅର ଧକ୍କାରେ ଶୈଳ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଶୈଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୈଳଙ୍କ ସାନ ଭଉଣୀ ସୋଉକି ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ୍ ବଳିନ୍ଦ୍ରଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ଜାହାଜରୁ ଖସି ନିଖୋଜ କର୍ମଚାରୀଙ୍କ ଶବ ଉଦ୍ଧାର



ପାରାଦୀପ, ୭।୯ (ସମିସ): ଜାହାଜରୁ ଖସି ନିଖୋଜ ଥିବା କର୍ମଚାରୀଙ୍କ ମୃତଦେହ ଆଜି ସନ୍ଧ୍ୟାରେ ପିଆଇସିଟି-୨ ବର୍ଥରୁ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତଦେହକୁ ବନ୍ଦର ମେଡିକାଲରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତ କର୍ମଚାରୀଜଣଙ୍କ ଚୀନ୍‌ର ନାଗରିକ ଝାଙ୍ଗ ତାଇ (୨୦) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଜାହାଜ 'ଲକି-ଡ୍ରାଗନ୍' ପଣ୍ୟ ଖାଲି କରିବା ପରେ ବର୍ଥ ଛାଡ଼ିବା ବେଳେ ଦୁଇଜଣ କର୍ମଚାରୀ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। ବାଂଲାଦେଶୀ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାଗରିକ ଝାଙ୍ଗ ତାଇ ନିଖୋଜ ଥିଲେ। ଆଜି ୩ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

# ୭ ଫୁଟ୍‌ର ଅଜଗର ଉଦ୍ଧାର



କୋରୁକୋଣ୍ଡା, ୭।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୨ ନମ୍ବର ୱାର୍ଡସ୍ଥିତ ଆନିଆ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ଆଜି ସକାଳେ ୭ ଫୁଟ୍‌ର ଏକ ଅଜଗର ଉଦ୍ଧାର ହୋଇଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ମୂଷା ମରିଯାଇଥିବା ଭାବି ଘରର ଏଣେତେଣେ ସେମାନେ ଖୋଜି ବୁଲିଥିଲେ। ତେବେ ଘରକୋଣରେ ଅଜଗରକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବିଶିଷ୍ଟ ସାପ ଧରାଳି ରାଜେନ୍ଦ୍ର ଖରା ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

**କଂଗ୍ରେସର ସଂଗଠନ ସୃଜନ ଅଭିଯାନ**

# କାମ କରି ନ ପାରିଲେ ଜିଲ୍ଲା ସଭାପତି ପଦରୁ ବିଦା

ଭୁବନେଶ୍ୱର, ୭।୯(ସମିସ): ସଂଗଠନ ସୃଜନ ଦ୍ୱାରା ଜିଲ୍ଲା ସଭାପତି ଚୟନ ହେବାର ୩ ମାସ ଜୋରଦାର କାମ ହେବ। ସେଥିରେ ଯେଉଁମାନେ ପାସ୍ ନ ହେବେ, ସେମାନେ ପଦରୁ ବିଦା ହେବେ। ଦଳ ପକ୍ଷରୁ ଯେଉଁ କାମ ଦିଆଯିବ, ତାହା ସଠିକ ଭାବେ କରି ଦେଖାଇଲେ ପଦରେ ରହିବେ, ନହେଲେ ସେମାନେ ବିଦା ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରାଜ୍ୟରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ସଂଗଠନ ସୃଜନ ମାଧ୍ୟମରେ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୪ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ସଭାପତିଙ୍କ ନାମ ସୁପିରିସ୍ କରିବେ। ଏହାରି ଭିତରେ ଭକ୍ତ ଆଜି ଏହି ମନ୍ତବ୍ୟ ଦେବା ସହ ସଭାପତି ଚୟନ ପ୍ରକ୍ରିୟା ଓ ଯେଉଁ ବାଟରେ ସଭାପତି ପଦରେ ବସିଲେ ବି କାମ କରି ଦେଖାଇବାକୁ ପଡ଼ିବ ବୋଲି କହିଛନ୍ତି।

## ୩ ମାସ ପର୍ଯ୍ୟନ୍ତ ଜିଲ୍ଲା ସଭାପତିଙ୍କ କାମ ଉପରେ ନଜର

ସେ ଆହୁରି କହିଛନ୍ତି ଯେ ସଙ୍ଗଠନ ସୃଜନ ଅଭିଯାନ ରାହୁଲ ଗାନ୍ଧୀଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସ ଦଳର ୩୫ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର ବିଷୟ। ଏହି ପ୍ରକ୍ରିୟାକୁ ଦଳର ଅଗଣିତ ନେତା ଓ କର୍ମୀ ଯେଭଳି ଉତ୍ସବମୁଖର କରୁଛନ୍ତି, ତାହା ସାଧାରଣ ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡୁଛି। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ସେ ପୁଣି କହିଛନ୍ତି, ତୃଣମୂଳସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଥାଏ। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ସଙ୍ଗଠନ ସୃଜନ ଅଭିଯାନରେ ଅତ୍ୟନ୍ତ ଉତ୍ସାହ ସହକାରେ ଅଂଶଗ୍ରହଣ କରୁଥିବାରୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଏବଂ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାହୁଲ ଗାନ୍ଧୀଙ୍କ ନୀତିଗତ ପ୍ରୟାସକୁ ନେଇ ଆଗାମୀ ଦିନରେ କଂଗ୍ରେସକୁ ଅଧିକ ମଜଭୁତ କରାଯାଇ ଲୋକଙ୍କ ଅଧିକାର ପାଇଁ ଅବିରାମ ସଂଘର୍ଷ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

**ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା**

# ପୁଲିସ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ବରଗଡ଼, ୭।୯(ସମିସ): କିଛି ଦିନର ବ୍ୟବଧାନ ପରେ ରବିବାର ବରଗଡ଼ ସହରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ କଂଗ୍ରେସ ନେତା ନିପନ ଦାସଙ୍କୁ ପୁଲିସ ଲେଙ୍ଗୁମିଶ୍ର ଛକରୁ ଉଠାଇନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ବ୍ୟବସାୟୀ ଅନୁଷ୍ଠାନମାନଙ୍କୁ ସମୟ ଦେବା ସହ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟଳୟ ତଥା ହ୍ୟୁମାନ ରାଇଟ୍ସ କମିସନଙ୍କ ଆଦେଶକୁ ପ୍ରଶାସନ ଉଲ୍ଲଂଘନ ନ କରିବାକୁ କଂଗ୍ରେସ ନେତା ନିପନ୍ ଦାଶ ଦାବି କରିଥିଲେ। ନିପନଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବା ପରେ ଘଟଣାସ୍ଥଳରେ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ଆଜାଦ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା।

ପରେ ବରଗଡ଼ ଗାନ୍ଧୀ ଛକଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କ ତରଫରୁ ରାସ୍ତା



ଅବରୋଧ କରାଯାଇଥିଲା। ହେଲେ ପୁଲିସ କଂଗ୍ରେସ କର୍ମୀଙ୍କୁ ରାସ୍ତା ଅବରୋଧରୁ ହଟାଇ ଦେଇଥିଲା। ଉଚ୍ଛେଦ ପାଇଁ ୫୦ ବର୍ଷରୁ ଅଧିକ ପୁରୁଣା ବ୍ୟବସାୟିକ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ କେବଳ ୪୮ ଘଣ୍ଟାର ସମୟ ଦେଇ ବୁଲଡୋଜର୍ ଲଗାଇ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ସଚେତନ ନାଗରିକ ମଞ୍ଚ ତରଫରୁ ବରଗଡ଼ ବ୍ୟବସାୟିକ ସଂଘ ତରଫରୁ ରବିବାର ଆଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାଧାରଣ ସଭା ଆଗତ ହୋଇଯାଇଛି। ସଭାରେ ବରଗଡ଼ ଜଗନ୍ନାଥ ବ୍ୟବସାୟିକ ସଂଘ, ଚାମ୍ବର ଅଫ୍ କମର୍ସ, ବରଗଡ଼ ବିକାଶ ମଞ୍ଚ, ଚେତନା ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଙ୍ଘ, ପ୍ରଗତି ସାମାଜିକ ସଂଗଠନ, ପ୍ରଗତି କ୍ଲବ୍, ମରଚାଣ୍ଟ ଆସୋସିଏସନ, ବାପୁଜୀ ବଣିକ ସଙ୍ଘ, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଆଇନଜୀବୀ ବିମଳ କର, ଲିପ୍ସିତ ମିଶ୍ର, ନିପନ ଦାସଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଆୟୋଜିତ ହେବା ସହ ସୋମବାର ବ୍ୟବସାୟୀକ ସଙ୍ଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ୧୨ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର,୭।୯(ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଗତକାଲି ରାତି ୪ଟି ଓ ଆଜି ପର୍ଯ୍ୟାୟକ୍ରମେ ୮ଟି, ଏହିପରି ମୋଟ ୧୨ ଗୋଟି ଗେଟ୍ ବନ୍ଦ କରିଦେଇଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୬.୬୨ ଫୁଟ୍‌ରେ ପହଞ୍ଚିଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି।

**କମିଲା ବର୍ଷା**

ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୪,୫୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୫,୦୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୪୭୩୨ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୫,୯୯୭ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୨୭୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଳଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୩୭୩୭୫୦କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬୨୫୯୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୦୨ ମିମି ଏବଂ ତଳମୁଣ୍ଡରେ ୨.୨୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫୁଲିଲା ମହାନଦୀ...

ବନ୍ୟାଜଳ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦିନ ୧୧ଟା ବେଳକୁ ମୁଣ୍ଡଳୀରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ଜଳ ପ୍ରଭାବିତ ହେଉଛି। ଏହା ପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି।

ସେହିପରି ନରାଜ, କୁଶଭଦ୍ରାଠାରେ ମହାନଦୀ ବିପଦ ସଙ୍କେତ ତଳେ ରହିଛି। ହୀରାକୁଦ୍ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ହୀରାକୁଦରେ ପର୍ଯ୍ୟାୟ କ୍ରମେ ଗେଟ୍ ବନ୍ଦ ହେଉଛି ତେଣୁ ଆଗକୁ ପାଣି କମିବ। ମାତ୍ର ମହାନଦୀ ଓ ଏହାର ଶାଖା ନଦୀକୂଳିଆ ଜିଲ୍ଲା ପ୍ରଶାସନ ସହ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ଅଛି। ଯେ କୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ସେହିପରି ରେଙ୍ଗାଲି ଡ୍ୟାମର ସବୁ ଗେଟ ବନ୍ଦ ଅଛି। କେବଳ ୩ ଟି ବ୍ଲକରେ ୫୦ମିମି ବର୍ଷା ହୋଇଛି। ଢେଙ୍କାନାଳର ଭୁବନରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ସେହିପରି ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବଢ଼ିବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଜଳକା ନଦୀ ଜଳସ୍ତର କମିଛି। ଏହା ବିପଦ ସଙ୍କେତ ସ୍ତରଠାରୁ ତଳେ ରହିଛି। ଜଳକାର ମଥାନି ରୋଡ୍‌ରେ ଜଳସ୍ତର ୬.୪୮ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏହାଠାରୁ ତଳେ ଜଳ ପ୍ରବାହିତ ହେଉଛି।

ଆସନ୍ତା ୧୩ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏଥିପାଇଁ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ୧୧ରୁ ଆରମ୍ଭ ହେବ ବୋଲି ପୂର୍ବାନୁମାନ ରହିଛି। ବର୍ତ୍ତମାନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୧ ତାରିଖରୁ ବର୍ଷାର ପ୍ରଭାବ ସାମାନ୍ୟ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଜନ୍ମଦିନ ପାର୍ଟିରେ...

୧୦.୩୦ରେ ଯୁବତୀ ଜଣକ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଘରକୁ ଫେରିବା ପରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗରିଫ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ସେମାନେ ଫେରାର ଅଛନ୍ତି। କିଛି ମାସ ତଳେ ଚନ୍ଦନ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଚନ୍ଦନ ତାଙ୍କୁ ପରିଚୟ ଦେଇଥିଲା। ଚନ୍ଦନ ମାଧ୍ୟମରେ ଯୁବତୀ ଜଣକ ଦୀପ ସହ ପରିଚିତ ହୋଇଥିଲେ। ୩ ଜଣ ପରସ୍ପର ସହ ପରିଚିତ ଥିଲେ ଓ ସମ୍ପର୍କରେ ଥିଲେ। ପୂଜା କମିଟିରେ ଯୁବତୀଙ୍କୁ ସାମିଲ କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇ ଏହି କାଣ୍ଡ ଘଟାଇଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ପୂର୍ବରୁ ଦକ୍ଷିଣ କୋଲକାତାର ଏକ ଲ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଆରଜି କର ମେଡକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା। ଏହି ଦୁଇଟି ମାମଲାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା।

## ଗଣେଶ ବିସର୍ଜନ...

ଭାସଯାଇଛନ୍ତି। ପୁଣେର ବିରୱାଡିରେ ଜଣେ ବ୍ୟକ୍ତି କୂଅ ଭିତରେ ଖସି ପଡିଛନ୍ତି। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ଆଉ ଦୁଇଜଣଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ସେହିପରି ନାନ୍ଦେଦ ଜିଲ୍ଲାର ଗାଡେଗାଓଁରେ ଥିବା ଏକ ନଦୀରେ ୩ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ନାସିକ୍‌ରେ ୪ ଜଣ ଲୋକ ଭାସି ଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଲଗାଓଁ ୩ ଜଣ ଲୋକ ଭାସି ଯାଇଥିବା ବେଳେ ସେମାନଙ୍କୁ ଖୋଜା ଜାରି ରହିଛି। ଥାଣେ ଜିଲ୍ଲାରେ ମଧ୍ୟ ଗଣେଶ ବିସର୍ଜନ ବେଳେ ୩ଜଣ ଭାସି ଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅମରାବତୀରେ ଜଣେ ଶ୍ରଦ୍ଧାଳୁ ବୁଡି ଯାଇଛନ୍ତି ବୋଲି ପୁଲିସ କହିଛି। ମାହାରାଷ୍ଟ୍ରରେ ଗଣେଶ ପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ।

## ଅନ୍‌ଲାଇନ୍‌ରେ ଖାଦ୍ୟ...

କରିଛି। ପ୍ରତିଦ୍ୱନ୍ଦ୍ୱୀ ଜୋମାଟୋ ମଧ୍ୟ ଏହାର ଶୁଳ୍କ ୧୨.୫୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ବୃଦ୍ଧି କରିଛି, ଯେତେବେଳେ କି ତୃତୀୟ ବୃହତ୍ ଖାଦ୍ୟ ବିତରଣକାରୀ କମ୍ପାନୀ ମ୍ୟାଜିକ୍‌ପିନ୍ ମଧ୍ୟ ଏହାର ପ୍ଲାଟଫର୍ମ ଶୁଳ୍କ ଅର୍ଡର ପିଛା ୧୦ ଟଙ୍କାକୁ ସଂଶୋଧନ କରିଛି। ଯାହାଫଳରେ ସେପ୍ଟେମ୍ବର ୨୨ରୁ ଡେଲିଭରି ଶୁଳ୍କ ଉପରେ ଲାଗୁ ହେବାକୁ ଥିବା ୧୮% ଜିଏସ୍‌ଟି ଜୋମାଟୋ ବ୍ୟବହାରକାରୀଙ୍କ ଉପରେ ଅର୍ଡର ପିଛା ପ୍ରାୟ ୨ ଟଙ୍କା ଏବଂ ସ୍ୱିଗୀ ଗ୍ରାହକଙ୍କ ପାଇଁ ୨.୬ ଟଙ୍କା ଅତିରିକ୍ତ ବୋଝ ପକାଇବ। ଏ ସମ୍ପର୍କରେ ସ୍ୱିଗୀ ଏବଂ ଜୋମାଟୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇନାହିଁ।

## ଆଶା-ଆଶଙ୍କାରେ...

ଦାସ ନାୟକ, ସୀମାରାଣି ନାୟକ, ସରୋଜ ପାଢ଼ୀ ପ୍ରମୁଖ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ବେଳେ ମନ୍ତ୍ରୀପଦ ପାଇଁ ଆଶାୟୀ ମଧ୍ୟ ରହିଛନ୍ତି। ତେବେ ବିଜେପି ଜିଲ୍ଲା ସଭାପତି ନିର୍ବାଚନ ବେଳେ ଦଳ ଯେଉଁ ମାପକାଠିକୁ ସର୍ବାଗ୍ରେ ରଖିଥିଲା, ତନ୍ମଧ୍ୟରେ ଦଳୀୟ ଆନୁଗତ୍ୟ ଶୀର୍ଷରେ ଥିଲା। ଦଳରେ ଯୋଗଦେବା ପରେ ଅତିକମରେ ୬ ବର୍ଷ ଦଳ ପାଇଁ କାମ କରିନଥିଲେ, ଜଣେ ନିଜେ କିମ୍ବା ନିଜ ଅନୁଗତକୁ ଦଳର ଜିଲ୍ଲା ସଭାପତି ଆସନରେ ବସାଇପାରିବ ନାହିଁ ବୋଲି ସେତେବେଳେ ବିଜେପି ନିର୍ବାଚନ ଅଧିକାରୀ ରୋକଠୋକ୍ ଶୁଣାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ବିଜେପି ଶୀର୍ଷ ନେତୃତ୍ୱ ସମାନ ନୀତି ଆପଣେଇପାରନ୍ତି ବୋଲି ଦଳଡିଆଁ ଆଶଙ୍କା କରୁଛନ୍ତି। ବିଶେଷକରି ମନ୍ତ୍ରୀପଦ ପାଇଁ ସିଦ୍ଧାନ୍ତ, ଆକାଶ ଓ ସୀମାରାଣିଙ୍କ ନାମ ବେଶ୍ ଆଗରେ ଥିବାବେଳେ ବିଜେପି ନେତୃତ୍ୱ ତାଙ୍କ ଉପରେ ଭରସା କରିବେ କି ନାହିଁ, ସେନେଇ ସେମାନେ ଦ୍ୱନ୍ଦରେ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ଜଣେ ବରିଷ୍ଠ ନେତା ଦେଇଥିବା ସୂଚନା ଅନୁଯାୟୀ ରେସରେ ଥିବା ଦଳଡିଆଁ ଯଦି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ। ସେହିପରି କେତେଜଣଙ୍କୁ ଦଳର ରାଜ୍ୟ ସଂଗଠନରେ ଭଲ ପଦପଦବୀରେ ଆସୀନ କରାଯାଇ ସନ୍ତୁଷ୍ଟ କରାଯିବ। ପ୍ରଥମେ ସେମାନେ ଦଳ ପାଇଁ କାମ କରିବେ, ପରେ ସେମାନଙ୍କୁ ଅନ୍ୟ ପଦ ପଦବୀ ପାଇଁ ବିଚାରକୁ ନିଆଯିବ ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ପୁଣି ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସ୍ଥିତିରେ ସମ୍ପ୍ରସାରଣ ପରେ ହିଁ ନୂଆ ମନ୍ତ୍ରିମଣ୍ଡଳ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

## ରାଜଧାନୀରେ ପୁଣି...

ଜଣେ ବ୍ୟକ୍ତି ସେଠାକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏଣେତେଣେ ଖୋଜାଖୋଜି କରିବା ପରେ ଶୌଚାଳୟ ପଛରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହତ୍ୟା କରାଯାଇଥିବା ସ୍ଥାନ ଅନ୍ଧାରୁଆ ରହୁଥିବାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଠାରେ ବହୁ ଅସାମାଜିକ ତତ୍ତ୍ୱ ଖଟି କରନ୍ତି। ମଦ ପିଇବା ସହ ପାଟିତୁଣ୍ଡ କରିଥା'ନ୍ତି। କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେମାନେ କହିଛନ୍ତି। ମୃତ ବ୍ୟକ୍ତିର ପରିଚୟ ମିଳିବା ପରେ ହତ୍ୟାକାରୀ ଧରାପଡ଼ିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ସାର ପାଇଁ...

ଭାବେ ଆଲୋଚନା ହୋଇଥିଲା। ମାତ୍ର ଆଜି ସକାଳୁ ମାଲକାନଗିରି ଜିଲ୍ଲାରେ ସାର ମିଳୁନଥିବା ଅଭିଯୋଗରେ ଚାଷୀ ରାଜରାସ୍ତା ଅବରୋଧ କରିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ବିଶେଷକରି ବରଗଡ଼ ଓ ବଲାଙ୍ଗୀର ଆଦି ଜିଲ୍ଲାର ସାର ଅଭାବକୁ ନେଇ ପ୍ରତିଦିନ ଚାଷୀ ଆନ୍ଦୋଳନ, ରାସ୍ତା ରୋକ୍ ସଂଗଠିତ ହେଉଛି। ମାତ୍ର ଏହାର ସମାଧାନ ହୋଇପାରୁନି। ତେଣୁ ବାସ୍ତବରେ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିପାରୁଛନ୍ତି ନା ଉପରଠାଉରିଆ ଭାବେ କେବଳ ସମୀକ୍ଷା କରି ଦାୟିତ୍ୱ ସାରି ଦେଉଛନ୍ତି ବୋଲି କୃଷକ ସଂଗଠନମାନେ ପ୍ରଶ୍ନ କରିଛନ୍ତି।

ସାର ଯୋଗାଣରେ ଅନିୟମିତତା ଓ କଳାବଜାରୀ ବାବଦରେ ସରକାର ଜାଣି ସୁଦ୍ଧା ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ସହ କଳାବଜାରୀକୁ ପରୋକ୍ଷରେ ସରକାର ସମର୍ଥନ କରିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ଚାଷୀଙ୍କୁ ସାର ବ୍ୟବହାର କମ୍ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି। ସରକାର ଓ ସରକାରୀ ମନ୍ତ୍ରୀଙ୍କ ଏଭଳି ମନୋଭାବକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୫ ସୁଦ୍ଧା କେନ୍ଦ୍ରରୁ ଓଡ଼ିଶାକୁ ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ୍ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ମାତ୍ର ବିକ୍ରି ହୋଇଥିବା ସାର ଚାଷୀ ପାଇନଥିବା ଅଭିଯୋଗ ହେଉଛି। ଏହା ଉପରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ(ମାର୍କଫେଡ୍) ଅଧୀନ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ମଧ୍ୟରୁ ପ୍ରାୟ ୭୮୩ଟିକୁ ସାର ଯୋଗାଣ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅପରପକ୍ଷରେ ଖୋଲା ବଜାରରେ ୬୫ଭାଗ ସାର ଯୋଗାଣରେ ବ୍ୟାପକ କଳାବଜାର ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଛି। ସାର ଯୋଗାଣର ମାତ୍ର ୩୫ ଭାଗ ମାର୍କଫେଡ୍ ଅଧୀନରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ଜରିଆରେ ଚାଷୀମାନଙ୍କୁ ଯୋଗାଣ କରିବାର ଲକ୍ଷ୍ୟ ରହିଥିବା ବେଳେ ଏଥିରେ ୧,୯୮,୪୨୧ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି। ରାଜ୍ୟରେ ମୋଟ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ମଧ୍ୟରୁ ୧୯୨୭ଟି ଚଳିତ ବର୍ଷ ଏହି ସାର ଯୋଗାଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ୭୮୩ଟି ବାଦ୍ ପଡ଼ିଛନ୍ତି। ଅଥଚ ରାଜ୍ୟ କୃଷି ନିଗମକୁ ୧୫ଭାଗ ଓ ଖୋଲା ମାର୍କେଟ୍ କୁ ୫୦ଭାଗ ସାର ଯୋଗାଣ ହୋଇଛି। ଅର୍ଥାତ୍ ମାର୍କଫେଡ୍ ବାଦ୍ ୬୫ ଭାଗ ସାର ଦୋକାନୀମାନଙ୍କ ଜରିଆରେ ବିକ୍ରି ହେଉଛି। ଏଠି ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି।

## ଜାତୀୟ ରାଜପଥ...

ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପଞ୍ଚାୟତରେ ସାର ନ ପହଞ୍ଚିଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଲା, ଲ୍ୟାମ୍ପସ୍ ତରଫରୁ ପ୍ରତି ପଞ୍ଚାୟତରେ ସାର ଦିଆଯିବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମହାରାଜପଲ୍ଲୀ ପଞ୍ଚାୟତରେ ସାର ପହଞ୍ଚି ପାରିନାହିଁ। ଫଳରେ ସେମାନଙ୍କ ଚାର୍ଯ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପୁସୁଗୁଡ଼ା ପଞ୍ଚାୟତରେ ଚଢ଼ାଦରରେ ସାର ବିକ୍ରିକୁ ନେଇ ଚାଷୀମାନେ ରାଜରାସ୍ତା ଅବରୋଧ ହୋଇଥିଲା।

# ଜମିଜମା ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର/ମୋରଡ଼ା,୭।୯(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ଫୁଟିଲା ଗୁଳି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ତେବେ ଏଥିରୁ ଗ୍ରାମର ଦିଲ୍ଲୀପ କୁମାର ଗିରି(କାଳିଆ) ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପଙ୍କ ସହ ତାଙ୍କ ପୁତୁରା ଦୀପା ଗିରିଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ନିଜ ଘର ଛାତ ଉପରେ କୁକୁଡ଼ାକୁ ଦାନା ଦେଉଥିଲେ। ଏହି ସମୟରେ ୩ ସହଯୋଗୀଙ୍କ ସହ ଦୀପା ତାଙ୍କ ଘର ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହା ଦେଖି ଦିଲ୍ଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ଦିଲ୍ଲୀପ ଓ ତାଙ୍କ ପରିବାରଲୋକ ଭୟଭୀତ ହୋଇଯାଇଥିଲେ। କାଳିଆ ପୁଲିସ୍‌କୁ ଏ ସଂପର୍କରେ ଫୋନ୍ କରି ଡାକିବା ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ୍ ଗୋଟିଏ ଖୋକା ଏବଂ କିଛି ଦୂରରେ ଏକ ଜୀବନ୍ତ ଗୁଳି ପାଇଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।


**AFFIDAVIT**

By virtue of an affidavit no.174, dtd. 06.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud to Tambar Goud & Dob from 10.03.1970 to 27.01.1967. Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit before The Executive Magistrate, BBSR dtd:04.09.2025 .I Narendra Kumar Panda aged about ,44 yrs, S/O- Banamali Panda R/O- At- Balipokhari (Beherapatna), PO-Paramanandapur, P.S-Jajpur Town, Dist-Jajpur,odisha have changed my name from Narendra Panda to Narendra Kumar Panda .Henceforth I shall be known as **Narendra Kumar Panda**, S/O- Baanamali Panda for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, dtd. 6th September 2025, I **Padman Nayak**, permanent resident of Vill.- Mahuli, Po.- Usigaon, Ps.- Papadahandi, in the district of Nabarangpur, Odisha, Pin No. 764071 declare that, I have changed my son's name from **Sudhir Nayak** (Old Name) to **Sudhipta Nayak** (New Name). Henceforth, He shall be known as **Sudhipta Nayak** (New Name) for all purposes.

**Padman Nayak**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd 04/09/2025. I, **Gyanti Debi Singh,** address Plot No. 643/642, Kumbhar Sahi, Near Kali Mandir, Baramunda, PS- Khandagiri, Bhubaneswar, Dist- Khorda, PIN-751003, Odisha declare that I have changed the name of my son from **Amit Kumar** to **Amit Kumar Singh.** Henceforth, he shall be known as **Amit Kumar Singh** for all purposes.

**Gyanti Debi Singh**

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, Odisha dated:13-05-205 with serial No:3089. I, Dhanimani Murmu Resident of At-Chandua, Po-Chandua, Ps-Chandua, Dist-Mayurbhanj, Odisha, Pin-757014 declare that I have change my own name From Dhani Murmu To Dhanimani Murmu. Hence forth I will be known as Dhanimani Murmu for all purposes.

**Dhanimani Murmu**

**AFFIDAVIT**

I, Sanmat Dash formerly called Manish Kumar Das, S/o- Shyama Sundar Dash resident of Vill./Po.- Jarada, Ps.- Kabisuryanagar, Dist.- Ganjam, Odisha, Pin- 761104 state vide affidavit no. A-V dated 26/08/2025 before The Executive Magistrate, Kabisuryanagar, Ganjam that, I have changed my name from **Manish Kumar Das** to **Sanmat Dash**. Henceforth I shall be known as **Sanmat Dash** for all future purposes.

Sd/- **Sanmat Dash**

**LOST**

I, **Prof. Dr. Pritam Pal, Director** of Regional College of Management (A Unit of Regional College of Management Trust) RCMT Campus I: Plot No. GD 2/12 & 2/13, RCM Lane, Chakadola Vihar, Chandrasekharpur, Bhubaneswar, Odisha, 751023, INDIA do hereby solemnly affirm that we have been issued a Migration Certificate of Mr. Raza Quadir, son of Md. Khurshid Alam of At- Tibihta, Po- Saraiya, Dist-Muzaffarpur, State- Bihar, PIN-843122 from BPUT Rourkela in the session 2012-14 and the said Original Migration Certificate has been lost in college premises, Bhubaneswar. Despite our best efforts we could not trace it out.

**LOST**

I RANJIB KUMAR MAHAPATRA, S/o Jahan Chandra Mahapatra resident of Village At- Gopikantapur, Po- Nayahat, Ps- Kakatpur, Dist- Puri, Odisha declare that I have lost my Original B.Tech certificates are Original Provision Certificate, Original Certificate, Minor Grade Certificate, Grade Sheet, Grade Sheet, Grade Sheet, Grade Sheet, which I had secured from Bijupattnaik University of Technology, Odisha in the academic year 2018-19. The above said certificates which has been lost on dtd 03.09.2025 when I had travelling from Gopikantapur to Bhubaneswar, which has been not found yet after my best effort. This notice of publication was required for issue of above said certificate in my favour.

**AFFIDAVIT**

I, Smt. Pratima Satnami, W/o- Rilu Satnami, resident of Vill./Po.- Adhikariguda, Ps.- Umerkote, Dist.- Nabarangpur state vide affidavit dtd.4.9.2025 that, my Son's actual name is **Ayu Satanami**, Date of Birth is 08.08.2015. But in the Aadhar card his name mentioned as Ayaush Satanami. Hence **Ayu Satanami** and **Ayaush Satanami** is one and same person.

Sd/- Smt. Pratima Satnami

# ମ୍ୟୁନିସିପାଲଟି ଦାବିରେ ଖୁବଶୀଘ୍ର ହେବ ଆନ୍ଦୋଳନ

## ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଛି ରଣନୀତି ପ୍ରସ୍ତୁତ

କେସିଙ୍ଗା,୭ ।୯ (ସମିସ):

ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସରେ ଘୋଷଣା ହେଲା ୧୬ ନୂତନ ଏନ୍‌ଏସି ଓ ୭ମ୍ୟୁନିସିପାଲଟି। କିନ୍ତୁ ମ୍ୟୁନିସିପାଲଟିର ପ୍ରମୁଖ ଦାବେଦାର ଥିବା କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବାଦ ପଡ଼ିଲା। ମ୍ୟୁନିସିପାଲଟି ହେବାର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ କେସିଙ୍ଗା କାହିଁକି ବାଦ ପଡ଼ିଲା ତାହାର ଉତ୍ତର ନା ମ୍ୟୁନିସିପାଲଟି ପାଇଁ ଲାଗିଥିବା ସଂଗଠନ ର ସଭାପତିମାନଙ୍କ ପାଖରେ ଅଛି ନା କେସିଙ୍ଗା ବିଜେପିର ମଙ୍ଗ ଧରିଥିବା ଆଗଧାଡିର କର୍ମୀଙ୍କ ପାଖରେ ଅଛି। ସମସ୍ତେ ଚୁପ ରହିଛନ୍ତି କିନ୍ତୁ ଗତ ଦୁଇ ଦିନ ହେଲାଣି ଏକ ସାମାଜିକ ଗଣମାଧମ ସଂଗଠନ କେସିଙ୍ଗାବାସୀଙ୍କୁ ସରକାରଙ୍କ ଉକ୍ତ ବୈମାତୃକ ମନୋଭାବ ବିରୋଧରେ ସ୍ୱର ଉଠାଇବା ପାଇଁ ଅଞ୍ଚଳବାସୀଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି।ଯଦି ମଦନପୁର ରାମପୁରବାସୀ ଏନ୍‌ଏସି ପାଇଁ ଏକଜୁଟ ହୋଇ ଆନ୍ଦୋଳନ ,ରାସ୍ତାରୋକ କରି ସରକାରଙ୍କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁଛନ୍ତି ତାହାହେଲେ କେସିଙ୍ଗା ବାସୀ କେମେତି ପଛରେ ପଡିଛନ୍ତି ବୋଲି ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି।ଆଗାମୀ କିଛି ଦିନ ମଧ୍ୟରେ କେସିଙ୍ଗାରେ ମଧ ମ୍ୟୁନିସିପାଲଟି ପାଇଁ ଜୋରଦାର ଆନ୍ଦୋଳନ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।କିଛି ଦିନ ତଳେ ଏକ ସାମାଜିକ ଗଣମାଧ୍ୟମ ଦ୍ୱାରା ସହରରେ ଏକ ଖୋଲାମଞ୍ଚ ଆୟୋଜନ କରାଯାଇ ସହରର ବିକାଶ ପାଇଁ ପ୍ରଥମେ ମାଟି ପରେ ପାର୍ଟିର ମର୍ମ ସ୍ପଷ୍ଟ କରାଯାଇଥିଲା। ଜୁଆର ଆସିବା ପୂର୍ବରୁ ଶାନ୍ତ ସମୁଦ୍ର ଭଳି ବର୍ତ୍ତମାନ କେସିଙ୍ଗାବାସୀ ଶାନ୍ତ ଅଛନ୍ତି ହେଲେ ଏହା ଆଗକୁ ବଡ଼ ଆନ୍ଦୋଳନର ଚେତାବନୀ ନୁହେଁତ?।

## କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟାର ସମିକ୍ଷା ବୈଠକ



କୋକସରା,୭ ।୯ (ସମିସ):କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର କଂଗ୍ରେସର ଜିଲ୍ଲା ସଭାପତି ଓ ବ୍ଲକ ସଭାପତି ଚୟନ ପ୍ରକ୍ରିୟାର ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏଆଇସିସିରୁ ପର୍ଯ୍ୟବେକ୍ଷେକ ଭାବେ ଶେଖ୍ ମସ୍ତାନ୍ ଅଲ୍ଲି ଯୋଗଦେଇ ବ୍ଲକ୍‌ସ୍ତରୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସକୁ ଆଗାମୀ ଦିନରେ ଅଧିକ ସୁଦୃଢ କରିବା ଓ ଦାୟିତ୍ୱବାନ ବ୍ୟକ୍ତିଙ୍କୁ ନିରପେକ୍ଷ ଭାବେ କିପରି ଜିଲ୍ଲା ସଭାପତି ଓ ବ୍ଲକ୍ ସଭାପତି ଚୟନ ହୋଇ ପାରିବ ସେନେଇ ସମସ୍ତଙ୍କ ମତକୁ ନେଇ ରାଷ୍ଟ୍ରୀୟ ସଭାପତିଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ପାଇଁ ପର୍ଯ୍ୟବେକ୍ଷେକ ଶେଖ୍ ମସ୍ତାନ୍ ଅଲ୍ଲି କହିଛନ୍ତି। ବୈଠକରେ ତାଙ୍କ ସହ ବ୍ଲକ୍ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ଜିଲ୍ଲା ଯୁବ ସଭାପତି ମହମ୍ମଦ ସାହେବ, ଛାତ୍ର ସଭାପତି ଶୁଭମ ବାରିକ, ଜିଲ୍ଲା ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା ପ୍ରମୁଖ ମଞ୍ଚାସୀନ ହୋଇଥିଲେ।ବୈଠକରେ ତ୍ରିଭୁବନ ନାଏକ, ଅଭି ପଟ୍ଟନାୟକ, ଅରୁଣ ମାଝୀ, ଟିକିଚନ୍ଦ୍ର ଧଙ୍ଗଡାମାଝୀ, ଲକ୍ଷ୍ମଣ ଶବର, ମହେନ୍ଦ୍ର ଧରୁଆ, ହରିଶ୍ଚନ୍ଦ୍ର ନାଏକ, ଫୁଲତୋଳା ଖମାରୀ, ମାଧୁରୀ ନିଏଲ,ତପସ୍ୱିନୀ ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡାମାଝୀ,ନବୀନ ନାଏକ, ଯତୀନ୍ଦ୍ର ଦଳେଇ, କମଳ ନାଏକ,ସୁବାସ ଚନ୍ଦ୍ର ଦାସ ସମେତ ବ୍ଲକ୍‌ର ବିଭିନ୍ନ ସ୍ଥାନରୁ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ବିଡିଓଙ୍କ ଲିଖିତ ପୁସ୍ତକ ଜିଲ୍ଲା ନିର୍ବାହୀଅଧିକାରୀଙ୍କୁ ଅର୍ପଣ



କେସିଙ୍ଗା,୭ ।୯ (ସମିସ) ପୂର୍ବତନ ରାଜ୍ୟ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତଙ୍କ ଦ୍ୱାରା ଲିଖିତ କମ୍ପ୍ୟୁଟର ଶିକ୍ଷା ଉପରେ ଆଧାରିତ ପୁସ୍ତକ ଆମ କମ୍ପ୍ୟୁଟର ବହି କଳାହାଣ୍ଡି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଡ଼ୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅର୍ପଣ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀ ପୁରୋହିତଙ୍କ ଲିଖିତ ଉକ୍ତ ପୁସ୍ତକ ଆକାଶବାଣୀ ବଲାଙ୍ଗିରର ଲୋକପ୍ରିୟ ବୈଜ୍ଞାନିକ କାର୍ଯ୍ୟକ୍ରମରେ ସ୍ଥାନ ପାଇ ବେଶ ପରିଚିତ ହୋଇଥିଲା।ଉକ୍ତ ପୁସ୍ତକ ଆମ କମ୍ପ୍ୟୁଟର ପ୍ରଥମ ସଂସ୍କରଣ ପ୍ରଥମେ ୨୦୧୨ ମସିହାରେ ମୁକ୍ତିଲାଭ କରିଥିଲା।ଏଥିରେ କିପରି ସରଳ ଓ ପ୍ରାଞ୍ଜଳ ଭାବରେ କମ୍ପ୍ୟୁଟର ଶିଖି ହେବ ସେହି ବିଷୟ ଉପରେ ଉକ୍ତ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଏତଦବ୍ୟତୀତ ଉକ୍ତ ପୁସ୍ତକ ଟି ଇଂରାଜୀ ଓ ଓଡ଼ିଆ ପତ୍ର ପତ୍ରିକାରେ ପ୍ରକାଶିତ ବୈଜ୍ଞାନିକ କାର୍ଯ୍ୟକ୍ରମ ପୃଷ୍ଠାରେ ସ୍ଥାନ ପାଇ ଉଚ୍ଚ ପ୍ରଶଂସିତ ହୋଇଛି।

## ଜୟ ମାଁ ପ୍ରଦେଶେନ୍ ଯୁବା ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



କୋମନା,୭ ।୯ (ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍ ପେଣ୍ଡରାବନସ୍ଥିତ ଡ଼ଃ.ବି ଆର୍.ଆମ୍ବେଦକର ଛକ୍ ପେଣ୍ଡରାବନରେ ଜୟ ମା ପ୍ରଦେଶେନ ଯୁବା ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍ ଘାଟ୍ ସହ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପାଳ ସିଂ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ଦେବରାଜ ମାଝୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପଙ୍କଜ କୁମାର ଶୁକ୍ଲା ,ସମ୍ମାନିତ ଅତିଥି ଭାବେ ପ୍ରହଲ୍ଲାଦ ମାଝୀ ସହକାରୀ ଅଧାପକ ମୋଡେଲ ଡିଗ୍ରୀ କଲେଜ ଖରିଆର, ଖଗେଶ୍ୱର ମାଝୀ ,ବରିଷ୍ଠ ସମାଜ ସେବୀ ତଥା ନାଟ୍ୟ କଳାକାର, ପକଲୁ ମହାନନ୍ଦ ,ବରିଷ୍ଠ ସମାଜ ସେବୀ ପେଣ୍ଡରାବନ, କପିଲ ମାଝୀ ,ସଭାପତି , ଜୟ ମାଁ ପ୍ରଦେଶେନ୍ ଯୁବା ମଞ୍ଚ ପେଣ୍ଡରାବନ ଏବଂ ଗ୍ରାମ ପଞ୍ଚାୟତ ଅଧିନସ୍ତ ପଞ୍ଚାୟତବାସୀ ତଥା ପିତୃ ଶକ୍ତି, ମାତୃ ଶକ୍ତି, ଯୁବକ ଯୁବତୀ, ଛୋଟ ବଡ଼ ଭାଇ ଭଉଣୀ, ପ୍ରତିଯୋଗୀ ଗଣ ଏବଂ ଜୟ ମାଁ ପ୍ରଦେଶେନ୍ ଯୁବା ମଞ୍ଚର ସମସ୍ତ କର୍ମକର୍ତ୍ତା ଅ ଉପସ୍ଥିତ ଥିଲେ। ପ୍ରଥମେ ଗ୍ରାମର ଇଷ୍ଟ ଦେବୀ ମାଁ ପ୍ରଦେଶେନ୍ ସହ ପଶ୍ଚିମ ଓଡ଼ିଶାର ଇଷ୍ଟ ଦେବୀ ସମଲେଇଙ୍କୁ ପୂଜାର୍ଚ୍ଚନା କରିବା ସହ ସ୍ୱର୍ଗତ ଯାଦବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସମସ୍ତେ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଥିଲେ। ଯୁବକ ଯୁବତୀ ସହ ଛୋଟ ବଡ଼ ଭାଇ ଭଉଣୀଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ସହିତ କଳା ସଂସ୍କୃତିକୁ ବଜାୟ କରିବା ପାଇଁ ଗ୍ରାମ ପଞ୍ଚାୟତସ୍ତରୀୟ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଜୟ ମାଁ ପ୍ରଦେଶେନ୍ ଯୁବା ମଞ୍ଚ ପେଣ୍ଡରାବନର କୋଷାଧକ୍ଷ ସୁକୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ସମିତିସଭ୍ୟ ହରିଶ୍ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନ କରିଥିଲେ।

## ମୃତକଙ୍କ ପରିବାର ଭେଟିଲେ ବିଧାୟକ

ଧର୍ମଗଡ଼,୭ ।୯ (ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ର ବରିଷ୍ଠ ବିଜେଡି ନେତା ଉପାସୁ ସରାପଙ୍କ ଦେହାନ୍ତ ଗତ କିଛିଦିନ ତଳେ ହୋଇଯାଇଛି। ସଡ଼କ ଦୁର୍ଘଟଣାର ଶିକାର ହୋଇଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ ଚିକିତ୍ସାଧିନ ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ଜିଲ୍ଲାର ବହୁ ବିଜେଡି ନେତା ଶୋକ ପ୍ରକାଶ କରିଥିଲେ। ଶନିବାର ଜୁନାଗଡ଼ ବିଧାୟକ ଶ୍ରୀ ମିଶ୍ର ମୃତକଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇ ସୁବିଧା ଅସୁବିଧା ବିଷୟରେ ପଚାରିବୁଝିଥିଲେ।ବିସିସି ସଭାପତି ଗିରିଷ ଚନ୍ଦ୍ର ବେହେରା,ଦଶପୁର ସରପଞ୍ଚ ରଞ୍ଜନ କୁମାର ସାହୁ,ବୃନ୍ଦାବନ ନାଏକ,ବନମାଳି ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରଶାସନ ପକ୍ଷରୁ ସାର ଦୋକାନ ସିଲ୍



କେସିଙ୍ଗା,୭ ।୯ (ସମିସ): ପ୍ରତିଦିନ ସାର ପାଇ ଚାଷୀ ଦୌଡ଼ି ଦୌଡ଼ି ତାର ନିଦ ହଜିଯାଉଥିବା ବେଳେ କିଛି ଅସାଧୁ ଦୋକାନୀ ନିଜ ଦୋକାନରେ ସାର ଲୁଚାଇ କରି ଚଢ଼ା ଦରରେ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। ଚଢ଼ା ଦରରେ ବିକ୍ରୀ କରୁଥିବା ଦୋକାନକୁ ସିଲ୍ କରିଛନ୍ତି କେସିଙ୍ଗା ତହସିଲଦାର।ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଗାଇଗାଁ ପଞ୍ଚାୟତ କେରୋକୁଡ଼ା ଗ୍ରାମରେ ଶୁକ୍ରବାର ଅପରାହ୍ନରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ,କୃଷି ଅଧିକାରୀ ଓ ସ୍ଥାନୀୟ ଉତ୍କେଲା ଫାଣ୍ଡି ପୁଲିସ ମିଳିତ ଭାବରେ ସେହି ଦୋକାନ ଉପରେ ଚଢ଼ାଉ କରି ଦୋକାନ ସିଲ୍ କରିବା ସହିତ ଦୋକାନର ସମସ୍ତ କାଗଜ ପତ୍ର ଜବତ କରିଥିଲେ।

## ଏସଏନଏସ ବିଦ୍ୟାପୀଠରେ ଗୁରୁଦିବସ

ଜୁନାଗଡ,୭ ।୯ (ସମିସ): ଜୁନାଗଡ ବ୍ଲକ୍ ଚାରବାହାଲସ୍ଥିତ ଏସଏନଏସ ବିଦ୍ୟାପୀଠରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଏମଡି ମହେଶ କୁମାର ପଣ୍ଡା ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଶିକ୍ଷକ ଦୋଳମଣୀ କର୍ଯ୍ୟ ପରିଚଳନା କରିଥିଲେ। ବିଦ୍ୟାଳୟର ସହପ୍ରଧାନଶିକ୍ଷକ ଦିବ୍ୟରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଦିବସରେ ବିଦ୍ୟାଳୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ , ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀଙ୍କ ମିଳିତ ଭାବେ ସହଯୋଗ କରିଥିଲେ।



## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଲାଞ୍ଜିଗଡ଼,୭ ।୯ (ସମିସ):ଲାଞ୍ଜିଗଡ ବ୍ଲକ୍ ମସ୍କାଗୁଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରଧାନଶିକ୍ଷକ ଓ ମୌଳିକ ଶିକ୍ଷା ଓ ସାକ୍ଷରତା ଶିକ୍ଷକମାନଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଭୁର୍ଟିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଳାହାଣ୍ଡି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ତଥା ସୁଦୂର ନବରଙ୍ଗପୁର ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ବିଜୁଳି ଏକ୍କା ଯୋଗ ଦେଇଥିଲେ। ମସ୍କାଗୁଡା କ୍ଲଷ୍ଟର ସଂଯୋଜକ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବରିଷ୍ଠ ଶିକ୍ଷକ ସତ୍ୟାନନ୍ଦ ବେରୁକ, ଭାଗିରଥୀ ବେରୁକ, ଭୁର୍ଟିଗଡ଼ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ସାହୁ, ଶିକ୍ଷକ ଶିବସୁନ୍ଦର ସାହୁ, ବିଭୁତିଭୂଷଣ ତାଣ୍ଡି, ଲଳିତମୋହନ ଭୋଇ, ସୁବ୍ରତ ବୁଦ୍ଧିଆ, ସୂର୍ଯ୍ୟମଣି ପାତ୍ର, ଝସକେତନ ବୁଦ୍ଧିଆ, ଭବାନୀଶଙ୍କର ବାରିକ, ପ୍ରମୋଦ ସାହୁ, ବୁଲେଶ ସାହୁ, ବବୃବାହନ ଭୋଇ, ସୁରେଶ ଭୋଇ, ଜଗନ୍ନାଥ ମାଝୀ, ସୁଚିସ୍ମିତା ବେହେରା, ନଳିନୀ ଜେନାଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସେହିପରି ବନ୍ଧପାରୀ କ୍ଲଷ୍ଟର କୁକେଲକୁବୁରି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମଧ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାନକୁଟ୍ଟୁ କ୍ଲଷ୍ଟର ସଂଯୋଜକ ଗୁଣମଣୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରକ୍ଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳ ଦେବ ମୁଣ୍ଡ ଯୋଗଦେଇ ଉପସ୍ଥିତ କାନକୁଟ୍ଟୁ ଓ ବନ୍ଧପାରି କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ମାଁ କେ ନାମ ପେ ଏକ ପେଡ ଓ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ତଥା ନିପୁଣ ସପ୍ତାହ, ଶିକ୍ଷାର ଗୁଣାରକ ବିକାଶ ଦିଗରେ ବିଶେଷ ଭାବରେ ଦିଗଦର୍ଶନ ଦେଇଥିଲେ।



## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ପ୍ରତାପ ପ୍ରଧାନ

କର୍ଲାମୁଣ୍ଡା,୭ ।୯ (ସମିସ):କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରାଜପୁର ପଞ୍ଚାୟତ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀଶିକ୍ଷକ ପ୍ରତାପ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲାର ଭାବଣିପାଟଣା ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବରେ ପ୍ରାଥମିକ ଶିକ୍ଷା ବିଭାଗରେ ଶ୍ରୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।ଉକ୍ତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୁୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସମେତ ଅନ୍ୟ ଜିଲ୍ଲା ଅଧିକାରୀମାନେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୭ ।୯ (ସମିସ):କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡା ବଡ଼ପଡାରେ ପବିତ୍ର ଗୁରୁଦିବସରେ ଡ଼. ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ଡ଼ଃ ଆମ୍ବେଦକର ବିକାଶ ପରିଷଦ ବଡ଼ପଡାର ସଭାପତି ସଚ୍ଚିଦାନନ୍ଦ ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ କର୍ଲାମୁଣ୍ଡା ବ୍ଲକ୍ ଏଓଏସସିଏଫ ବ୍ଲକ୍ ସଭାପତି ବରୁଣ ସୁନା,ଯୋଗଦେଇଥିଲେ। ସମ୍ମାନିତ ଅଥିତିଭାବରେ ଏଓଏସସିଏଫ ବ୍ଲକ୍ ସମ୍ପାଦକ ତ୍ରିଭୁବନ ନାଗ, ଏଓଏସସିଏଫଏଫ ବ୍ଲକ୍ ଉପସଭାପତି ତଥା ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ,ଏସସିଏଫ ଜିଲ୍ଲା ସାଂସ୍କୃତିକ ମୁଖ୍ୟ ମଧୁସୂଦନ ବାଗ ଯୋଗଦେଇ ଡ଼ଃ ଆମ୍ବେଦକରଙ୍କ ମୂଳମନ୍ତ୍ର ଶିକ୍ଷିତ ହୁଅ, ସଂଘଟିତ ହୁଅ,ସଂଘର୍ଷ କର ଉପରେ ଆଲୋକପାତ କରିଥିଲେ।ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧାଙ୍କୁ ଉପଢୌକନଦେଇ ସମ୍ମାନିତ କରିଥିଲେ।ଆଗକୁ ଅର୍ଥାଭାବରୁ ଚିକିତ୍ସା, ପାଠ ପଢିବା ଭଳି ସମସ୍ୟାରେ ସହଯୋଗର ହାତ ବଢେଇବା ପାଇଁ ଡ଼ଃ ଆମ୍ବେଦକର ବିକାଶ ପରିଷଦର ସମ୍ପାଦକ ପ୍ରଭାକର କୁମାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ବାରିକ, ଉମାକାନ୍ତ ସୁନା, ସୁଶୀଳ କୁମାର, ରମାକାନ୍ତ କୁମାର,ଅଶୋକ ସୁନା, ଥୟଚନ୍ଦ୍ର କୁମାର, ଜନ୍ତୁରାଜ କୁମାର ଭଗବାନ କୁମାର ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଜନନୀ ସୁନା ବାବା ସାହେବଙ୍କ ଉପରେ ଆଧାରିତ ଏକ ସଂଗୀତ ପରିବେଷଣ କରିଥିବା ବେଳେ ଦଣ୍ଡପାଣି ନାଏକ ସଭା ସଂଯୋଜନା କରିଥିଲେ।



## କାଳୀକୃଷ୍ଣ ସଂଘର ନୂଆଁଖାଇ ଭେଟ୍‌ଘାଟ୍

କୋକସରା/ଜୟପାଟଣା,୭ ।୯ (ସମିସ):ଜୟପାଟଣା ବ୍ଲକ୍ ଉଛଳା କାଳୀକୃଷ୍ଣ ସଂଘ ଶାଖାଠାରେ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭେଟ୍‌ଘାଟ ଅବସରରେ ସଂଘର ବେଦବ୍ରହ୍ମା ସରୋଜାନନ୍ଦଙ୍କ ଦ୍ୱାରା ଲିଖିତ ଓ ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ "ଶ୍ରୀଶ୍ରୀ ସତ୍ୟାନନ୍ଦ ଦର୍ଶନ' ଉନ୍ମୋଚିତ ହୋଇଛି। ସଂଘ ତରଫରୁ ଗୁରୁଜୀ ଓ ଅତିଥିଙ୍କୁ ସ୍ୱାଗତ ପରେ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା। ଏହାପରେ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀ, ବେଦବ୍ରହ୍ମା ସରୋଜାନନ୍ଦ ଜୀ,ସଭାପତି ସଂଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାଳୀକୃଷ୍ଣ ସଂଘ ପ୍ରତିଷ୍ଠାତା ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜ ପ୍ରକୃତିର ସଂରକ୍ଷଣ ପାଇଁ ୪୨ ବର୍ଷ ଧରି ମହାବିଷ୍ଣୁ ଯଜ୍ଞର ଆୟୋଜନ କରିଆସୁଛନ୍ତି। ବର୍ଷର ବିଭିନ୍ନ ସମୟରେ ଚାରାରୋପଣ କରି ବଞ୍ଚାଇବା ପାଇଁ ଅହରହ ଚେଷ୍ଟା ଚାଲିଛି। ଉଛଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଗଦାନନ୍ଦ ଜୀ ମହାରାଜ ଚାରାରୋପଣ କରିଥିଲେ। ନୂଆଖାଇ ହେଉଛି ପ୍ରକୃତି ପ୍ରତି ସମ୍ମାନ, ପ୍ରକୃତିର ଉପାସନା ବୋଲି ଶ୍ରୀ ଜଗଦାନନ୍ଦଜୀ ମତବ୍ୟକ୍ତ କରିଥିଲେ।ଉଛଳା ଶାଖା ସଂଘର କର୍ମକର୍ତ୍ତା, ଶିଷ୍ୟ ଶିଷ୍ୟା ଓ ଶୁଭେଚ୍ଛୁ ନୂଆଖାଇ ଭେଟ୍‌ଘାଟ ଆୟୋଜନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାଳୀକୃଷ୍ଣ ସଂଘର ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



● ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ଦ୍ୱିତୀୟଥର ପାଇଁ ନର୍ଲା ବିଇଓ ତପିମଣି ଜାନୀ ପୁରସ୍କୃତ

ଭବାନୀପାଟଣା,୭ ।୯ (ସମିସ): ନର୍ଲା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ତପିମଣି ଜାନୀ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରି କଳାହାଣ୍ଡି ମାଟିକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ସହ ଶିକ୍ଷାର ବିକାଶ ନିମିତ୍ତ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସେ ଗତ ୨୦୨୩-୨୪ ବର୍ଷରେ ରାଜ୍ୟର ଶ୍ରେଷ୍ଠ ୧୦ ଜଣ ବିଇଓଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ମଧ ଉକ୍ତ ସ୍ଥାନ ବଜାୟ ରଖିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁ ଦିବସ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀ ଜାନୀ ପୁରସ୍କୃତ ହୋଇଛନ୍ତି। ପୁରସ୍କାରର ଶ୍ରେୟ ସମସ୍ତ ସହକର୍ମୀ ତଥା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେବାସହ ଏହି ସ୍ୱୀକୃତିକୁ ଶିକ୍ଷା କ୍ଷେତ୍ରରେ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଓ ଦାୟିତ୍ୱ ଭାବେ ଗ୍ରହଣ କରୁଛି ବୋଲି ଶ୍ରୀ ଜାନୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଚପୁରୀଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଧର୍ମଗଡ଼,୭ ।୯ (ସମିସ):

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ,ସମ୍ମାନିତ ଅତିଥି ଭାବେ ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା ,ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅରବିନ୍ଦ ଦାସ ଓ ଆଜାଦ ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସହ ଡାକ୍ତରଖାନାକୁ ଆସିଥିବା ବିଭିନ୍ନ ପ୍ରକାର ଖର୍ଚ୍ଚ ବିଷୟରେ ଆସିଥିବା ଅନୁଦାନର ଅଟକଳ ପରିମାଣର ହିସାବ ନିକାସ ହୋଇଥିଲା। ଶେଷରେ ଡାକ୍ତର ଖାନା ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିରକୁ ନିରୀକ୍ଷଣ କରିଥିଲେ ବିଧାୟକ। ଡାକ୍ତରଖାନାର ଅନ୍ୟାନ୍ୟ ଡାକ୍ତର ,ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରି ଉପସ୍ଥିତ ଥିଲେ।ଏହି ଅବସର ସ୍ଥାନୀୟ ଲୋକେ ଡାକ୍ତରଖାନାରେ ବିଷେଶଜ୍ଞ ଡାକ୍ତର ସହିତ ଏକ ଶବବ୍ୟବଚ୍ଛେଦ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ମିଶ୍ର ବିଗତ ଦିନରେ ଏହି ଡାକ୍ତରଖାନାକୁ ୫ କୋଟି ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯାଇ ନୂତନ କୋଠା ଓ ଲ୍ୟାବ୍ରୋଟରି କରାଯାଇଥିବା କହିଥିବା ବେଳେ ଏହି ଦାବି ଗୁଡ଼ିକୁ ସରକାରଙ୍କ ଠାରେ ଉପସ୍ଥାପନ କରିବି ବୋଲି କହିଛନ୍ତି।



# ବରାହା ମାଂସ ଜବତ; ବେପାରୀ ଗିରଫ

**ମନମୁଣ୍ଡା/ଶଗଡ଼ା, ୭।୯ (ସମିସ):** ମନମୁଣ୍ଡା ବନ ବିଭାଗ ବରଗୋଚ୍ଛା ଗ୍ରାମ ଛକରେ ବାର୍‌ହା ମାଂସ ଚାଲାଣ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବରଗୋଚ୍ଛା ଗାଁର ପଞ୍ଚାନନ ଡାଙ୍ଗ (୩୨) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଏକ କାରରେ ବାର୍‌ହା ମାଂସ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ହିଲୁଙ୍ଗ ଗ୍ରାମରୁ ଅନ୍ୟତ୍ର ଚାଲାଣ ହେଉଥିବା ନେଇ ବୌଦ୍ଧ ଡିଏଫ୍‌ଓ ରାଜେନ୍ଦ୍ର ଗୋଛାୟତଙ୍କ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ପରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ରାମଚନ୍ଦ୍ର ଦଳବେହେରା, ବନରକ୍ଷୀ ରବୀନ୍ଦ୍ର ବାରିକ, ମମତା ଛତର, ଏଫ୍ ପି ଏସ ବିଶିକେଶନ କର୍ଣ୍ଣ ପ୍ରମୁଖ ରବିବାର ସକାଳେ ବରଗୋଚ୍ଛା ଗାଁ ଛକରେ ପାଟ୍ରୋଲିଂ କରିଥିଲେ।



ଏହି ସମୟରେ ବରଗୋଚ୍ଛାର ଢାବା ନିକଟରେ ଥିବା ଅଭିଯୁକ୍ତ ପଞ୍ଚାନନଙ୍କ ଘର ପଛପଟେ ଖୋଲା ଜାଗାରେ ଥିବା ଏକ କାର୍ (ଓଡି ୨୨ ସିକେ ୦୩୩୯) କୁ ସନ୍ଦେହରେ ଯାଞ୍ଚ କରିବା ପରେ ସେଥିରୁ ୨ ଟି ବ୍ୟାଗରେ ୩୨ଟି ପଲିଥିନ ପ୍ୟାକେଟରେ ବାର୍‌ହା ମାଂସକୁ ଥିବା ଜଣାପଡ଼ିଥିଲା। ବନ ବିଭାଗ ଉକ୍ତ ମାଂସ ଓ କାରକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ। କାର୍‌ରୁ ଏକ କଟୁରୀ ଓ ଏକ ଟାଙ୍ଗିଆ ଜବତ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏସିଏଫ୍ ମିନାକ୍ଷୀ କୁମୁରା ତଦନ୍ତ କରିଥିବା ବେଳେ ମାଂସକୁ ବନ ବିଭାଗ ପରିସରରେ ପୋତା ଯାଇଥିଲା। ଏନେଇ ବନ ବିଭାଗରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ରେଞ୍ଜ ଅଧିକାରୀ ଶ୍ରୀ କୁମୁରା ସୂଚାଇଛନ୍ତି।

# ଭୂତକୋଠୀ ପାଲଟିଛି ମାଲିଦାଦର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବୀରମହାରାଜପୁର, ୭।୯ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନତେଲା ପଞ୍ଚାୟତର ଉପାନ୍ତ ମାଲିଦାଦର୍ ଗ୍ରାମରେ ବନ୍ଦ କରାଯାଇଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୁନର୍ବାର ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ୮ ବର୍ଷ ହେଲା ଉକ୍ତ ସ୍କୁଲରେ ଛାତ୍ର ଛାତ୍ରୀ ସଂଖ୍ୟା କମ୍ ହେବାରୁ ସରକାରଙ୍କ ତରଫରୁ ବନ୍ଦ୍ କରାଯାଇଥିଲା, ଫଳର ଗ୍ରାମର ଛାତ୍ରଛାତ୍ରୀ ଅନେକ ପାଠପଢ଼ାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ ଏହି ମଲିଦାଦର୍ ଗ୍ରାମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ବାସ କରନ୍ତି। ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ସର୍ବଶିକ୍ଷା ଅଭିଯାନରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୪ମସିହାରେ ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ



ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଯାଇଥିଲା। ଏଥିପାଇଁ ୨ଜଣ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତ ଦିଆଯାଇଥିଲା। ୨୦୧୭ରେ କମ ପିଲା ଦର୍ଶାଇ ସ୍କୁଲକୁ ବନ୍ଦ କରଯାଇଥିଲା। ସ୍କୁଲ ବନ୍ଦ ପରେ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଇଓ, ଡିଇଓ, ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏବେ ଗ୍ରାମରେ ୨୫ରୁ ଅଧିକ ଛାତ୍ର ଛାତ୍ରୀ ଅଛନ୍ତି। ସ୍କୁଲ ବନ୍ଦ ହେଲାପରେ ଏବେ ପିଲାମାନ ୩କିଲୋମିଟର ଦୂରରେ ଥିବା ଦାଦର ପାଲି ଗ୍ରାମରେ ନାମ ଲେଖିପାଠ ପଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ମତ୍ର ଗାଆଁ ଠାରୁ ଦାଦର୍ ପାଲି ଅନେକ ଦୂର ହୋଇଥିବା, ଓ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯିବା ଆସିବାକୁ ନିଜକୁ ନିରାପଦ ମଣୁନାହାଁନ୍ତି। ଦୀର୍ଘଦିନ ହେଲା ଏହି ସ୍କୁଲ ଘରର ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍କୁଲ କୋଠା ଏବେ ଭୂତ କୋଠି ଭଳି ପଡ଼ିରହିଛି। ଏହି ସ୍କୁଲ ପୁର୍ନବାର ଚାଲୁ କରିବାକୁ ନିକଟରେ ଦୁର୍ଜନ ତେଲା ଗ୍ରାମପଞ୍ଚାୟତରେ ହୋଇଥିବାର ଜଣ ଶୁଣାଣି ଶିବିରରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ବୀରମହାରାଜପୁର ବିଇଓ ଗଣେଶ କିଶନଙ୍କୁ ପଚାରିବାରୁ ସେ ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ସଂଖ୍ୟା ବୃଦ୍ଧି ହେଲେ ପୁଣି ଖୋଲାଯିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ଏଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ସ୍କୁଲଟି ଚାଲୁ କରିବାକୁ ବୁଦ୍ଧିଜୀବୀ ଦାବି ହେଉଛି।

# ବୀରମହାରାଜପୁର ପାଲଟିଛି ଅନୁପ୍ରବେଶକାରୀଙ୍କ ଚରାଭୂଇଁ

**ବୀରମହାରାଜପୁର, ୭।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ଆନ୍ଧ୍ରଚାଷୀ କାୟା ବିସ୍ତାର ପରେ ଗତ କିଛି ବର୍ଷହେଲା ଏହି ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ଦୀର୍ଘ ଦିନ ହେଲା ବୀରମହାରାଜପୁର ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ବ୍ୟବସାୟ ସହ ରଙ୍ଗ ଓ ମିସ୍ତ୍ରୀ କାମ ଅଳରେ ରାଜ୍ୟ ବାହାରୁ ଅଣଓଡ଼ିଆ ଆସି କ୍ରମଶଃ ଏହି ଅଞ୍ଚଳରେ ନୀଜର କାୟ ବିସ୍ତାର କରିବାରେ ଲାଗିଛନ୍ତି। ଅଞ୍ଚଳରେ ଶହ ଶହ କୁଶଳୀ ଶ୍ରମିକ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ବ୍ଲକ ର ବିଭିନ୍ନ ଅଞ୍ଚଳରେ ଏହି ଅଣଓଡ଼ିଆ ଶ୍ରମିକ ପ୍ରଭାବ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି କୁ ଆମନ୍ତ୍ରଣ କରୁଥିବା ଅଞ୍ଚଳର ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହିପରି କିଛି ରାଜ୍ୟ ବାହାର ବ୍ୟକ୍ତି ରହି ପଲିଥିନ ଜରି, ପ୍ଲାଷ୍ଟିକ ପାଣି ଜାର, ପୋଷାକ ଆଦି ବିକ୍ରି କରିବା ବାହାନାରେ ଏଠାରେ ବର୍ଷବର୍ଷ ଧରି ରହିଛନ୍ତି। ସେମାନଙ୍କ ପ୍ରକୃତ ପରିଚୟ କ'ଣ ସେମାନେ କେଉଁ ଜିଲ୍ଲାରୁ ଆସିଛନ୍ତି, କେଉଁ କେଉଁ ଅଞ୍ଚଳରେ ରହି ବ୍ୟବସାୟ କରୁଛନ୍ତି ତା'ର ଠିକଣା ଖୋଦ୍ ଜିଲ୍ଲା ପୁଲିସ ନିକଟରେ ମଧ୍ୟ ନାହିଁ। ତେଣୁ ଏମାନେ କ୍ରମଶଃ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏକ ପ୍ରକାର ସ୍ଥାୟୀ ବସତି ସ୍ଥାପନ କରିବାରେ ମଧ୍ୟ ସକ୍ଷମ ହେଉଛନ୍ତି। ଜିଲ୍ଲାରେ ଏଭଳି ଅଚିହ୍ନା ବ୍ୟକ୍ତିଙ୍କ ରାଜୁତି ଧିରେଧିରେ ବୃଦ୍ଧି ପାଉଥିବା ରୁ ଶାନ୍ତି ପ୍ରିୟ ବୀରମହାରାଜପୁର ଆଗାମୀ ଦିନରେ ଏକ ଆଶାନ୍ତିର ବାତାବରଣ ସମ୍ମୁଖୀନ ହେବା ସମ୍ଭାବନା ରହିଛି। ତେଣୁ ବେଳ ଥାଉଁ ହୁଁ ଏଭଳି ରାଜ୍ୟ ବାହାରୁ ଆସିଥିବା ଶ୍ରମିକ ତଥା ଅନୁପ୍ରବେଶକାରୀ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ସହ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳର ସଚେତନ ମହଲରେ ଦାବି ହେଉଛି।

# ସାର ଅଭାବକୁ ନେଇ ସିମିଲିପଦର ପାକ୍ସରେ ଅସନ୍ତୋଷ

## ୪ ଘଣ୍ଟା ବିକ୍ରୟ ବନ୍ଦ

**ମନମୁଣ୍ଡା, ୭।୯ (ସମିସ):** ମନମୁଣ୍ଡା ଥାନା ସୀମିଲିପଦର ପାକ୍ସରେ ସାର ଅଭାବକୁ ନେଇ ଅସନ୍ତୋଷ ଦେଖାଦେଇଛି। ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ୟୁରିଆ ସାର ବସ୍ତା ଆବଶ୍ୟକ ଥିବାବେଳେ ମାତ୍ର ୩୧୫ ବସ୍ତା ଆସିଥିଲା। ମଣ୍ଡିର ସମ୍ପାଦକ ଅମ୍ବରିଶ ବାଘ ମାତ୍ର ୪୦ ବସ୍ତା ସାର ସୁରୁଖୁରୁରେ ବିକ୍ରୟ କରୁଥିବାବେଳେ ଶତାଧିକ ଚାଷୀ ପ୍ରତ୍ୟେକଙ୍କୁ ପ୍ରାୟ ୫ ବସ୍ତାରୁ ଅଧିକ ସଂଖ୍ୟାରେ ସାର ପ୍ରଦାନ କରିବାକୁ ଦାବି କରି ପାଟିତୁଣ୍ଡ ଓ ଗଣ୍ଡଗୋଳ କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଆସି ଚାଷୀମାନଙ୍କୁ ବୁଝାଇଥିଲେ ମଧ୍ୟ ଚାଷୀ ମନି ନ ଥିଲେ। ଫଳରେ ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ସାର ବିକ୍ରି ବନ୍ଦ ରହିଥିଲା। ଅପରାହ୍ନ ପ୍ରାୟ ୫ ଟା ସମୟରେ ବୌଦ୍ଧ ଉପଜିଲ୍ଲାପାଳ ଆସି ଚାଷୀଙ୍କୁ ବୁଝାଇ ଜଣଙ୍କ ପ୍ରତି ଗୋଟିଏ ୟୁରିଆ ସାର ବସ୍ତା ନେବାକୁ କହିବା ପରେ ଚାଷୀ ମାନିଥିଲେ। ପରେ ସାର ବିକ୍ରୟ ସ୍ୱାଭାବିକ ହୋଇଥିଲା।

# କୂଅରେ ପଡ଼ି ଦିବ୍ୟାଙ୍ଗ ଛାତ୍ରୀ ମୃତ



**ତରଭା, ୭।୯ (ସମିସ):** ତରଭା ବ୍ଲକ ସରଗଜ ପଞ୍ଚାୟତ ଅଧୀନ ଲକ୍ଷ୍ମୀମୁଣ୍ଡା ଗ୍ରାମରେ ଶନିବାର ଜଣେ ଦିବ୍ୟାଙ୍ଗ ନବମ ଶ୍ରେଣୀ ଛାତ୍ରୀ କୂଅରେ ପଡ଼ି ପ୍ରାଣହରାଇଛନ୍ତି। ଲକ୍ଷ୍ମୀମୁଣ୍ଡା ଗ୍ରାମର ଗଣେଶ କୁଦେଇଙ୍କ ଦିବ୍ୟାଙ୍ଗ ଝିଅ ପ୍ରେମକାନ୍ତି କୁଦେଇ (୧୪) ପ୍ରତ୍ୟେକ ଦିନ ପରି ଘରପାଖ ବିଲରେ ଥିବା କୂଅକୁ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ କୂଅ ଭିତରକୁ ଖସି ପଡ଼ିଥିଲେ। ପ୍ରେମକାନ୍ତି ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଅନେକ ଖୋଜାଖୋଜି ପରେ କୂଅରେ ଖସିପଡ଼ିଥିବା ସନ୍ଦେହ କରି ତରଭା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି କୂଅରୁ ପ୍ରେମକାନ୍ତିକୁ ବାହାରକରି ତରଭା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କମସରା ଫାଣ୍ଡି ଅଧିକାରୀ ମାରୁତଚନ୍ଦ୍ର ପଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଅନୀତା କିଡୋ ସୂଚନା ଦେଇଛନ୍ତି।

# ୨ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ପଲଶାଗୋରା, ୭।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ କୁଣ୍ଡାମାଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଶିକ୍ଷକ ଉମାକାନ୍ତ ପଣ୍ଡା ଓ ଶିକ୍ଷୟିତ୍ରୀ ତନୟା ମଲିକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବୌଦ୍ଧ ଜିଲ୍ଲାସଦରରେ ଗୁରୁଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ପାଇବା ପରେ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଅଭିଯୁକ୍ତଙ୍କୁ ପଳାତକ ଘୋଷଣାପରେ ସୂଚନା ଜାରିକଲା ହରଭଙ୍ଗା ପୁଲିସ

**ବୌଦ୍ଧ, ୭।୯।(ସମିସ):** ହରଭଙ୍ଗା ପୁଲିସ ପକ୍ଷରୁ ଏକ ମାମଲାର ଫେରାର ଅଭିଯୁକ୍ତକୁ କୋର୍ଟ ପଳାତକ ଘୋଷଣା କରିବା ପରେ ସର୍ବସାଧାରଣରେ ସୂଚନା ଜାରି କରାଯାଇଛି। ୨୦୨୧ ମସିହା ମେ' ମାସରେ ତଳଗାଁ ପଞ୍ଚାୟତର ଜଣେ ଯୁବତୀଙ୍କୁ ଗଣ୍ଡିସର ଗ୍ରାମର ବେଡା ଓରଫ ଶ୍ୟାମଘନ ନାଏକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ମାମଲାଟି ବୌଦ୍ଧର ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ଥିବାବେଳେ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ରହିଛନ୍ତି। ତେଣୁ ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତ ବେଡା ଓରଫ ଶ୍ୟକ୍ଷାଘନ ନାଏକଙ୍କ ନାମରେ ଜାମିନ ବିହିନ ଗିରଫ ପରୱାନା ଜାରି କରିବା ସହ ପଳାତକ ଘୋଷଣା କରିଛନ୍ତି। ଅଦାଲତରେ ଆସନ୍ତା ତାରିଖରେ ହାଜର ନହେଲେ ଅଭିଯୁକ୍ତର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି କୋର୍ଟଙ୍କ ଆଦେଶକୁ ଗଣ୍ଡିସର ଗ୍ରାମରେ ଡାକବାଜି ଜନ୍ତ୍ର ସାହାଯ୍ୟରେ ହରଭଙ୍ଗା ପୁଲିସ ସର୍ବ ସାଧାରଣ ଘୋଷଣା କରିଥିଲା।

# ଘୁଲୁଘୁଲାପଦରରେ ଇନ୍ଦ୍ରପୂଜା

**ପଲଶାଗୋରା, ୭।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦରଠାରେ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁ ମୁଣ୍ଡରେ ଥିବା ଲଣ୍ଡାପାହାଡ ଉପରୁ ରଷ୍ୟ ଶୃଙ୍ଗମୁନିଙ୍କୁ ଏକ ଶୋଭାଯାତ୍ରାରେ ବରଣ କରି ଅଣାଯାଇଥିଲା। ସଂକୀର୍ତ୍ତନ ଓ ଘଣ୍ଟ ହରିବୋଲ ଦେଇ ଶୋଭାଯାତ୍ରାରେ ଗାଁକୁ ଆଣିବା ପରେ ଗାଁର ମହିଳାମାନେ ଋଷିଙ୍କୁ ଫୁଲ ଧୁପ ଦେଇ ସ୍ୱାଗତ କରିବା ସହ ଭଲ ବର୍ଷା ହେବା ପାଇଁ ଗୁହାରି କରିଥିଲେ। ଏହି ଅବସରରେ ଗାଁର ଇଷ୍ଟ ଦେବୀ କନ୍ଧେନବୁଢ଼ୀ ପୀଠରେ ପୂଜା କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା। ଏଥିରେ ଗାଁ ଦେହୁରୀ ଆଦି କଅଁର କର୍ତ୍ତା ଭାବେ ପୂଜାରେ ବସିଥିବା ବେଳେ ପୂଜକ ଦାଶରଥି ପ୍ରହରାଜ ପୂଜା କାର୍ଯ୍ୟ ତୁଲାଇଥିଲେ। ଅଚ୍ୟୁତ ଖମାରୀଙ୍କୁ ରୁଷ୍ୟ ଶୃଙ୍ଗ ମୁନି ଭାବେ ବରଣ କରାଯାଇଥିଲା। ପୂଜାରେ ଗ୍ରାମର ସମସ୍ତ ଲୋକ ସହଯୋଗ କରିଥିଲେ।

# ତରଭାରେ କଂଗ୍ରେସର ସୃଜନ ସଂଗଠନ ଅଭିଯାନ

**ତରଭା, ୭।୯ (ସମିସ):** ତରଭା ନଗର କଂଗ୍ରେସ ଓ ବ୍ଲକ କଂଗ୍ରେସର ମିଳିତ ଉଦ୍ୟମରେ ଜାତୀୟ କଂଗ୍ରେସର ସୃଜନ ସଂଗଠନ ଅଭିଯାନ ବୈଠକ ତରଭାର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀ ଓ ନେତାଙ୍କ 'ଭୋଟ ଚୋର ଗାଦି ଛୋଡ' ନାରାରେ ସଭାସ୍ଥଳୀ ପ୍ରକମ୍ପିତ ହୋଇଥିଲା। ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ଚୟନ ନେଇ ବିଭିନ୍ନ କର୍ମୀଙ୍କ ମତାମତ ନେବା ଓ ସଂଗଠନକୁ ତୃଣମୂଳସ୍ତରରୁ ଦୃଢ଼ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନେତାମାନେ କହିଥିଲେ। ଏଆଇସିସିର ଅମିତ ସିଂହ, ପ୍ରବକ୍ତା ଡ.ହମିତ ହୁସେନ, ସାଧାରଣ ସମ୍ପାଦକ ଭିନୀତ ଜି, ଏଆଇସିସି ସଭ୍ୟ ସୁରେନ୍ଦ୍ର ସାହୁ, ପିସିସି. ଇନ୍‌ଚାର୍ଜ ସରୋଜ ପ୍ରଧାନ, ଗଣେଶ ସାହୁ, ପୂର୍ବତନ ବିଧାୟକ ବିନୋଦ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଜନଜାତି ଜନଗଣନା, ଜିଏସଟି ହ୍ରାସ, ଭୋଟ ଚୋରିକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଦନରେ ଲଢୁଛି, ରାସ୍ତାରେ ରାହୁଲ ଲଢୁଛନ୍ତି ଏଥିପାଇଁ କଂଗ୍ରେସର ସ୍ଥିତି ମଜଭୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲାସ୍ତରରୁ ପ୍ରିୟବ୍ରତ ସାହୁ, ପ୍ରଦୀପ ସେଠୀ, ତରଭା କଂଗ୍ରେସରୁ ପ୍ରବୀଣ ସାହୁ, ଶିବୁ ଅଗ୍ରୱାଲ, ଗଣେଶ ଗୁରୁ, ବ୍ଲକ କଂଗ୍ରେସରୁ କାର୍ତ୍ତିକ ନାଗ, ମନସୁର ମହମ୍ମଦ, ପବିତ୍ର ପଧାନ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଭବାନୀ ଦୀପ, ମୁକୁନ୍ଦ ବିଶ୍ୱାଳ, ଗଙ୍ଗାଧର ମହାପାତ୍ର, ଅନାଦି ବାଗଙ୍କ ସମେତ ତରଭା ବ୍ଲକ ଓ ଏନଏସି ଅଞ୍ଚଳରୁ ଶତାଧିକ ମହିଳା କଂଗ୍ରେସ ଓ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

# ଚମ୍ପାମାଲ ଗ୍ରାମରେ ଅନନ୍ତମୁଖୀ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୭।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଚମ୍ପମାଲ ଗ୍ରାମରେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଗ୍ରହଣ ଥିବାରୁ ସକାଳ ୬ରୁ ଆରମ୍ଭ ହୋଇ ୧୦ଟାରେ ସମାପ୍ତ ହୋଇଥିଲା। ଚମ୍ପାମାଲ ବ୍ରାହ୍ମଣ ସମାଜଙ୍କ ଉଦ୍ୟମରେ ଭାଦ୍ରବମାସ ପୂର୍ଣ୍ଣିମା ତିଥିରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋର ହୋତା, ରାମକୃଷ୍ଣ ହୋତା, ରାଜେନ୍ଦ୍ର ପୁରୋହିତ, ଅକ୍ଷୟ ହୋତା, ଶମ୍ଭୁ ପ୍ରସାଦ ପଣ୍ଡା, ଅର୍ଜୁନ ହୋତା, ବାସୁଦେବ ହୋତା, ପ୍ରମୋଦ ପୁରୋହିତ, ନିତ୍ୟାନନ୍ଦ ପଣ୍ଡା, ପ୍ରଦ୍ୟୁମ୍ନ ପୁରୋହିତ, ସରୋଜ ହୋତା, ଦେବେନ୍ଦ୍ର ପୁରୋହିତ, ଗଣେଶ ହୋତା, ସତ୍ୟବାନ ପୁରୋହିତ, ଜନାର୍ଦ୍ଦନ



ପୁରୋହିତ, ବିଜୟ ହୋତା, ଚୈତନ୍ୟ ହୋତା, ରାମେଶ୍ୱର ହୋତା, ଅନନ୍ତ ନାରାୟଣ ପୁରୋହିତ, ଶତ୍ରୁଘନ ପଣ୍ଡା, ସିପୁନ ପୁରୋହିତଙ୍କ ସମେତ ବ୍ରାହ୍ମଣ ସମାଜର ବହୁ ସଦସ୍ୟ ଅନନ୍ତ ମୁଖୀ ଭାଗବତ ପଠନ କରିଥିଲେ।

# ବୀରମହାରାଜପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନନ୍ତ ବ୍ରତ ପାଳନ

**ବୀରମହାରାଜପୁର, ୭।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନନ୍ତବ୍ରତ ପର୍ବ ଅନୁଷ୍ଠିତ ହୋଇଛି। ଅଞ୍ଚଳର ବ୍ରାହ୍ମଣ ସମାଜ ତଥା ମନ୍ଦିର ପରିଚାଳନା ସମିତି ପକ୍ଷରୁ ଏହିବ୍ରତ ଅନୁଷ୍ଠିତ କରାଯାଇଛି। ଏଥିରେ କର୍ତ୍ତା ଭାବେ ପ୍ରକାଶ ହୋତା ଏବଂ ଆହ୍ଲାଦିନୀ ହୋତା ରହିଥିବାବେଳେ ପୂଜକ ଭାବରେ ସୁଶାନ୍ତ ପୁରୋହିତ ଓ ବିଶ୍ୱାମିତ୍ର ଚାନ୍ଦ ହୋମ ଆଦି ଯଜ୍ଞାନୁଷ୍ଠାନ କାର୍ଯ୍ୟ ତୁଲାଇଥିଲେ। ସତ୍ୟ ନାରାୟଣ ଚାନ୍ଦ, ଯୁଗଳ କିଶୋର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ଶ୍ରୀନିବାସ ନାୟକ, ଦିଲୀପ ମିଶ୍ର, ପିତବାସ ପଣ୍ଡା, ବନମାଳୀ ପଣ୍ଡା, ଶିବ ରମଣ ପଣ୍ଡା, ଦାମୋଦର ମିଶ୍ର, ଚମ୍ପେଶ୍ୱର ଦାସ, ସନ୍ନ୍ୟାସୀ ଶତପଥୀ, ଅକ୍ଷୟ ଦାସ, ନରେନ୍ଦ୍ର ଚାନ୍ଦ, ଗଣେଶ୍ୱର ହୋତା, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ଶ୍ରୀମଦ୍‌ଭାଗବତ ମହାପୁରାଣ ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ପଠନ କରିଥିଲେ। ବଳରାମ କାଣ୍ଡ, ଦୈତାରୀ ମହାକୁର, ମନୋରଞ୍ଜନ ତରିଆ, ଇନ୍ଦ୍ରଜିତ ପରୁଆ ପ୍ରମୁଖ ସହଯୋଗ କରିଥିଲେ।

# ମା' ମେଟାକାନି କେଉଟ ସମାଜ ପଞ୍ଜିକୃତ



**ମନମୁଣ୍ଡା, ୭।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘକୁଣୀ ପଞ୍ଚାୟତ ରତାଖଣ୍ଡିର କେଉଟ ଜାତିର ପରିବାରଙ୍କୁ ନେଇ ଗଠିତ ମା' ମେଟାକାନି କେଉଟ ସମାଜ ପଞ୍ଜିକୃତ ହୋଇଛି। ଈଶ୍ୱର ସେଠୀଙ୍କ ନେତୃତ୍ୱରେ ରତାଖଣ୍ଡିଠାରେ ୨୦୨୪ ନଭେମ୍ବର ୨୯ରେ ସମବେତ ହୋଇ କେଉଟ ଜାତିର ବିକାଶ, ଉନ୍ନତି, ଉକ୍ତ ସମାଜରୁ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ, ସମାଜରୁ ନିଶା ନିବାରଣ, ଯୌତୁକ ବିହୀନ, ସଂସ୍କାରମୂଳକ କାର୍ଯ୍ୟ କରି ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଏବଂ ସମାଜର ଲୋକମାନଙ୍କ ଆର୍ଥିକ ଉନ୍ନତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଏଥିସହ ମା' ମେଟକାନି କେଉଟ ସମାଜ ନାମରେ ଏକ ସଂଘ ଗଠନ କରିଥିଲେ। ସଭାରେ ଆଲୋଚନା ପ୍ରକାରେ ଆବଶ୍ୟକ କାଗଜାଦି ସହ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ୧୮୬୦ ରେ ସମାଜର ପଞ୍ଜିକରଣ ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଅତିରିକ୍ତ ସମାଜ ରେଜିଷ୍ଟ୍ରାରଙ୍କ ଠାରେ ଆବେଦନ କରାଯାଇଥିଲା। ଉକ୍ତ ମାଜିଷ୍ଟ୍ରେଟ ସମସ୍ତ କାଗଜାଦି ତନଖି କରି ମା' ମେଟାକାନି କେଉଟ ସମାଜକୁ ପଞ୍ଜିକରଣ କରି ତହିଁର ପ୍ରମାଣପତ୍ର ସମାଜର ସଭାପତି ଈଶ୍ୱର ସେଠୀଙ୍କୁ ପ୍ରଦାନ କରିଛନ୍ତି। ବୌଦ୍ଧ ଜିଲ୍ଲାରେ ଏହା ଏକମାତ୍ର ପଞ୍ଜୀକୃତ କେଉଟ ସମାଜ ବୋଲି ଉକ୍ତ ସମାଜର ଉପଦେଷ୍ଟା ସଦାଶିବ ନାଏକଙ୍କ ଠାରୁ ଜାଣିବାକୁ ମିଳିଛି। ଏଥିପାଇଁ ସମାଜର ସମସ୍ତ ସଭ୍ୟ, ସଭ୍ୟା ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

# ବଡସୁଦ ସମାଜର ଜିଲ୍ଲା ବୋର୍ଡ ଗଠିତ

**ମନମୁଣ୍ଡା, ୭।୯ (ସମିସ):** ବୌଦ୍ଧ ବ୍ଲକ ମନୁପାଲି ଖେଳ ପଡ଼ିଆରେ ନିଖିଳ ଉତ୍କଳ କ୍ଷେତ୍ରୀୟ ବଡସୁଦ ସମାଜର ପଶ୍ଚିମାଞ୍ଚଳ ଜିଲ୍ଲା ବୋର୍ଡ ଗଠନ କରାଯାଇଛି। ସମାଜର ପଶ୍ଚିମାଞ୍ଚଳ ନିର୍ବାଚନ ଅଧିକାରୀ ଚକ୍ରଧର ଅମାତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଭାରେ ଗ୍ରାମ୍ୟ କେନ୍ଦ୍ର ବୋର୍ଡର ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ସମ୍ମାନିତ ଅତିଥିଭାବେ ସମାଜର ବରିଷ୍ଠ ଅଧିକାରୀ ସମ୍ପଦ ଭୁକ୍ତା, ସଞ୍ଜୟ ଦେହୁରୀ, ସଂସାର ଅମାତ, ଲୋକନାଥ ଭୁକ୍ତା ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମାଞ୍ଚଳ ଜିଲ୍ଲା ବୋର୍ଡ ମନୋନୟନରେ ସଭାପତି ସୁମନ୍ତ କୁମାର ନାଏକ, ଉପସଭାପତି ଗୋପାଳ ପାତ୍ର, ସମ୍ପାଦକ ସଞ୍ଜୟ ଦେହୁରୀ, ସହ ସମ୍ପାଦକ ପ୍ରଦୀପ ଦେହୁରୀ, କୋଷାଧ୍ୟକ୍ଷ ଧନେଶ୍ୱର ଦେହୁରୀ ଏବଂ ଉପଦେଷ୍ଟା ଭାବରେ ଭୀମସେନ ଦେହୁରୀ, ନାଜର ଦେହୁରୀ, ଗଣପତି ଅମାତ, କୁସୁମ ଅମାତ, ଝିନି ଅମାତ ପ୍ରମୁଖ ମନୋନୀତ ହୋଇଥିଲେ। ଜିଲ୍ଲା ବୋର୍ଡ ସଭାପତିଙ୍କ ତତ୍ତ୍ୱାବଧାନରେ ପଡ଼ିଆରେ ଚାରାରୋପଣ କରାଯାଇଥିଲା। ଏଥିରେ ଜମଟାଙ୍ଗି କେନ୍ଦ୍ରର ଲାଲ ବିହାରୀ ଅମାତ, ପ୍ରହ୍ଲାଦ ଭୁକ୍ତା, ପଞ୍ଚାନନ ଅମାତ, ସ୍ୱରାଷ୍ଟ୍ର ଭୁକ୍ତା, ଶଶୀଭୂଷଣ ଭୁକ୍ତା, ନିରଞ୍ଜନ ବାରିକ, ସିନ୍ଧୁ ପ୍ରଧାନ, ଆକୁଳ ଭୁକ୍ତା, ପାନେଶ୍ୱରି ଦେହୁରୀ, ସସ୍ମିତା ଭୁକ୍ତା ସହଯୋଗ କରିଥିଲେ।

# ମାର୍ସିଲଆର୍ଟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବୀରମହାରାଜପୁର, ୭।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମୈତ୍ରୀ ସଦନ ଠାରେ ରାଜ୍ୟସ୍ତରୀୟ ମାର୍ସିଲ ଆର୍ଟ ପାଞ୍ଚକ ସିଲାଟ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଞ୍ଚକସିଲଟ ଆସୋସିଏସନର ସଭାପତି ନୀଳାମ୍ବର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଖଣ୍ଡ ପୁଲିସଅଧିକାରୀ ହେମନ୍ତ କୁମାର ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଆହାର ବ୍ଲକ ସଭାପତି ବିବାସ୍ୱତୀ





ପଣ୍ଡା, ବ୍ଲକ କ୍ରୀଡ଼ା ସଂଘର ସଭାପତି ବାସୁଦେବ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ କିଶୋର ହୋତା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମୁଦାୟ ୧୧ ଜଣଙ୍କୁ ସାମର୍ଦ୍ଧନା ଦିଆଯାଇଥିଲା। ଆବୃତ୍ତି ସେଠୀ, ଅଭିଳାଷ ମହାନନ୍ଦଙ୍କୁ ସର୍ଣ୍ଣ ପଦକ ମିଳିଥିବାବେଳେ, ଆରୋଷୀ ଅମୃତା ସରାଫ, ପ୍ରତିମା ମହାନନ୍ଦଙ୍କୁ ରୌପ୍ୟ ପଦକ ମିଳିଥିବାବେଳେ କୁଲଦୀପ କୃଷ୍ଣା ନାଏକ, ହିମାଂଶୁ ମେହେର, ପ୍ରତିମା ମହାନନ୍ଦ, କୁନାଲ ରଣା, ମୌସୁମୀ ରାଣୀ ସିଂହ ତାମ୍ର ପଦକ ହାସଲ କରି ଥିଲେ। କୋଚ୍ କୃତୀବାସ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ତରଭା, ୭।୯ (ସମିସ)**

ତରଭା ପିଏମଶ୍ରୀ ସରକାରୀ ବାଳକ ହାଇସ୍କୁଲ ପରିସରରେ ସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି କାନ୍ତ ଭୋଇ ଓ ପ୍ରଧାନଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ



ଛାତ୍ରଛାତ୍ରୀଙ୍କୁ କ୍ରୀଡାର ମହତ୍ୱ ପ୍ରତିପାଦନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ହରିବନ୍ଧୁ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଏସ୍‌ଏମ୍‌ସି ସଭାପତି ନନ୍ଦିନୀ ରଣା ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୬ ଟି ବ୍ଲକରୁ ୨୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୫୦ ଜଣ ଖେଳ ଶିକ୍ଷକ ଯୋଗ ଦେଇ ସହଯୋଗ କରିଥିଲେ। ଭଲିବଲରେ ଡୁଙ୍ଗୁରିପାଲି ବ୍ଲକ ବିଜେତା ଓ ବିନିକା ବ୍ଲକ ଉପବିଜେତା ଭାବେ ଚୟନ ହୋଇଛନ୍ତି। ସତର ବର୍ଷରୁ କମ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ବାଳକ ବର୍ଗରେ ତ୍ରିଲୋଚନ ପୁଟେଲ, ଆମନ ହରିପାଳ ଏବଂ ବି.ଅବିନାଶ କୁମାର, ବାଳିକା ବର୍ଗରେ ସାତକ୍ଷୀ ସାହୁ, ନମିସା ପଧାନ ଓ ଅଲିଶା ପାଣ୍ଡେ ଏବଂ ୧୪ ବର୍ଷରୁ କମ୍ ବାଳକବର୍ଗରେ ଶୁଭ୍ରାଂଶୁ ଶେଖର ବାଗ, ଆଶୁତୋଷ ବାରିକ, ରୁଦ୍ର ପ୍ରତାପ ଦେହେରୀ, ବାଳିକା ବର୍ଗରେ ଇସ୍ମିତା ସେଠୀ, ପ୍ରୀତି ପ୍ରଜ୍ଞା ପୁରୋହିତ ଓ ଅନ୍ୱେଷା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ସୁରଜ ସେଠୀ ଓ ସତ୍ୟବ୍ରତ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ଥର ରକ୍ତଦାନ କଲେଣି ଜନାର୍ଦ୍ଦନ

**ବିନିକା, ୭।୯ (ସମିସ):** ଥରେ ନୁହେଁ କି ଦୁଇଥର ନୁହେଁ ପ୍ରତି ୩ମାସ ଅନ୍ତରରେ ୨୪ଥର ହେଲା ରକ୍ତଦାନ କରି ଆସୁଛନ୍ତି ଯୁବ ସ୍ୱେଚ୍ଛାସେବୀ ଜନାର୍ଦ୍ଦନ ଖମାରୀ। ସୂଚନା ଯୋଗ୍ୟ ଯେ ଭୁବନେଶ୍ୱର ସ୍ଥିତ ମନିପଲ ଡାକ୍ତରଖାନାରେ ବିନିକା ବ୍ଲକ ବାଉଁସୁନି ଗ୍ରାମର ଜଣେ ରୋଗୀ ଚିକିତ୍ସାଧୀନ ଥିବାବେଳେ ତାଙ୍କୁ ରକ୍ତ ଦରକାର ପଡ଼ିଥିଲା। ଖବର ପାଇ ଜନାର୍ଦ୍ଦନ ତୁରନ୍ତ ସେଠାକୁ ଯାଇ ତାକୁ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ପରେ ତାଙ୍କର ୨୪ଥର ରକ୍ତଦାନ କରିଥିବା ପ୍ରକାଶ କରିଛନ୍ତି। ଶ୍ରୀ ଖମାରୀଙ୍କ ନେତୃତ୍ୱରେ ଗ୍ରାମର ଯୁବ ସଂଗଠନ ତରଫରୁ ରକ୍ତଦାନ ଶିବିର ଆୟୋଜନ ହୋଇ ଆସୁଛି। ଯେତେବେଳେ ଯେଉଁ ସମୟରେ ଯଦି କାହାକୁ ରକ୍ତ ଦରକାର ପଡେ ସ୍ୱେଚ୍ଛାସେବୀ ଖମାରୀ ସେହି ରୋଗୀକୁ ରକ୍ତ ଯୋଗାଡ଼ କରିଥାନ୍ତି। ନିୟମ ଅନୁସାରେ ପ୍ରତି ୩ମାସରେ ସେ ରକ୍ତ ଭଣ୍ଡାର ହେଉ ଅବା ଯେ କୌଣସି ରୋଗୀକୁ ନିଜ ତରଫରୁ ରକ୍ତଦାନ କରିବା ପ୍ରୟାସ ଜାରି ରଖିଛନ୍ତି। ଆଗକୁ ମଧ୍ୟ ଲୋକଙ୍କ ସେବାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ଖମାରୀ ପ୍ରକାଶ କରିଛନ୍ତି।



### କଣ୍ଟାବାଞ୍ଜି ଡାକ୍ତରଖାନାରେ ଲାଞ୍ଚ କାରବାରର ଘଟଣା

# ଘଟଣା ଚାପିବାକୁ ଉଦ୍ୟମ କରୁଛି ସ୍ୱାସ୍ଥ୍ୟ ବିଭାଗ

କଣ୍ଟାବାଞ୍ଜି, ୭।୯ (ସମିସ)

ବଲାଙ୍ଗୀର କଣ୍ଟାବାଞ୍ଜି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପସୂତି ବିଭାଗରେ ଗର୍ଭବତୀଙ୍କଠାରୁ ଲାଞ୍ଚ ନେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। ଏହାକୁ ନେଇ ଏବେ ଚର୍ଚ୍ଚା ଯେ, ଡାକ୍ତରଖାନାରେ ମେଡିକାଲ ଅଫିସର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଥାଇ ମଧ୍ୟ କୌଣସି କାମରେ ନାହାନ୍ତି। ଜଣେ ଗର୍ଭବତୀଙ୍କଠାରୁ ୧୮ ସହ ଲାଞ୍ଚ ନେବା ଜଣାପଡ଼ିଥିଲା।

ତୁରେକେଲା ଅଞ୍ଚଳର ଜଣେ ଗର୍ଭବତୀ ଗତ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପିଲା ଜନ୍ମ ଦେବା ପରେ ତାଙ୍କଠାରୁ ଲାଞ୍ଚ ମଗାଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ନର୍ସମାନଙ୍କ ଭାଗ ଥିବା କହି ତୁରେକେଲା ଅଞ୍ଚଳର ଜଣେ ଆଶାକର୍ମୀ ଏହି ଟଙ୍କା ନେଉଥିବା ଭିଡିଓରେ ଜଣାପଡ଼ିଛି। ତେବେ ଘଟଣାର ଏବେ ଦିନ ପରେ ମଧ୍ୟ ଏହାର କୌଣସି ତଦନ୍ତ ହୋଇନି। ଏଥିରେ ସମ୍ପୃକ୍ତ ଡାକ୍ତର ଓ ନର୍ସମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏହାକୁ ନେଇ ବାରମ୍ବାର ମେଡିକାଲ ଅଫିସରଙ୍କୁ ମଧ୍ୟ ପଚାରିଲେ ମଧ୍ୟ ମୁହଁ ଖୋଲୁନାହାନ୍ତି। ଏହି ଭିଡିଓ ଭାଇରାଲ ଘଟଣା ପରେ ସତ୍ୟତା ବାହାରକୁ ଆସିଛି ତାହା ନୁହେଁ; ଅନେକ ବର୍ଷ ହେଲା ଏହି ଡାକ୍ତରଖାନାରେ ଏଭଳି ଲାଞ୍ଚ କାରବାର ଚାଲିଥିବା ଏବେ ଅଞ୍ଚଳବାସୀ କହୁଛନ୍ତି। ଗର୍ଭବତୀ ଡାକ୍ତରଖାନାରେ ଭର୍ତ୍ତି ହେଲା ମାତ୍ରେ ସେମାନଙ୍କଠାରୁ କେମିତି ଭାବେ ଟଙ୍କା ଲୁଟ୍ କରିବେ ସେ ନେଇ ସମସ୍ତ ପ୍ରସ୍ତୁତି କରୁଛନ୍ତି ନର୍ସ, ଡାକ୍ତର ଓ ସଫେଇ କର୍ମଚାରୀ। ତେବେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷରେ କମ୍ ଗର୍ଭବତୀ ଭର୍ତ୍ତି ହେଉଛନ୍ତି। ଏହାର କାରଣ ହେଲା ଏଠାରେ ଅସ୍ତ୍ରୋପଚାରରେ ଆଉ ପ୍ରସବ କରାଯାଉ ନାହିଁ। ରେଫର୍ କରି ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି ଅନେକ ଗର୍ଭବତୀ। ଏହି ପରିସ୍ଥିତିରେ ସାଧାରଣ ପ୍ରସବ ଯଦି ଗର୍ଭବତୀ ସରକାରୀ ଡାକ୍ତରଖାନାରେ କମ୍ ଖର୍ଚ୍ଚରେ କରିବାକୁ ଚାହୁଁଛି ତେବେ ଏଭଳି ଲାଞ୍ଚୁଆ ଡାକ୍ତର ଓ ନର୍ସମାନଙ୍କ ପାଇଁ ଶୋଷଣର ଶିକାର ହେଉଛନ୍ତି ଗର୍ଭବତୀ ଓ ପରିଜନ। ଅନ୍ୟପଟେ ବଲାଙ୍ଗୀର ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଝରଣୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି; ହେଲେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଏଭଳି ବଡ ଘଟଣା ହେବା ପରେ ମଧ୍ୟ ଥରୁଟିଏ ବି ପଚାରି ନ ବୁଝିବା ଏବଂ ତଦାରଖ ନ କରିବା ବଡ ପ୍ରଶ୍ନ ପାଲଟିଛି।

**ସମ୍ପୃକ୍ତ ଥିବା ନର୍ସ ଡାକ୍ତର ଉପରେ କାର୍ଯ୍ୟାନୁଷ୍ଠାନ କେବେ**

### ■ କଣ୍ଟାବାଞ୍ଜି ଆଶ୍ରମପଡ଼ାରୁ ଚୋରି ଘଟଣା

# ୬୦ ଗ୍ରାମ ସୁନା ଦେଇ କାମ ସାରିଦେଲା ପୁଲିସ



କଣ୍ଟାବାଞ୍ଜି, ୭।୯ (ସମିସ): କଣ୍ଟାବାଞ୍ଜି ସହରର ଆଶ୍ରମପଡ଼ାରେ ରହୁଥିବା ଜଣେ ବିଧବା ମହିଳାଙ୍କ ଘରୁ ନୂଆଖାଇ ପୂର୍ବରୁ ସୁନା ଓ ଟଙ୍କା ଚୋରି ହୋଇଛି। ତେବେ ଏହାକୁ ନେଇ କଣ୍ଟାବାଞ୍ଜି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ କିଛି ସୁନା ମଧ୍ୟ ଜବତ କରିଛି। ନିଶିମା ତବସୁମ ନାମ୍ନୀ ଏହି ମହିଳାଙ୍କ ଘରୁ ୨୩୦ ଗ୍ରାମର ସୁନା ଓ ନଗଦ ୪୦ହଜାର ଟଙ୍କା ଚୋରି ହୋଇଛି। ମହିଳା ଜଣଙ୍କ ଥାନାରେ ଲିଖିତ ଭାବେ ଜଣାଇଥିଲେ ଯେ, ତାଙ୍କ ଘରେ କାମ କରୁଥିବା ମାଧୁରୀ ପୋଡଙ୍କ ସମ୍ପୃକ୍ତି ରହିଛି। ଅଭଯୋଗକୁ ଭିତ୍ତି କରି ପୁଲିସ ମାଧୁରୀଙ୍କୁ ଗିରଫ କରିଛି। ତା'ଠାରୁ ମାତ୍ର ୬୦ଗ୍ରାମ ସୁନା ଜବତ କରି ଫେରାଇଛି। ଏହାକୁ ନେଇ ଏବେ ପୁଣି ନିଶିମା ସ୍ଥାନୀୟ ଏସଡିପିଓ ଏବଂ ବଲାଙ୍ଗୀର ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ମାତ୍ର ୬୦ ଗ୍ରାମ ସୁନା ଦେଇ ପୁଲିସ କାମ ସାରି ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। କଣ୍ଟାବାଞ୍ଜି ପୁଲିସ ଉପରେ ତାଙ୍କର ଆଉ ଭରସା ନ ଥିବା ସେ ଦର୍ଶାଇଛନ୍ତି। ତେବେ ଏନେଇ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି ଯେ, ଚୋରି ହୋଇଥିବା ୬୦ ଗ୍ରାମ ସୁନା ଓ ନଗତ ୨୫ ହଜାର ଟଙ୍କା ଜବତ ପରେ ପୁଲିସ ଫେରାଇଛି। ମାମଲାର ତଦନ୍ତ ଚାଲିଛି।

**କଣ୍ଟାବାଞ୍ଜି ପୁଲିସ ଉପରେ ଅଭିଯୋଗକାରୀଙ୍କ ଭରସା ନାହିଁ**

## ଆର୍‌ଏସ୍‌ପି ଦ୍ୱାରା ଅଗଷ୍ଟରେ ଶ୍ରେଷ୍ଠ ବୈଷୟିକ ଅର୍ଥନୈତିକ ପରିମାପକତା ହାସଲ

ରାଉରକେଲା, ୭।୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଗଷ୍ଟ ମାସରେ ବୈଷୟିକ ଅର୍ଥନୈତିକ ପରିମାପକତା କ୍ଷେତ୍ରରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହ ଉତ୍ପାଦକତା ଓ କାର୍ଯ୍ୟନିପୁଣତାରେ ଅନେକ ନୂତନ ବେଞ୍ଚମାର୍କ ସ୍ଥାପନ କରିଛି। ଆରଏସ୍‌ପି ଅଗଷ୍ଟ ମାସରେ ସର୍ବକାଳୀନ ଶ୍ରେଷ୍ଠ ଦୈନିକ ଘନମିଟର ପ୍ରତି ୨.୫୩୩ ଟନ ଉତ୍ତପ୍ତ ଧାତୁ ଉତ୍ପାଦକତା ହାର ହାସଲ କରିଛି ଏବଂ ୨୦୨୫ ଏପ୍ରିଲରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ଦୈନିକ ଘନମିଟର ପ୍ରତି ୨.୫୦୮ ଟନ ଉତ୍ତପ୍ତ ଧାତୁ ଟନ୍ ରେକର୍ଡକୁ ଅତିକ୍ରମ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଅଗଷ୍ଟ ମାସରେ ୨.୧୩୯ ର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦକତା ହାର ହାସଲ କରି ୨୦୨୪ ଡିସେମ୍ବର ମାସର ଏହାର ପୂର୍ବ ଶ୍ରେଷ୍ଠ ଉତ୍ପାଦକତା ହାର ୨.୧୧୩କୁ ଅତିକ୍ରମ କରିବାରେ ସଫଳ ହୋଇଥିଲା। ଆରଏସ୍‌ପି ମଧ୍ୟ ଉତ୍ତପ୍ତ ଧାତୁ ଟନ ପିଛା ସର୍ବକାଳୀନ ଶ୍ରେଷ୍ଠ ୩୭୬ କିଲୋଗ୍ରାମ କୋକ୍ ହାର ହାସଲ କରିଥିଲା ଏବଂ ୨୦୨୪ ଜୁନ ମାସର ଏହାର ପୂର୍ବ ରେକର୍ଡ ୩୬୨ କିଲୋଗ୍ରାମ କୋକ ହାରରେ ଉନ୍ନତି ଆଣିଥିଲା। କୋଇଲା ଓ ଉତ୍ତପ୍ତ ଧାତୁ ଅନୁପାତ ମଧ୍ୟ ୨୦୨୫ ଅଗଷ୍ଟ ମାସରେ ସର୍ବକାଳୀନ ଶ୍ରେଷ୍ଠ ୦.୮୬ ରହିଥିଲା ଏବଂ ୨୦୨୪ ସେପ୍ଟେମ୍ବର ମାସରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୦.୮୮୦ ରେ ଉନ୍ନତି ଆଣିଥିଲା।

## ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ



ରାଉରକେଲା, ୭।୯ (ସମିସ): ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ସେହିପରି ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଲାୟନ୍ସ କ୍ଲବ୍‌ର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର୍ ରାକେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସେବାବିରତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ଗୁରୁଙ୍କ ପ୍ରତି ଛାତ୍ରଛାତ୍ରୀଙ୍କ ସମର୍ପିତ ଶ୍ରଦ୍ଧାଭକ୍ତି ରହୁ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି କିରଣ ପ୍ରସାଦ ମେହେର, ସୁଶୀଲ କୁମାର ରାଉତ, ପ୍ରକାଶ ଚନ୍ଦ୍ର ଧଳ, ଉଦୟ ପ୍ରକାଶ ସିଂହ, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପାଢ଼ୀ, ଗିରୀଶ ଚନ୍ଦ୍ର ପଣ୍ଡା, ମଞ୍ଜୁବାଳା ତ୍ରିପାଠୀ, ସୁପ୍ରିୟା ମହାରଣା, ଶଶଧର ସାହୁ, ସୁବାସ ଚନ୍ଦ୍ର ସାହୁ, ସୀତା ନାଗ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲାୟନ୍ସ କ୍ଲବ୍ ବେଦବ୍ୟାସ ରାଉରକେଲା ଗ୍ରେଟର ତରଫରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଗୁରୁକୁଳ ବେଦବ୍ୟାସ ସଂସ୍କୃତ ବିଦ୍ୟାଳୟରେ ବିଶିଷ୍ଟ ଶିକ୍ଷାବିତ୍ ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ଶାସ୍ତ୍ରୀ, ନକୁଳ ଦେବ ଆର୍ଯ୍ୟ, ପି. ପରିତୋଷ ଦାସ, ଆଚାର୍ଯ୍ୟ ଡଃ. ଶିବ ପ୍ରସାଦ ପାଠି, ଅଭିଜିତ୍ ସାହୁ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିଲେ। ଛାତ୍ର ଆନନ୍ଦ ସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସଭା ଆରମ୍ଭରେ ବୈଦିକ ରୀତିରେ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା।

## ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ୫ ଶ୍ରେଣୀର ବୋଝ

ବୌଦ୍ଧ, ୭।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରତନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ। ଏଣୁ ଗୁଣାତ୍ମକ ଶିକ୍ଷାଦାନରୁ ଛାତ୍ରଛାତ୍ରୀ ବଞ୍ଚିତ। ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ଏହି ସ୍କୁଲ ଚାଲିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୮୫ ଛାତ୍ରଛାତ୍ରୀ ପଢୁଛନ୍ତି; ହେଲେ ଜଣେ ମାତ୍ର ଶିକ୍ଷୟିତ୍ରୀ ସମ୍ଭାଳିଛନ୍ତି। ଅଭିଭାବକ, ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଅଭିଯୋଗ ଆଣିଛନ୍ତି। ଶିକ୍ଷୟିତ୍ରୀ ଜଣକ ପାଞ୍ଚ ପାଞ୍ଚଟି ଶ୍ରେଣୀର ଏତେ ପିଲାଙ୍କୁ ସମ୍ଭାଳିବା କଷ୍ଟକର ହୋଇ ପଡୁଛି। ପାଠପଢ଼ା ସହ ତାଙ୍କ ଉପରେ ଅନ୍ୟାନ୍ୟ ସରକାରୀ ଓ ପ୍ରଶାସନିକ ବୋଝ ରହୁଛି। ଏଣୁ ସେ କେତେବେଳେ ପାଠ ପଢ଼ାଇବେ କେତେବେଳ ଅନ୍ୟାନ୍ୟ କାମ କରିବେ ତାକୁ ନେଇ ଚିନ୍ତାରେ ପଡୁଛନ୍ତି। ଅନ୍ୟପକ୍ଷେ ପ୍ରଥମ, ଦ୍ୱିତୀୟ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଗୋଟିଏ କୋଠରୀରେ ବସୁଛନ୍ତି। ଚତୁର୍ଥ, ପଞ୍ଚମ ଛାତ୍ରଛାତ୍ରୀ ଆଉ ଗୋଟିଏ କୋଠରୀରେ ବସାଇ ସେ ପର୍ଯ୍ୟାୟ କ୍ରମେ ଶିକ୍ଷାଦାନ ଦେଉଛନ୍ତି। ସେପ୍ଟେମ୍ବର ମାସ ସୁଦ୍ଧା ଯେତିକି ପିଲା ପାଠ ପଢ଼ିବା କଥା ତାହାର ବହୁ ପଛରେ ପଡ଼ିଛନ୍ତି। ତେବେ ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କୁ ଅଭିଯୋଗ ହୋଇଛି। ଶ୍ରୀ ବେହେରା ଏ ନେଇ ଅବଗତ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ଜଣାଇଛନ୍ତି। ସପ୍ତାହ ଭିତରେ ନୂତନ ଶିକ୍ଷକ ନିଯୁକ୍ତି ହେବେ। ଶିକ୍ଷାନୀତିକୁ କଡାକଡି ପାଳନ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।



## ପାଣିପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, ୭।୯ (ସମିସ): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ଚାଷୀଙ୍କ ପାଇଁ ଖୁସି ଖବର। ମୁଖ୍ୟତଃ ଦେଓଗାଁ ବ୍ଲକର ଅର୍ଜୁନପୁର, ଗୌରଗୋଠ ଓ କୁଲତାପଡ଼ା ପଞ୍ଚାୟତର ଚାଷୀ ଯେଉଁମାନେ ମେଗା ଉଠାଜଳସେଚନରୁ ବାଦ ପଡ଼ିଥିଲେ ସେମାନଙ୍କ ପାଇଁ ଉଠାଜଳସେଚନ ବିଭାଗ ନୂଆ ପଏଣ୍ଟଗୁଡିକ ଅନୁମୋଦନ କରାଯାଇଛି। ଏହାଫଳରେ ଏହି ଅଞ୍ଚଳରେ ଆଉ ୭ଟି ନୂଆ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିରେ ପ୍ରାୟ ୬୦୦ ଏକର ଜମିକୁ ଜଳସେଚନ କରାଯାଇପାରିବ। ତେଲନଦୀରେ ଏହି ଉଠାଜଳସେଚନ ପଏଣ୍ଟ ବସିବ। ସେଠାରୁ ଜଳସେଚନ କରାଯିବ। ମେଗା ଉଠାଜଳସେଚନ ପଏଣ୍ଟ କେବଳ ଖରିଫ ଧାନଚାଷ ପାଇଁ ସହାୟକ ହୋଇଥାଏ। ଏଣିକି ଉଠାଜଳସେଚନ ବିଭାଗର ପଏଣ୍ଟରେ ରବିଋତୁରେ ମଧ୍ୟ ଜଳସେଚିତ କରାଯାଇ ପାରିବ। ଦେଓଗାଁ ବ୍ଲକର ବ୍ରାହ୍ମଣୀପଲା ଓ ଗୌରଗୋଠରେ ଆୟୋଜିତ ପାଣି ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ବଲାଙ୍ଗୀର ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ସଚିଦାନନ୍ଦ ଦଲେଇ ଏହି ସୂଚନା ଦେଇଛନ୍ତି। ବଲାଙ୍ଗୀର ଜିଲ୍ଲାକୁ ଆଉ ୩୯ଟି ଉଠାଜଳସେଚନ ପଏଣ୍ଟ ମଞ୍ଜୁର କରାଯାଇଛି। ସେଥିରୁ କେବଳ ଦେଓଗାଁ ବ୍ଲକରେ ୧୪ଟି ପଏଣ୍ଟ ରହିଛି। ଏହାଫଳରେ ଚାଷୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ମେଗା ଉଠାଜଳସେଚନ ଜରିଆରେ କେବଳ ଖରିଫ ଋତୁରେ ଚାଷୀଙ୍କୁ ପାଣି ମିଳୁଛି। ଉଠାଜଳସେଚନ ପଏଣ୍ଟ ଜରିଆରେ ରବିଋତୁରେ ମଧ୍ୟ ଚାଷୀ ପାଣି ପାଇ ଧାନଚାଷ କରିପାରିବେ। ଏସଏଲଏସି ବୈଠକରେ ଏହି ପ୍ରକଳ୍ପଗୁଡିକ ଅନୁମୋଦନ ଲାଭ କରଛି। ଡିସେମ୍ବର ସୁଦ୍ଧା ଏହାର କାମ ଆରମ୍ଭ କରାଯିବ। ତେବେ ଏହାକୁ ସୁଚାରୁ ରୂପେ ପରିଚାଳିତ କରିବାକୁ ଚାଷୀ କିଭଳି ପାଣି ପଞ୍ଚାୟତ ଗଠନ କରିବେ ସେନେଇ ନିର୍ବାହୀ ଯନ୍ତ୍ରୀ ଚାଷୀଙ୍କୁ କହିଥିଲେ। ବ୍ରାହ୍ମଣୀପଲାଠାରେ ତେଲନଦୀରେ ବ୍ୟାରେଜ ହେଲେ ମେଗା ଲିଫ୍ଟ ପଏଣ୍ଟ, ମେଗା ପାନୀୟଜଳ ଜଳପ୍ରକଳ୍ପ ଓ ଉଠାଜଳସେଚନ ପଏଣ୍ଟଗୁଡିକ ଠିକରେ ଜଳ ଉତ୍ସ ପାଇବ। ତେଣୁ ଆଗାମୀ ଦିନରେ ତେଲନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ଦାବି ଯୋରଦାର କରାଯିବ ବୋଲି ଲକ୍ଷ୍ମଣ ମେହେର କହିଥିଲେ। ବ୍ରାହ୍ମଣୀପଲା ଶିବମନ୍ଦିର ଓ ଗୌରଗୋଠର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ଦେଓଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ. ସଚିଦାନନ୍ଦ ଦଲେଇ, ଏସଡିଓ ଇଂ. ଅପର୍ଣ୍ଣା ମିଶ୍ର, ଇଲେକ୍ଟ୍ରିକାଲ ଏସଡିଓ ଇଂ. ଘନଶ୍ୟାମ ସାହୁ, ସିଭିଲ ଜେଇ ଇଂ, ସନ୍ଦୀପ ମିଶ୍ର, ଜେଇ (ଇଲେକ୍ଟ୍ରିକାଲ) ଇଂ. ଯୁଧିଷ୍ଠିର ଭୁଏ ଓ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବ୍ରାହ୍ମଣୀପଲା ବୈଠକରେ ରୂପାଧର ପୁଟା ସଂଯୋଜନା କରିଥିଲେ। ବୈଠକରେ ରତାଖଣ୍ଡି, ସିଙ୍ଘାଟିମାଳ, କେନ୍ଦୁଘାଟ, ବ୍ରାହ୍ମଣୀପଲା ଗ୍ରାମର ସଞ୍ଜୀବ ସାହୁ, ଉଦ୍ଧବ ପଧାନ, ଭୋଜରାଜ ରଣା, ଗୋପୀନାଥ ନାଗ, ଭୂଷଣ ମହାନନ୍ଦ, ସଞ୍ଜୟ ଛତ୍ରିଆ, ଅଜିତ ରଣା, ଅନନ୍ତ ବାରିକ, ଲାଲସାହେବ ନାଏକ, ଟଙ୍କଧର ରଣା, ବୃନ୍ଦାବନ ନାଏକ ପ୍ରମୁଖ ଚାଷୀ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗୌରଗୋଠ ବୈଠକରେ ପୂର୍ବତନ ସରପଞ୍ଚ ଅଶୋକ ରଣା, ମୁଜାଫର ରଣା, ତ୍ରିଲୋଚନ ନନ୍ଦ, ବେଦବ୍ୟାସ ଭୋଇ, ପିତାମ୍ବର ପଧାନ, ସୁରେନ୍ଦ୍ର ଷାଣ୍ଢ, ରାଧେଶ୍ୟାମ ରଣା, ପିଙ୍କୁ ଭୋଇ ପ୍ରମୁଖଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ନୂତନ କରି ହେବାକୁ ଥିବା ସିଙ୍ଘାମୁଣ୍ଡା, ଖଇରମାଳ, ମୁଡପଲା, ବ୍ରାହ୍ମଣୀପଲା, ଘୁଡକାପଲା ଇତ୍ୟାଦି ଗ୍ରାମର କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରାଯାଇଥିଲା।



## ଅନ୍ତେବାସୀଙ୍କୁ ଫଳ ଓ ମିଠା ବଣ୍ଟନ

ରାଉରକେଲା, ୭।୯ (ସମିସ): ମହମ୍ମଦ ଜୟନ୍ତୀ ଉପଲକ୍ଷେ ସୁନ୍ଦରଗଡ଼ ଖୱଜା ଗରିବ ନମାଜ କମିଟି ପକ୍ଷରୁ ସରକାରୀ ହସ୍ପିଟାଲର ରୋଗୀ ଓ ଆଦୃତ ଚିଲଡ୍ରେନ ହୋମ ଅନ୍ତେବାସୀମାନଙ୍କ ମଧ୍ୟରେ ଫଳ ଓ ମିଠା ବଣ୍ଟନ କରାଯାଇଛି। ସୁନ୍ଦରଗଡ଼ ସଦର ମସଜିଦ ପୂର୍ବତନ ସଭାପତି ଏମଡି କଲିମଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଣୁ ତଣ୍ଡିଆ, ଏମଡି ଜାମଦ, ଏମ୍‌ଡି ସହିଦ, ଏମ୍‌ଡି ଇରସାଦ, ଏମ୍‌ଡି ଅସଲମ୍, ଏମ୍‌ଡି ଛୋଟକା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ରାଉରକେଲା, ୭।୯ (ସମିସ): ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ବ୍ଲକଖସ୍ତରୀୟ ପ୍ରଶିକ୍ଷକଙ୍କ ନିମନ୍ତେ ବଡ଼ଗାଁ ବ୍ଲକ ଦେଓକରଣପୁର ଉଚ୍ଚ ବିଦ୍ୟାଳୟ ଠାରେ ଚାଲିଥିବା ତିନି ଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାର ୭ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣ ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ କଲ୍ୟାଣ ଆଦି ବିଭାଗରୁ ୧୨୦ ଜଣ ଅଧିକାରୀ, କର୍ମଚାରୀ ଆଦି କର୍ମଯୋଗୀ ମାନେ ସକ୍ରିୟ ଯୋଗଦାନ କରିଥିଲେ ଏବଂ ଗ୍ରାମଗୁଡ଼ିକର ବିକାଶ ପାଇଁ ନିଜର ମତାମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ପିଏ, ଆଇଟିଡିଏ, ସୁନ୍ଦରଗଡ଼ ଧୀରେନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଦାନନ୍ଦ ପଧାନ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦମୟନ୍ତୀ ନାୟକ, ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ୯ ଜଣଙ୍କୁ ସ୍ୱର୍ଣ୍ଣପଦକ



ରାଉରକେଲା, ୭।୯ (ସମିସ): ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ର ୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରଜେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ମୋଟ ୧୯୪୮ ଜଣଙ୍କୁ ଡ଼ିଗ୍ରୀ ଉପାଧି ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୪୭୧ ଜଣ ଝିଅ ରହିଥିଲେ। ଯାହାକି ମୋଟ ଡିଗ୍ରୀ ଛାତ୍ରଛାତ୍ରୀଙ୍କର ୨୪. ୧୭ ପ୍ରତିଶତ। ଏତଦବ୍ୟତୀତ ସେମାନଙ୍କ ମଧ୍ୟରେ ୯ ଜଣଙ୍କୁ ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ, ୭ ଜଣଙ୍କୁ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ, ୯ ଜଣଙ୍କୁ ଏଣ୍ଡୋମେଣ୍ଟ ପଦକ ଓ ୫୮ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଶ୍ରେଷ୍ଠ ବି-ଟେକ୍ ଭାବେ ଆଶିଷ ପାଢ଼ୀ, ଶ୍ରେଷ୍ଠ ଏମ୍-ଟେକ୍ ଛାତ୍ର ଭାବେ ଶିଭମ୍ କୁମାର ସିଂହ, ଶ୍ରେଷ୍ଠ ଏମ୍‌ବିଏ ଅଶିମା ପଣ୍ଡା, ଶ୍ରେଷ୍ଠ ଇଣ୍ଟିଗ୍ରେଟେଡ ଏମଏସସି ଇଶାନ୍ ଟକ୍କର, ଶ୍ରେଷ୍ଠ ପୋଷ୍ଟ ଗ୍ରାଜୁଏଟ ଶ୍ରିଷ୍ଟି ସାମର୍ଥ ଦାସ, ଶ୍ରେଷ୍ଠ ଡୁଆଲ ଡିଗ୍ରୀ ବି. ଟେକ୍ ଓ ଏମ୍. ଟେକ୍ ସଂସ୍କର ଶୋଭେନ୍, ଶ୍ରେଷ୍ଠ ପୋଷ୍ଟ ଗ୍ରାଜୁଏଟ ଏମ୍. ଟେକ୍ ଓ ଡୁଆଲ ଡିଗ୍ରୀ ଆଶିଷ ସାହୁ, ଶ୍ରେଷ୍ଠ ବିଟେକ୍ ଓ ବି. ଆର୍କ ସହସ୍ରାବ୍ଦ ସାଇ ପ୍ରଧାନ ଏବଂ ଶ୍ରେଷ୍ଠ ବିଆର୍କ ଭାବେ ତିଲକ ନିରଞ୍ଜନ ଇ ଙ୍କୁ ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମରଣଯନ୍ତା ପାଲଟିଛି ସେତୁ ସଂଯୋଗୀକରଣ ରାସ୍ତା



ଶଗଡ଼ା, ୭।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଗବଜୋର- ବୈଦ୍ୟନାଥ ତେଲନଦୀ ଉପରେ ୩ ବର୍ଷ ହେବ ନୂତନ ବିଜୁ ସେତୁ ନିର୍ମାଣ ହୋଇଛି; କିନ୍ତୁ ତାକୁ ସଂଯୋଗ କରୁଥିବା ଦୁଇ ପଟ ରାସ୍ତା ମରଣଯନ୍ତା ପାଲଟିଛି।

୨୦୧୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗବଜୋର-ବୈଦ୍ୟନାଥ ତେଲନଦୀ ଉପରେ ଏକ ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୨ ଜୁନ ମାସ ୩୦ ତାରିଖରେ ସମ୍ପୂର୍ଣ୍ଣ ହୋଇଛି। ଏବେ ଏହି ସେତୁର ଉଭୟ ପାର୍ଶ୍ୱରେ ଥିବା ସଂଯୋଗୀକରଣ ରାସ୍ତା ଖାଲଖମା ହୋଇ ଦବି ଗଲାଣି। ଏଣୁ ଦୁର୍ଘଟଣା ଘଟୁଛି। ଏହି ସେତୁ ନିର୍ମାଣ ହେବା ଦିନଠାରୁ ଏହି ରାସ୍ତାଟି ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲା ଗୁଡ଼ିକୁ ସଂଯୋଗ କରିବା ପାଇଁ ଅତି କମ୍ ରାସ୍ତା ପଡୁଛି। ଏଣୁ ଯାତ୍ରୀମାନେ ଏହି ରାସ୍ତାରେ ଯିବା ଆସିବା ପାଇଁ ବେଶ୍ ମନେ କରୁଛନ୍ତି। ରାସ୍ତା ନିର୍ମାଣ ହେଲା ଦିନଠାରୁ ୫ବର୍ଷ ପର୍ଯ୍ୟନ୍ତ ମରାମତି ଦାୟିତ୍ୱ ସେହି ଠିକାଦାର ହିଁ କରିବ ବୋଲି ସରକାରୀ ନିୟମ ରହିଛି; ହେଲେ ତାହା ପାଳନ କରାଯାଉନି। ଏହି ରାସ୍ତା ନିର୍ମାଣ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ଏସ୍‌ଡବ୍ଲ୍ୟୁଏଫ୍‌ଆଇର ସର୍ବଭାରତୀୟ ସମ୍ମିଳନୀ

# 'କେନ୍ଦ୍ରର ଶ୍ରମିକ ବିରୋଧୀ ନୀତିକୁ ଆନ୍ଦୋଳନ ହିଁ ପ୍ରତିହତ କରିପାରିବ'

ରାଉରକେଲା, ୭।୯ (ସମିସ)



ଷ୍ଟିଲ୍ ୱାର୍କର୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଡବ୍ଲ୍ୟୁଏଫ୍‌ଆଇ) ର ୧୦ମ ସର୍ବଭାରତୀୟ ଦୁଇ ଦିନିଆ ସମ୍ମିଳନୀ ଶନିବାର ସେକ୍ଟର -୫ ସ୍ଥିତ ଭଞ୍ଜ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଫେଡେରେସନର ସଭାପତି ତଥା ସିଆଇଟିୟୁ ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ତପନ ସେନ୍ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ଦେଶ ତମାମର ବିଭିନ୍ନ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ଓ ଖଣିରୁ ଆସିଥିବା ଶ୍ରମିକ ନେତୃତ୍ୱ ପ୍ରତିନିଧିମାନଙ୍କୁ ଉଦବୋଧନ ଦେଇ କେନ୍ଦ୍ର ସରକାର ଯେଉଁ ଶ୍ରମିକ ବିରୋଧୀ ଓ ଦେଶ ବିରୋଧୀ କାର୍ଯ୍ୟକ୍ରମ କରୁଛନ୍ତି ତାକୁ କେବଳ ଶ୍ରମିକ ଶ୍ରେଣୀର ଦୁର୍ବାର ଆନ୍ଦୋଳନ ହିଁ ପ୍ରତିହତ କରିପାରିବ ବୋଲି କହିଥିଲେ। ଫେଡେରେସନର ଉପସଭାପତି ବିଷ୍ଣୁ ମହାନ୍ତି ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଫେଡେରେସନର ସାଧାରଣ ସମ୍ପାଦକ ଲଳିତ ମିଶ୍ର ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଉପରେ ଦେଶର ବିଭିନ୍ନ ରାଷ୍ଟ୍ରାୟତ ଇସ୍ପାତ କାରଖାନା ଓ ଖଣିରୁ ଆସିଥିବା ସ୍ଥାୟୀ, ଠିକା ଶ୍ରମିକମାନଙ୍କ ନେତୃତ୍ୱ ସାଥୀମାନେ ଦୁଇ ଦିନ ଧରି ଆଲୋଚନା କରିବା ସହିତ ଦେଶର ଇସ୍ପାତ ଶ୍ରମିକମାନଙ୍କ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ମିଳନୀ କାର୍ଯ୍ୟପନ୍ଥା ସ୍ଥିର କରିବ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିମାନ ମାଇତି, ଅଯୋଧ୍ୟା ରାମ, ସମ୍ପାଦକ ବସନ୍ତ ନାୟକ, ବିଶ୍ୱରୂପ ବାନାର୍ଜୀ, ବିଡି ପ୍ରସାଦ, ପି. ପନିରସେଲଭମ, ଏସ୍‌ପି ଦେ, ଗୁରୁ ପ୍ରସାଦ ବାନାର୍ଜୀ, ପ୍ରଦ୍ୟୁତ ମୁଖାର୍ଜୀ, ସୁରେଶ କୁମାର, ପ୍ରସନଜିତ ମଣ୍ଡଳ ପ୍ରମୁଖ ସର୍ବଭାରତୀୟ ନେତୃତ୍ୱ ସମେତ ପ୍ରାୟ ୩ ଶହରୁ ଉହରୁ ପ୍ରତିନିଧି ସାମିଲ ହୋଇଛନ୍ତି। ଅପରାହ୍ନରେ ସମ୍ମିଳନୀର ସମସ୍ତ ପ୍ରତିନିଧି ମାନେ ଆମ୍ବାଗାନ ଛକ ଠାରେ ଏକତ୍ରିତ ହୋଇ ସେଲ୍‌ଫ କର୍ତ୍ତୃପକ୍ଷ ତୁରନ୍ତ ଏନଜେସିଏସ ଡାକି ଶ୍ରମିକମାନଙ୍କ ମଜୁରୀ ଚୁକ୍ତିନାମା କରିବା ସହ ୩୯ ମାସର ଏରିଅର ପ୍ରଦାନ କରିବାକୁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଲ୍‌ଫ କର୍ତ୍ତୃପକ୍ଷ ଏଦିଗରେ ଆଗାମୀ ଦିନରେ ପଦକ୍ଷେପ ନ ନେଲେ ଏ ସମ୍ମିଳନୀ ଏକ ଦୁର୍ବାର ଶ୍ରମିକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବ ବୋଲି ଚେତାଇଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।


**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୬: ମହାରାଷ୍ଟ୍ରର ମାଲେଗାଁଓରେ ହୋଇଥିବା ବିସ୍ଫୋରଣରେ ୪୫ମୃତ, ୧୨୫ରୁ ଅଧିକ ଆହତ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ



ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ଯେଉଁ ଦେଶର ସାକ୍ଷରତା ହାର ଯେତେ ଅଧିକ ତାହା ସେତେ ବିକଶିତ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି। କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର କିଭଳି ଆବଶ୍ୟକତା ରହିଛି ସେସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୁଏ। ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକ ସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନଥିଲା। ଇରାନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ରାଷ୍ଟ୍ରର ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୬ ଅକ୍ଟୋବର ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ବିଶ୍ୱରୁ ନିରକ୍ଷରତା ଦୂର କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ରାଷ୍ଟ୍ର ବା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ଆମ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ।



## ଇଟାଲୀରେ ‘ଲଭ୍ ଆଣ୍ଡ ୱାର୍’ର କ୍ଲାଇମାକ୍ସ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ ‘ଲଭ ଆଣ୍ଡ ୱାର୍’ର ରିଲିଜ୍‌କୁ ଦର୍ଶକେ ଏବେ ଚାହିଁ ବସିଛନ୍ତି। ଏଥିରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ଗତବର୍ଷ ନଭେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି। ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ମଧ୍ୟ ଅନେକ ସମୟରେ ଭାଇରାଲ ହେଉଛି। ଇତିମଧ୍ୟରେ ୧୨୫ ଦିନର ସୁଟିଂ ସରି ଯାଇଛି। ମୁମ୍ବାଇରେ ଏକ ବିଶାଳ ସେଟ୍‌ରେ ଏବେ ଏହାର ସୁଟିଂ ଚାଲିଛି। ଅକ୍ଟୋବର ଅଧାଅଧି ପର୍ଯ୍ୟନ୍ତ ଏଠାରେ ସୁଟିଂ ଚାଲିବ। ଏହାପରେ ସଞ୍ଜୟ ସୁଟିଂ ପାଇଁ ଇଟାଲୀ ଯିବେ। ଫିଲ୍ମର କ୍ଲାଇମାକ୍ସ ସିନ୍‌ର ସୁଟିଂ ସେ ସିସ୍‌ଲିରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ କ୍ଲାଇମାକ୍ସ ସିନ୍‌ରେ ଫିଲ୍ମକୁ ପୂରାପୂରି ଏକ ନୂଆ ମୋଡ଼ ଦେବା ପାଇଁ ସେ ଯୋଜନା କରିଥିବା ଜଣାପଡ଼ିଛି। ଏହି ସମୟରେ ସେ ରଣବୀର, ଭିକି ଓ ଆଲିଆଙ୍କୁ ନେଇ ଏଠାରେ ଗୋଟିଏ ଗୀତର ମଧ୍ୟ ସୁଟିଂ କରିବେ। ପାଖାପାଖି ମାସେ ଧରି ସଞ୍ଜୟ ଏଠାରେ ରହିବେ। ଆସନ୍ତା ଡିସେମ୍ବର କିମ୍ବା ଜାନୁୟାରୀ ସୁଦ୍ଧା ସେ ଏହାର ସୁଟିଂ ସାରିବା ଯୋଜନା କରିଛନ୍ତି। ସଞ୍ଜୟ ଫିଲ୍ମର ସୁଟିଂ ସହ ଏଡିଟିଂ କାମ ମଧ୍ୟ କରୁଛନ୍ତି। ଏହା ମାର୍ଚ୍ଚ ୨୦, ୨୦୨୬ରେ ରିଲିଜ୍ ହେବ।

## କାନ୍ଦିବା ପାଇଁ ଲୋକେ ଗଣୁଛନ୍ତି ଟଙ୍କା



ସାରା ଦୁନିଆରେ ବିଭିନ୍ନ ପ୍ରକାର କ୍ଲବ୍ ଥିବାବେଳେ ସେଥିରୁ ଅନ୍ୟତମ କ୍ରାଏ କ୍ଲବ୍। ମୁମ୍ବାଇର ବିଭିନ୍ନ ସ୍ଥାନରେ ଏବେ ଏହା ଖୋଲାଯାଇଛି। ଫଳରେ ଲୋକେ ଏଠାରେ ମନ ଖୋଲି କାନ୍ଦିବାର ସୁଯୋଗ ପାଇପାରୁଛନ୍ତି। ଏଠାକୁ ଲୋକେ ଆସି କାନ୍ଦି ନିଜର ମନ ହାଲୁକା କରିପାରୁଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଜଣେ କାନ୍ଦିବା ପରେ ମନରେ ଚାପି ହୋଇ ରହିଥିବା ଦୁଃଖ ଲାଘବ ହୋଇଥାଏ। ମୁମ୍ବାଇର କ୍ରାଏ କ୍ଲବ୍ ଏହି ବିଚାରଧାରା ଉପରେ ପର୍ଯ୍ୟବେସିତ। ସେହିପରି ଏହି କ୍ଲବ୍‌ରେ ଲୋକେ ଏକ ନିର୍ଦ୍ଦିଷ୍ଟ ମାତ୍ରାର ଫି’ ଦେଇ କାନ୍ଦିବା ସେସନ୍‌ରେ ସାମିଲ ହୁଅନ୍ତି। କାନ୍ଦିବା ଦୁର୍ବଳତାକୁ ଦର୍ଶାଏ ନାହିଁ, ବରଂ ମଣିଷର ମାନସିକସ୍ଥିତିକୁ ଠିକ୍ ରଖିବା ନିମନ୍ତେ ଏହା ଏକ ନିବେଶ। ଯେମିତି ଲୋକେ ଜିମ୍‌ରେ ଝାଳ ବୁହାଇ ଶରୀରର ବିଷାକ୍ତ ତତ୍ତ୍ୱଗୁଡ଼ିକୁ ବାହାର କରିଥାନ୍ତି ସେହିପରି ଲୁହ ଜରିଆରେ ମଣିଷର ଭାବନାତ୍ମକ ବୋଝ ହାଲୁକା ହୁଏ ବୋଲି ଏହି କ୍ଲବ୍ ପକ୍ଷରୁ କୁହାଯାଇଛି। ଭାରତ ପାଇଁ ଯଦିଓ ଏହି ପରିକଳ୍ପନା ନୂଆ, ହେଲେ ଏହାର ଆରମ୍ଭ ଜାପାନରୁ ହୋଇଥିଲା। ୨୦୧୩ ମସିହାରେ ହିଦେଫୁମି ୟୋଶିଦା ଏବଂ ହିରୋକି ତେରାଇ ଏହାକୁ ପ୍ରଥମେ ଆରମ୍ଭ କରିଥିଲେ। ସେମାନଙ୍କର କହିବାନୁସାରେ, ଅନେକ ଲୋକ ଅବସାଦ, ଏକାକୀତ୍ୱ ଦେଇ ଗତି କରୁଛନ୍ତି। ଯଦି ସେମାନଙ୍କୁ ଏକ ସେଭଳି ମାହୋଲ ଦିଆଯାଏ, ସେମାନେ ଅପରିଚିତ ଲୋକଙ୍କ ଗହଣରେ ମନଖୋଲି କାନ୍ଦିପାରିବେ। ଏହାଦ୍ୱାରା ସେମାନଙ୍କର ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ମନରେ ବୋଝ ନେଇ ବଞ୍ଚିବେ ନାହିଁ। ଏବେ ଏହି ଟ୍ରେଣ୍ଡ ଟୋକିଓରେ ସୀମିତ ନ ରହି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇରେ ପହଞ୍ଚିଲାଣି। ଆମ ସମାଜରେ କାନ୍ଦିବାକୁ ମଣିଷର ଦୁର୍ବଳତା ଭାବେ ଦେଖାଯାଏ। ସେହିଭଳି ଲୋକେ ଅଜଣା ଲୋକଙ୍କ ସମ୍ମୁଖରେ କାନ୍ଦିବାକୁ ପସନ୍ଦ କରନ୍ତି। କାରଣ ଅଜଣା ଲୋକ ସମ୍ମୁଖରେ କାନ୍ଦିବା ଦ୍ୱାରା ମାନ ସମ୍ମାନ ହ୍ରାସ ହେବା ଆଶଙ୍କା ନ ଥାଏ। ୨୦୧୯ ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା, ଯେଉଁମାନେ ଭାବପ୍ରବଣ ହୋଇ କାନ୍ଦନ୍ତି, ସେମାନଙ୍କର ମାନସିକ ସ୍ଥିତି ଠିକ୍ ରହିଥାଏ।

## ଦ୍ୱିତୀବାହନ ଓଷା

ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ ‘ମୂଳାଷ୍ଟମୀ’ କୁହାଯାଏ। ଏହିଦିନ ‘ଦ୍ୱିତୀବାହନ’ ଓଷା ପାଳନ କରାଯାଏ। ତେବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା ‘ଦୁତିଆ ଓଷା’, ‘ପୁଅ ଜିଉଁତିଆ ଓଷା’, ‘ଦୂତିବାମନ ଓଷା’ ଆଦି ନାମରେ ମଧ୍ୟ ଜଣା। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା ‘ପୁଅ ଜିଉଁତିଆ’ ନାମରେ ମୁଖ୍ୟ ଓଷା ଭାବେ ପାଳନ କରାଯାଏ। ଏଥିରେ ଦ୍ୱିତୀବାହନଙ୍କୁ ପୂଜା କରାଯାଏ। ପୁତ୍ରଲାଭ ଓ ସନ୍ତାନଙ୍କ ମଙ୍ଗଳ କାମନା ପାଇଁ ମହିଳାମାନେ ଏହି ଓଷା କରିଥାନ୍ତି। ଦ୍ୱିତୀବାହନଙ୍କୁ ପୂଜା କଲେ ଅପୁତ୍ରିକ ପୁତ୍ରଲାଭ କରୁଥିବା ବିଶ୍ୱାସ ଅଛି। ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟଦେବ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମଦିନରେ ଏହି ଓଷା ପାଳନ କରାଯାଏ। ଏହିଦିନ ମହିଳାମାନେ ଉପବାସରେ ରହନ୍ତି। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରି ପ୍ରସ୍ତୁତ କରାଯାଏ। ଏହାକୁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯିବାର ପ୍ରଥା ଅଛି। ଚଳିତବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡୁଛି।



## ସ୍ୱସ୍ତି

## ପିତୃପକ୍ଷରେ ଦାନର ମହତ୍ତ୍ୱ

**ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ ‘ପିତୃପକ୍ଷ’ ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।**



- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

## ରାଶି ଅନୁସାରେ କେଶ ବିନ୍ୟାସ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମହିଳାମାନେ ରାଶି ଅନୁସାରେ କେଶ ବିନ୍ୟାସ କରିବା ଦ୍ୱାରା ଏହା କେବଳ ଭାଗ୍ୟରେ ଉନ୍ନତି ଆଣି ନ ଥାଏ। ଏଥିରୁ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ। ତେବେ କେଉଁ ରାଶି କେଉଁ ପ୍ରକାର ହେୟାର ଷ୍ଟାଇଲ ଆପଣାଇବା ଦରକାର, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶିର ମହିଳା ସ୍ୱଭାବରେ ଉତ୍ସାହୀ ହୋଇଥାନ୍ତି। ଷ୍ଟେପ୍-କଟ୍ ହେୟାର୍ ଷ୍ଟାଇଲ୍ ସେମାନଙ୍କ ଲାଗି ଉତ୍ତମ। ଏହା ଶକ୍ତି ବଜାୟ ରଖେ।

**ବୃଷ:** ଏହି ରାଶିର ମହିଳା ପରିଶ୍ରମୀ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରାଶିଧାରୀ ମହିଳାଙ୍କ ପାଇଁ ବବ୍-କଟ୍ ହେୟାର ଷ୍ଟାଇଲ ଉତ୍ତମ।

**ମିଥୁନ:** ମିଥୁନ ରାଶି ମହିଳାମାନେ ବୁଦ୍ଧିମାନ ହୋଇଥାନ୍ତି। ସେମାନେ ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚାହାନ୍ତି। ତେବେ ଏହି ରାଶି ମହିଳାଙ୍କୁ ନିଜ ପସନ୍ଦର ଯେକୌଣସି ହେୟାର୍-ଷ୍ଟାଇଲ ଭଲ ମାନିଥାଏ।

**କର୍କଟ:** ଏହି ରାଶିର ମହିଳା ଭାବୁକ ଏବଂ ନମ୍ର ହୋଇଥାନ୍ତି। ସ୍ୱଭାବରେ ଚୁଲବୁଲି ହୋଇଥାନ୍ତି। ୟୁସେପ୍ କଟ୍ ଏଭଳି ମହିଳାଙ୍କୁ ଭଲ ଲାଗେ।

**ସିଂହ:** ଏହି ରାଶିର ମହିଳା ଶକ୍ତିବାନ, ପରିଶ୍ରମୀ ଓ କ୍ରୋଧୀ ହୋଇଥାନ୍ତି। ଚ୍ୟାଲେଞ୍ଜ ଯୁକ୍ତ କାମ କରିବାକୁ ସେମାନେ ଭଲପାଆନ୍ତି। ତେବେ ସେମାନଙ୍କୁ ଲେୟାର୍ କଟ୍ ହେୟାର୍ ଷ୍ଟାଇଲ ଭଲ ଲାଗେ।

**କନ୍ୟା:** ପ୍ରତ୍ୟେକ କାମରେ କନ୍ୟା ରାଶି ମହିଳାଙ୍କୁ ପରଫେକସନ ପସନ୍ଦ। ଆତ୍ମବିଶ୍ୱାସର ଅଭାବ ଏହି ରାଶି ମହିଳାଙ୍କଠାରେ ନ ଥାଏ। ସେମାନଙ୍କୁ ସର୍ଟ ହେୟାର ଷ୍ଟାଇଲ ଭଲ ଲାଗେ।

**ତୁଳା:** ବୁଝିବିଚାରି କାମ ତୁଳା ରାଶିର ମହିଳାମାନେ କରନ୍ତି। ମୁଖ୍ୟତଃ ସେମାନେ ଠିକ୍ ନିଷ୍ପତ୍ତି ନେଇଥାନ୍ତି। କର୍ଲି ହେୟାର୍ ଷ୍ଟାଇଲ କରିବା ଭଲ।

**ବିଛା:** ଏହି ରାଶି ମହିଳାଙ୍କୁ ଲମ୍ବା କେଶ ରଖିବା ଉଚିତ। କର୍ଲି ଷ୍ଟାଇଲ ବିନ୍ୟାସ ଉପରେ ଗୁରୁତ୍ୱ ଦେଲେ ସୁନ୍ଦର ଲାଗିବେ।

**ଧନୁ:** ଏଭଳି ମହିଳା ସ୍ୱଭାବରେ ଭାବୁକ ହୋଇଥନ୍ତି। ଷ୍ଟ୍ରେଟ୍ ହେୟାର୍ ଷ୍ଟାଇଲ ଏଭଳି ମହିଳାଙ୍କ ଲାଗି ଉତ୍ତମ।

**ମକର:** ନିଜ ନିୟମରେ ଜୀବନ ଜିଇଁବାକୁ ମକର ରାଶି ମହିଳାମାନେ ପସନ୍ଦ କରନ୍ତି। ଲମ୍ବା କେଶ ରଖିବାରେ ସେମାନେ ଅଧିକ ଆକର୍ଷଣୀୟ ଲାଗନ୍ତି।

**କୁମ୍ଭ:** ଏହି ରାଶି ମହିଳା ସ୍ୱଷ୍ଟବାଦୀ ହୋଇଥାନ୍ତି। ଠିକ୍ ନିର୍ଣ୍ଣୟ ନିଅନ୍ତି। କେଶ ବାନ୍ଧି ରଖିବା ଏହି ରାଶି ମହିଳାଙ୍କ ଲାଗି ଉତ୍ତମ। ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଲାଗେ।

**ମୀନ:** ମୀନ ରାଶି ମହିଳା ମଲଟିଟାସ୍କିଂ ହୋଇଥାନ୍ତି। ତା’ସହ ପରିଶ୍ରମୀ ମଧ୍ୟ। ସେମାନଙ୍କୁ ପିରାମିଡ ହେୟାର୍ ଷ୍ଟାଇଲ ଭଲ ମାନେ।



## ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖୁଥିଲେ...

**ରୋଷେଇ ଘରେ ଅନେକ ଲୋକ ଡଷ୍ଟବିନ୍ ରଖିଥାନ୍ତି। ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିବା ଘର ଉପରେ କିଭଳି ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିଲେ ନକାରାତ୍ମକତା ପୂରା ପରିବେଶରେ ବ୍ୟାପିଥାଏ। ଆବର୍ଜନାର ଗନ୍ଧ ଚାରିଆଡ଼େ ବ୍ୟାପିବା ଦ୍ୱାରା ପରିବାର ସଦସ୍ୟଙ୍କ ମନୋଦଶା ଉପରେ ଏହା ପ୍ରଭାବ ପକାଏ।
- ରୋଷେଇ ଘରେ ଡଷ୍ଟବିନ୍‌କୁ ଖୋଲା ରଖିବା ଦ୍ୱାରା ଖାଦ୍ୟ ଶୀଘ୍ର ଦୂଷିତ ହୋଇଥାଏ। ଏହା ଦ୍ୱାରା ଫୁଡ୍ ପଏଜନିଂ, ଆଲର୍ଜି ଏବଂ ପେଟ ଜନିତ ସମସ୍ୟା ଦେଖା ଦିଏ। ପରିବାରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ଡଷ୍ଟବିନ୍‌କୁ ସବୁବେଳେ ବନ୍ଦ ରଖିବା ଭଲ।
- କଥାରେ ଅଛି, ଘରେ ଦୁର୍ଗନ୍ଧ ଓ ଅପରିଷ୍କାର ରହିଲେ ଲକ୍ଷ୍ମୀ ବାସ କରନ୍ତି ନାହିଁ। ବାସ୍ତୁ ଶାସ୍ତ୍ରରେ, ସଫାସୁତୁରା ଘରକୁ ସମୃଦ୍ଧି ସହିତ ଯୋଡ଼ା ଯାଇଛି। ସେହିପରି ଡଷ୍ଟବିନ୍ ଖୋଲା ରହିଲେ ଖର୍ଚ୍ଚ ବଢ଼େ। ଏହାସହ ବିନା କାରଣରେ ଅର୍ଥାଭାବ ଦେଖାଦିଏ।



### ଏସିଆ କପ୍ ପୁରୁଷ ହକି

# ଚାମ୍ପିଅନ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ରାଜଗିର,୭।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ବିହାର ୟୁନିଭର୍ସିଟି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ଖେଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୪ର୍ଥ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୨ଟି, ସୁଖଜିତ ସିଂହ, ପେନାଲ୍ଟି କର୍ଣ୍ଣରରୁ ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଜୁଗରାଜ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ ବିଫଳ ହୋଇଥିଲେ। କୋରିଆ ପକ୍ଷରୁ ସୋନ ଦାଏନ୍ ଗୋଲ ଶୁଝାଇଥିଲେ। ଫାଇନାଲକୁ ଭାରତ ୪-୧ ଗୋଲରେ ଜିତିଥିଲା।ଏହି ବିଜୟ ଫଳରେ ଆସନ୍ତାବର୍ଷ

- ଭାରତର ଦିଲପ୍ରୀତ୍ ଫାଇନାଲର ଓ ଅଭିଷେକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ
- ଫାଇନାଲ୍‌ରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ୍‌ଙ୍କ ଗୋଲ

ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ଚୀନ୍‌କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ ଡବଲ ଗୋଲ ସ୍କୋର କରିଥିବା ଭାରତର ଫରୱାର୍ଡ ଖେଳାଳି ଦିଲପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ମୁକାବିଲା ଆରମ୍ଭ ହେବାମାତ୍ରେ ଭାରତ ଆକ୍ରମଣ ରଚନା କରିଥିଲେ। ଏହା ଫଳ ଦଳକୁ ପ୍ରଥମ ମିନିଟ୍‌ରେ ହିଁ ମିଳିଥିଲା। ବାମପଟୁ ଆକ୍ରମଣ ହୋଇଥିଲାବେଳେ ଡି ଭିତରେ ପାଇଥିବା ସୁଯୋଗକୁ ସୁଖଜିତ ସିଂହ ଗୋଲ ସ୍କୋର କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଖେଳର ୯ମ ମିନିଟ୍‌ରେ ବିପଜ୍ଜନକ ଖେଳଲାଗି ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜୁଗରାଜ ସିଂହ ମାରିଥିବା ଏହି ସଟ୍‌କୁ ଦକ୍ଷିଣ କୋରିଆ ଗୋଲରକ୍ଷକ ଦାଏହାନ୍ ଜାଙ୍ଗ୍ ଡାହାଣପଟେ ଅଟକାଇ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପର ଉପରେ ଆକ୍ରମଣର ମାତ୍ରା ବୃଦ୍ଧି କରିଥିଲେ। କିନ୍ତୁ ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ତା ଯୋଗୁଁ କେହି କାହାରି ଉପରେ ଗୋଲ ସ୍କୋର କରିପାରି ନ ଥିଲେ। ଖେଳର ୨୮ତମ ମିନିଟ୍‌ରେ ବାମପଟୁ ସଞ୍ଜୟଙ୍କ ପାସ ଦିଲ୍‌ପ୍ରୀତଙ୍କ ନିକଟରେ ପହଞ୍ଚିଥିଲା। କୋରିଆ ରକ୍ଷଣଭାଗ ଖେଳାଳିଙ୍କ ଅସାବଧନତା ଯୋଗୁଁ ଦିଲପ୍ରୀତ୍ ଏହି ସୁଯୋଗରୁ ଫାଇଦା ଉଠାଇ ଭାରତ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୨-୦ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ କୋରିଆ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗକୁ ଅତିକ୍ରମ କରିବାରେ ସମର୍ଥ ହୋଇ ନ ଥିଲା। ଜବାବରେ ଭାରତର ପ୍ରତ୍ୟାକ୍ରମଣକୁ ମଧ୍ୟ କୋରିଆର ରକ୍ଷଣଭାଗ ପ୍ରତିହତ କରିଥିଲେ। ୪୦ତମ ମିନିଟ୍‌ରେ କୋରିଆର କ୍ରମାଗତ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଦିଲପ୍ରୀତ୍ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଦଳ ଲାଗି ତୃତୀୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଭାରତ ଲାଗି ଚତୁର୍ଥ ତଥା ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲ ଦେଇଥିଲେ। କିନ୍ତୁ ଏହାର ପରମୁହୂର୍ତ୍ତରେ ସୋନ ଦାଏନ ଗୋଲ ଶୁଝାଇଦେଇଥିଲେ।

**ଏସିଆ କପ୍ ୧୯୮୨ରୁ ୨୦୨୫**

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୮୨ | ପାକିସ୍ତାନ | ଭାରତ |
| ୧୯୮୫ | ପାକିସ୍ତାନ | ଭାରତ |
| ୧୯୮୯ | ପାକିସ୍ତାନ | ଭାରତ |
| ୧୯୯୪ | ଦ.କୋରିଆ | ଭାରତ |
| ୧୯୯୯ | ଦ.କୋରିଆ | ପାକିସ୍ତାନ |
| ୨୦୦୩ | ଭାରତ | ପାକିସ୍ତାନ |
| ୨୦୦୭ | ଭାରତ | ଦ.କୋରିଆ |
| ୨୦୦୯ | ଦ.କୋରିଆ | ପାକିସ୍ତାନ |
| ୨୦୧୩ | ଦ.କୋରିଆ | ଭାରତ |
| ୨୦୧୭ | ଭାରତ | ମାଲେସିଆ |
| ୨୦୨୨ | ଦ.କୋରିଆ | ମାଲେସିଆ |
| ୨୦୨୫ | ଭାରତ | ଦ.କୋରିଆ |

- ବିସିସିଆଇର ରେକର୍ଡ ରୋଜଗାର

## ୫ବର୍ଷରେ ଆୟ ୧୪୬୨୭ କୋଟି

ମୁମ୍ବଇ, ୭।୯ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ରେକର୍ଡ ଆୟ ରେକର୍ଡସ୍ତରରେ ପହଞ୍ଚିଛି। ବିସିସିଆଇ ଗତ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ସେଥିମଧ୍ୟରୁ ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ୪ ହଜାର ୧୯୩ କୋଟି ଟଙ୍କା ରୋଜଗାର କରିଛି ବିସିସିଆଇ। ରାଜ୍ୟ ସଂଘଗୁଡ଼ିକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୨ ମାସ ପୂର୍ବେ ବୋର୍ଡର ମୋଟ୍ ବ୍ୟାଙ୍କ ବାଲାନ୍ସ ୨୦ ହଜାର ୬୮୬ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପରେ ମଧ୍ୟ ପାଣ୍ଠିରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ ବିସିସିଆଇ ଏଜିଏମରେ ଉପସ୍ଥାପିତ କରାଯାଇଥିବା ହିସାବ ଅନୁଯାୟୀ, ୨୦୧୯ ପରଠାରୁ ବିସିସିଆଇର ନଗଦ ଓ ବ୍ୟାଙ୍କ ଜମା ୬,୦୫୯ କୋଟିରୁ ବୃଦ୍ଧି ପାଇ ୨୦,୬୮୬ କୋଟିରେ ପହଞ୍ଚିଛି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିସିସିଆଇ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ଏହା ବ୍ୟତୀତ ୨୦୧୯ ପରଠାରୁ ସାଧାରଣ ପାଣ୍ଠି ମଧ୍ୟ ୩୯୦୬ କୋଟିରୁ ବୃଦ୍ଧି ପାଇ ୭୯୮୮ କୋଟିରେ ପହଞ୍ଚିଛି। ଅର୍ଥାତ୍ ଏଥିରେ ୪ ହଜାର ୮୨ କୋଟି ଟଙ୍କା ବୃଦ୍ଧି ହୋଇଛି। ସେହିଭଳି ଟିକସ ପ୍ରଦାନକୁ ନେଇ ବିଭିନ୍ନ ଟ୍ରିବ୍ୟୁନାଲରେ ମାମଲା ଜାରି ରହିଥିବାବେଳେ ବିସିସିଆଇ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଥିଲାଗି ସଂରକ୍ଷିତ ରଖିଥିବା ଜଣାପଡ଼ିଛି।

- ୧୪୮ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ

## ପ୍ରଥମ ଦୁଇ ବଲ୍‌ରେ ଓପନର୍ ଆଉଟ୍

ଓଣ୍ଟାରିଓ, ୭।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ମ୍ୟାଚର ପ୍ରଥମ ଦୁଇଟି ବଲ୍‌ରେ ଉଭୟ ଓପନର୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। କାନାଡା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଏକ ମ୍ୟାଚରେ ଏହି ଅଲୋଡ଼ା କୀର୍ତ୍ତିମାନ ସୃଷ୍ଟି ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କାନାଡା ପାଇଁ ଦୁଇ ଓପନର୍ ଅଲି ନଦୀମ ଓ ଯୁବରାଜ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ବ୍ରାଡ୍ କୁରୀଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ନଦୀମ ସ୍ଲିପରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟର୍ ପରଗତ୍ ସିଂହ ଷ୍ଟ୍ରାଇକ କରିଥିଲେ। ସେ ଦ୍ୱିତୀୟ ବଲକୁ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ। କିନ୍ତୁ ବଲ୍ ବୋଲରଙ୍କ ହାତ ବାଜି ନନ୍ ଷ୍ଟ୍ରାଇକ ପାଖର୍ ଷ୍ଟମ୍ପରେ ବାଜିଥିଲା। ଏହି ସମୟରେ ନନ୍‌ଷ୍ଟ୍ରାଇକରେ ଥିବା ଅନ୍ୟତମ ଓପନର୍ ଯୁବରାଜ କ୍ରିଜ ବାହାରେ ଥିବାରୁ ଦୁର୍ଭାଗ୍ୟଜନ ଭାବେ ରନଆଉଟ୍ ହୋଇଥିଲେ। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ପ୍ରଥମଥର ଏହା ଘଟିଛି।

### ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

## ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ





ଭୁବନେଶ୍ୱର, ୭।୯ (ସମିସ): ଜାମସେଦପୁରରେ ଶେଷ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ ଯୋଡ଼ି ଚାମ୍ପିଅନ ହୋଇଥିଲେ। ସେହିଭଳି ୧୯ ବର୍ଷରୁ କମ୍ ଜୁନିଅର ବର୍ଗର ପୁରୁଷ ସିଙ୍ଗଲ୍ସରେ ମୟଙ୍କ ଭରଦ୍ୱାଜ ମଧ୍ୟ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟ ପାଇଁ ତୃତୀୟ ସ୍ୱର୍ଣ୍ଣପଦକ ଜୁନିୟର ମିକ୍ସଡ ଡବଲ୍ସ ଇଭେଣ୍ଟରୁ ଆସିଥିଲା। ସ୍ୱିଟିପ୍ରିୟା ପ୍ରଧାନ ଓ ଜୟେଶ ଅଗରୱାଲ ଯୋଡ଼ି ଏଥିରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏକମାତ୍ର ରୌପ୍ୟ ପଦକ ତନ୍ୱୀ ପତ୍ରି ଜିତିଥିଲେ। ସେ ଜୁନିଅରବର୍ଗର ବାଳିକା ସିଙ୍ଗଲ୍ସରେ ଫାଇନାଲରେ ହାରିଯାଇଥିଲେ। ଉଲ୍ଲେଖଯୋଗ୍ୟ, କିଟ୍‌ରେ ଅଧ୍ୟୟନ କରୁଥିବା ଅବିନାଶ ଓ ତାଙ୍କ ପାର୍ଟନର ଆୟୁଷ ଗତ ମାସରେ ଘାନା ଇଣ୍ଟରନ୍ୟାସନାଲରେ ରୌପ୍ୟ ବିଜୟୀ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତକୁ ୨ ପଦକ

ଗ୍ୱାଙ୍ଗଜୁ, ୭।୯ (ଏଜେନ୍ସି): କୋରିଆରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତ ରବିବାର ଦୁଇଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଛି। ଋଷଭ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ଭାରତୀୟ ଦଳ କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୫-୨୩୩ ସ୍କୋରରେ ଶକ୍ତିଶାଳୀ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିଭଳି କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଜ୍ୟୋତି ସୁରେଖା ଓ ଋଷଭଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ୍ ଦଳ ଫାଇନାଲରେ ୧୫୫-୧୫୭ ସ୍କୋରରେ ନେଦରଲାଣ୍ଡସ ଯୋଡ଼ିଠାରୁ ହାରିଯାଇଥିଲା।

### ଦୁଲୀପ ଟ୍ରଫି କ୍ରିକେଟ

## କେନ୍ଦ୍ରାଞ୍ଚଳ-ଦକ୍ଷିଣାଞ୍ଚଳ ଫାଇନାଲ



ବେଙ୍ଗାଲୁରୁ, ୭।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତବର୍ଷର ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ହେବ। ଏଠାରେ ରବିବାର ଶେଷ ହୋଇଥିବା ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପଶ୍ଚିମାଞ୍ଚଳକୁ ପଛରେ ପକାଇ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳକୁ ଅତିକ୍ରମ କରି ଦକ୍ଷିଣାଞ୍ଚଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଏଠାରେ ସେପ୍ଟେମ୍ବର ୧୧ରୁ ୧୫ ଯାଏ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିଠାରେ ଖେଳାଯିବ। ଏହି ମୁକାବିଲାରେ କେନ୍ଦ୍ରାଞ୍ଚଳର ଅଫସ୍ପିନର ସାରାଂଶ ଜୈନ ଓ ଦକ୍ଷିଣାଞ୍ଚଳର ଏନ୍ ଜଗଦୀଶନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଆୟର ଫେଲ୍**

ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା। ଜବାବରେ ୬ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୬୦୦ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଥିଲା। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ଇନିଂସ ୮ ୱିକେଟରେ ୨୧୬ ରନ୍ କରିବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ପଶ୍ଚିମାଞ୍ଚଳ ପକ୍ଷରୁ ଜୟସ୍ୱାଲ ୬୪ ରନ୍ କରିଥିଲେ। କିନ୍ତୁ ପ୍ରଥମ ଇନିଂସରେ ୨୫ ରନ୍ କରିଥିବା ଶ୍ରେୟସ ଆୟର ଦ୍ୱିତୀୟ ଇନିଂସରେ ୧୨ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ହର୍ଷ ଦୁବେ ୩ଟି ଓ ସାରାଂଶ ଜୈନ ୫ଟି ୱିକେଟ ପାଇଥିଲେ।

**ଜଗଦୀଶନଙ୍କ ଶ୍ରେଷ୍ଠ ବ୍ୟାଟିଂ**

ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମେ ବ୍ୟାଟିଂ କରି ଏନ୍ ଜଗଦୀଶନଙ୍କ ୧୯୭ ରନ୍ ସହାୟତାରେ ପ୍ରଥମ ଇନିଂସରେ ୫୩୬ ରନ୍ କରିଥିଲା। ଜବାବରେ ଶୁଭମ ଶର୍ମାଙ୍କ ଶତକ ସତ୍ତ୍ୱେ ଉତ୍ତରାଞ୍ଚଳର ପ୍ରଥମ ଇନିଂସ ୩୬୧ରେ ଅଟକିଥିଲା। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଦକ୍ଷିଣାଞ୍ଚଳ ମ୍ୟାଚ୍ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧ ୱିକେଟ ହରାଇ ୯୫ ରନ୍ କରିଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଜଗଦୀଶନ ୫୨ ରନ୍‌ରେ ଅପରାଜିତ ରହିଥିଲେ। ଫାଇନାଲ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବ।

- ଦିନିକିଆ କ୍ରିକେଟ୍ ଇତିହାସରେ ବୃହତ୍ ବିଜୟ

## ଇଂଲଣ୍ଡଠୁ ୩୪୨ ରନ୍‌ରେ ହାରିଲା ଦକ୍ଷିଣ ଆଫ୍ରିକା

ସାଉଥାମ୍ପଟନ, ୭।୯ (ଏଜେନ୍ସି): ଦିନିକିଆ କ୍ରିକେଟ୍ ଇତିହାସରେ ଇଂଲଣ୍ଡ ସର୍ବବୃହତ୍ ବିଜୟ ହାସଲ କରିଛି। ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆରେ ଘରୋଇ ଇଂଲଣ୍ଡ ୩୪୨ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅଭିଜ୍ଞ ବ୍ୟାଟର୍ ଜୋ ରୁଟ୍ ଓ ଜ୍ୟାକବ ବେଥେଲଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୫୦ ଓଭରରେ ୫ ୱିକେଟ୍ ହରାଇ ୪୧୪ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ୧୯ତମ ଦିନିକିଆ ଶତକ ହାସଲ କରି ରୁଟ୍ ଠିକ୍ ୧୦୦ ରନରେ ଆଉଟ୍ ହୋଇଥିଲେ। ସେହିଭଳି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ବେଥେଲ ୮୨ ବଲରେ ୧୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୨୦.୫ ଓଭରରେ ମାତ୍ର ୭୨ ରନରେ ଅଲ୍‌ଆଉଟ୍ ହେବା ସହ ୩୪୨ ରନରେ ପରାସ୍ତ ହୋଇଥିଲା। ପୂର୍ବରୁ ୨୦୨୩ରେ ଭାରତ ୩୧୭ ରନରେ ବିଜୟୀ ଇଂଲଣ୍ଡ ଦଳର ଜୋଫ୍ରା ଆର୍ଚର ୪, ଆଦିଲ ରଶିଦ ୩ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍ ହାରିଥିଲେ ମଧ୍ୟ ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୫ ରନରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ୨-୧ରେ ସିରିଜ ବିଜୟୀ ହୋଇଛି।

**ଦିନିକିଆରେ ବୃହତ୍ ବିଜୟ (ରନରେ)**

| ଦଳ | ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୩୪୨ | ଦ.ଆଫ୍ରିକା | ୨୦୨୫ |
| ଭାରତ | ୩୧୭ | ଶ୍ରୀଲଙ୍କା | ୨୦୨୩ |
| ଅଷ୍ଟ୍ରେଲିଆ | ୩୦୯ | ନେଦରଲାଣ୍ଡସ | ୨୦୨୩ |
| ଜିମ୍ବାୱେ | ୩୦୪ | ଆମେରିକା | ୨୦୨୩ |
| ଭାରତ | ୩୦୨ | ଶ୍ରୀଲଙ୍କା | ୨୦୨୩ |

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍: ମହିଳା ଏକକ ଫାଇନାଲରେ ହାରିଲେ ଆମାଣ୍ଡା

# ଟାଇଟଲ୍ ବଜାୟ ରଖିଲେ ସାବାଲେଙ୍କା



ନ୍ୟୁୟର୍କ,୭।୯ (ଏଜେନ୍ସି)

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ଏକକ ଟାଇଟଲ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ରମାଗତ ଟାଇଟଲ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ସେହିପରି ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳିଭାବେ ଏକକ ବିଭାଗରେ ପ୍ରଥମ ଖେଳାଳିଭାବେ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଟପ୍ ସିଡ୍ ସାବାଲେଙ୍କା ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଓ ତାଙ୍କ ଟେନିସ ଜୀବନର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଏହା ସହ ଚଳିତବର୍ଷ ମଧ୍ୟ ଜଣେ ମହିଳା ଖେଳାଳିଭାବେ ସର୍ବାଧିକ ୫୬ଟି ମ୍ୟାଚ୍ ଓ ଏହାକୁ ମିଶାଇ ଗ୍ରାଣ୍ଡସ୍ଲାମ୍ ମୁଖ୍ୟ ଡ୍ର'ରେ ୧୦୦ତମ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛନ୍ତି।

ଚଳିତବର୍ଷ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଟାଇଟଲ ଜିତିବାରେ ସମର୍ଥ ହୋଇ ନ ଥିଲେ। ଶନିବାର ଫାଇନାଲରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଦୃଢ଼ତାର ସହ ଖେଳିଥିଲେ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଖେଳୁଥିବା ଏବଂ ଟେନିସ ଜୀବନରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫାଇନାଲ ଖେଳୁଥିବା ଆନିସିମୋଭା ଜୋରଦାର ଲଢ଼େଇ କରିଥିଲେ ମଧ୍ୟ ଚଳିତବର୍ଷର ୱିମ୍ବଲଡନ ସେମିଫାଇନାଲ ଫଳାଫଳର ପୁନରାବୃତ୍ତି କରିପାରି ନ ଥିଲେ। ଏହି ମୁକାବିଲାରେ ସାବାଲେଙ୍କାଙ୍କୁ ହରାଇ ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସାବାଲେଙ୍କାଙ୍କ ନିଖୁଣ ଖେଳ ଆଗରେ ଆନିସିମୋଭା ପ୍ରଥମ ସେଟ୍‌ରେ ଏକତରଫା ହାରିଯାଇଥିଲେ। ୩-୬ରେ ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ଦ୍ୱିତୀୟ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଏଥିରେ ସାବାଲେଙ୍କା ଚତୁର ଖେଳ ପ୍ରଦର୍ଶନ କରି ୭-୪ରେ ଟାଇବ୍ରେକରକୁ ଜିତିନେଇଥିଲେ। ଏଠାରେ ପରାଜିତ ହୋଇଥିଲେ ମଧ୍ୟ ଆନିସିମୋଭା ପ୍ରଥମ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି।

**ସିନ୍ନର-ଆଲକାରାଜ ମୁକାବିଲା**

ପୁରୁଷ ଏକକ ଫାଇନାଲରେ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ନଂ-୧ ମାନ୍ୟତାପ୍ରାପ୍ତ ଇଟାଲୀର ଜାନିକ ସିନ୍ନର ଓ ନଂ-୨ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଆଜି ରାତିରେ ଖେଳାଯିବାକୁ ଥିବା ଏହି ଫାଇନାଲ ମୁକାବିଲା ଜୋରଦାର ହୋଇଛି। ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡ଼ାର ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେଙ୍କୁ ପରାସ୍ତ କରିଥିଲେ। ସେହପରି ଅନ୍ୟ ସେମିରେ ଆଲକାରାଜ ୬-୪, ୭-୬, ୬-୨ରେ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ୩୮ ବର୍ଷୀୟ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆଲକାରାଜ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ନ ହାରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଯଦି ସେ କୌଣସି ସେଟ୍‌ରେ ନ ହାରି ଟାଇଟଲ ଜିତନ୍ତି ତେବେ ଏଭଳି ପ୍ରଦର୍ଶନ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହେବେ।

### ଜେବାଲୋସ୍-ଗ୍ରାନୋଲର୍ସଙ୍କୁ ପୁରୁଷ ଯୁଗଳ ଟାଇଟଲ



ନ୍ୟୁୟର୍କ,୭।୯ (ଏଜେନ୍ସି): ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ କାନାଡାର ମାସ୍ରେଲୋ ଗ୍ରାନୋଲର୍ସଙ୍କ ଯୋଡି ୟୁଏସ୍ ଓପନ ପୁରୁଷ ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ୫ମ ସିଡ୍ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ୬ଷ୍ଠ ସିଡ୍ ନିଲ ସ୍କୁପସ୍କି ଓ ଜୋ ସାଲିସ୍‌ବରୀଙ୍କୁ ୩-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ଗୋଟିଏ ବର୍ଷରେ ୨ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏମାନେ ଚଳିତବର୍ଷ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS